ଓଡିଶାର ପ୍ରଥମ ସଂପୂର୍ଣ୍ଣ ଓଡିଆ ସାହିତ୍ୟିକ ଇ-ପତ୍ରିକା

# ଆହ୍ୱାନ

ଚତୁର୍ଥ ବର୍ଷ, ଦ୍ୱିତୀୟ ସଂଖ୍ୟା, ଜୁଲାଇ ୨୦୧୦



# ଆହ୍ୱାନ

## (The Aahwaan)

ଓଡିଶାର ପ୍ରଥମ ସଂପୂର୍ଣ୍ଣ ଓଡିଆ ସାହିତ୍ୟିକ ଇ-ପତ୍ରିକା

ପ୍ରକାଶକ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

MBBS, PGDMCH, PGDHM

ବୀମା ନଗର, ବ୍ରହ୍ମପୁର, ଓଡିଶା



http://www.imcrew.com/?r=30698



ପବିତ୍ର ରଥଯାତ୍ରା ଉପଲକ୍ଷେ ''ଆହ୍ୱାନ''ର ଏହି ବିଶେଷ
ସଂସ୍କରଣକୁ ମହାପ୍ରଭୂ ଶ୍ରୀ ଜଗନ୍ନାଥଙ୍କ ଚରଣରେ
ଉପସ୍ଥାପନ କରୁଛି ।



http://www.imcrew.com/?r=30698

## ପ୍ରଚ୍ଛଦ ଚିତ୍ର

ରଥଯାତ୍ରାର ବିଶେଷ ସଂସ୍କରଣ, ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବିନା ପତ୍ରିକାଟିର ପ୍ରଥମ ପୃଷ୍ଠା ହିଁ ଫିକା ଲାଗିଥାନ୍ତା । ଏହି ପ୍ରଚ୍ଛଦକୁ ତିଆରି କରିବା ବେଳେ ମୁଁ ବିଶେଷ ଭାବରେ ଧନ୍ୟବାଦ ଦେବାକୁ ଚାହୁଁଛି ଚିତ୍ରରେ ଦେଖାଯାଉଥିବା ଓଡିଶୀ ନୃତ୍ୟାଙ୍ଗନା ମଧୁଲିତା ମହାପାତ୍ରଙ୍କୁ । ଫେସବୁକ୍‌ରେ ତାଙ୍କୁ ବନ୍ଧୁ ରୂପରେ ପାଇବାପରେ ତାଙ୍କର ଓଡିଶୀ ନୃତ୍ୟ ପ୍ରଦର୍ଶନର ଛବି ଦେଖିବା କ୍ଷଣି ମୁଁ ନିଶ୍ଚିତ କରିଦେଇଥିଲି ଯେ ଆଗାମୀ ସଂସ୍କରଣରେ ତାଙ୍କର ଗୋଟିଏ ନୃତ୍ୟରତ ଛବି ସ୍ଥାନଦେବି ବୋଲି ଏବଂ ସେ ଖୁସିରେ ମୋ ଅନୁରୋଧ ସ୍ୱୀକାର କରିଥିବାରୁ ମୁଁ ତାଙ୍କୁ ଅଶେଷ ଧନ୍ୟବାଦ ଦେବାକୁ ଚାହୁଁଛି ।

ଯଦିଓ ଏହି ପ୍ରଚ୍ଛଦ ନିର୍ମାଣ ବେଳେ ମୁଁ ଜାଣିନଥିଲି ଯେ ପ୍ରଚ୍ଛଦରେ କେଉଁ ସ୍ଥାନରେ କଣ ରହିବା ଉଚିତ (ଯେଥା ପତ୍ରିକାର ନାଁ, ପ୍ରକାଶକଙ୍କ ସୂଚନା ଇତ୍ୟାଦି) । ତଥାପି ଏହି ପ୍ରଚ୍ଛଦକୁ ପ୍ରଥମେ ଫେସ୍‌ବୁକ୍‌ରେ ଉପସ୍ଥାପନ କରି ଆପଣ ମାନଙ୍କଠାରୁ ଯେଉଁ ସ୍ନେହ ଓ ସଦିଚ୍ଛା ପାଇଛି, ସେଇଥିପାଇଁ ଆପଣ ସମସ୍ତଙ୍କୁ ମୋ ତରଫରୁ ଧନ୍ୟବାଦ ।

ସଂପାଦକ



http://www.imcrew.com/?r=30698




http://www.imcrew.com/?r=30698

# ସୂଚୀପତ୍ର


**ସଂପାଦକୀୟ** ------------------------------------ ୬

**ଚଳିତ ସଂସ୍କରଣର ବିଶେଷ**------------------------------ ୯

ରଥେ ତୁ ବାମନ ଦୃଷ୍ଟ୍ୱାଂ--------------------------- ୧୦

**ପଦ୍ୟ ବିଭାଗ**-------------------------------- ୧୪

ଚକାଡୋଳାଙ୍କ ପାଇଁ ଦୁଇଟି କବିତା-------------------- ୧୫

ବର୍ଷା------------------------------------- ୧୭

ଅବୁଝା ବସନ୍ତ------------------------------ ୧୮

ଭଜୁକିନା ରାମ ନାମରେ ଗୋବିନ୍ଦ-------------------- ୧୯

ଗୋପାଳପୂର କେତେଦୂର------------------------- ୨୦

ବୋମା ଫୁଟିବା ବେଳ--------------------------- ୨୧

ସାତ ଶଗଡ ନିଆଁ----------------------------- ୨୨

ପ୍ରତାରଣାର ସପ୍ତଫଣୀ -------------------------- ୨୩

ରୁଦ୍ଧ ବେଦନା------------------------------- ୨୪

ମହତ୍ତ୍ୱ------------------------------------ ୨୫

ତୁ କଣ ସେହି ଗୋପାଳପୁର----------------------- ୨୬

ନୀରବ ପ୍ରେମିକ------------------------------ ୨୭

ସାତ ଶଗଡ ନିଆଁ----------------------------- ୨୮

ଗୋପାଳପୁର, ଚାରୁଲତା ଓ ମୁଁ--------------------- ୨୯

କ୍ଳାନ୍ତ ଛାଇ-------------------------------- ୩୧

ସମ୍ଭାବନା--------------------------------- ୩୨

ଅମାନିଆ ଭଅଁର------------------------------ ୩୩




http://www.imcrew.com/?r=30698

**ଗଦ୍ୟ ବିଭାଗ**------------------------------------୩୪

ଜଗନ୍ନାଥ ସଂସ୍କୃତିର ଅବକ୍ଷୟ------------------------୩୫

ଜଗତେ କେବଳ-----------------------------୩୯

ଲାଲ୍ ସ୍ୱେଟର୍-------------------------------୪୬

ଏକ ଜୋତା ଦୋକାନର ଅନୁଭୂତି--------------------୫୧

ସର୍ତ୍ତ-----------------------------------୫୬

**ରମ୍ୟ ରଚନା**----------------------------------୬୩

ବ୍ୟାଙ୍କ୍ ଅଫ୍ ଵାଇଭ୍ସ--------------------------୬୪

**ଆମ ଗାଁ ହାଲଚାଲ**------------------------------୬୮

**ପ୍ରବନ୍ଧ ବିଭାଗ**---------------------------------୭୯

ଉପନ୍ୟାସ ସାହିତ୍ୟର ଗତି ଓ ପ୍ରକୃତ-----------------୮୦

ସୁଖ, ଶାନ୍ତିର ଆଧାର ପ୍ରେମ-----------------------୮୪

ଅସଲି ନକଲି-------------------------------୮୭

ଓଡିଆ ସାହିତ୍ୟ------------------------------୯୨

**ସମ୍ୟକ୍ ସୂଚନା**---------------------------------୯୫

ଦିଗପହଣ୍ଡି ଉପକାରାଗାର ପରିଦର୍ଶନ-----------------୯୬

ମାଗଣା ଶିଶୁ ସ୍ୱାସ୍ଥ୍ୟ ଶିବିର, ୨୦୧୦-----------------୧୦୧

**ଅନୁରୋଧ**-------------------------------------୧୦୪

**ବିଜ୍ଞାପନ ସୂଚନା**--------------------------------୧୦୬




http://www.imcrew.com/?r=30698



# ସଂପାଦକୀୟ

ଧନ୍ୟବାଦ

ଦୀର୍ଘ ଦେଢବର୍ଷର ଅପେକ୍ଷା ପରେ "ଆହ୍ୱାନ"ର ପୁନର୍ଜନ୍ମ ପାଠକ ପାଠିକାଙ୍କୁ ଭଲ ଲାଗିଥିବାରୁ ମୁଁ ବିଶେଷ ଆନନ୍ଦିତ। ହେବିନି ବା କେମିତି ? ବହୁତ କଷ୍ଟକରି ଏକ ପତ୍ରିକାକୁ ପ୍ରକାଶିତ କଲାପରେ ଏହାକୁ ପାଠକମାନେ ପଢି ହୃଦୟଙ୍ଗମ କରିପାରିଲେ ତା'ଠୁ ବଳି ଅଧିକ ଖୁସିର ବିଷୟ ବା କଣ ହୋଇପାରେ।

ଚଳିତ ବର୍ଷର ପବିତ୍ର ରଥଯାତ୍ରା ଉପଲକ୍ଷେ "ଆହ୍ୱାନ"ର ଏହି ବିଶେଷ ସଂସ୍କରଣ ପ୍ରକାଶିତ ହେଉଥିବାରୁ ମୁଁ ସମଗ୍ର ଓଡିଆ ଜାତିକୁ ଏବଂ ବିଶ୍ୱବ୍ୟାପୀ ଅସଂଖ୍ୟ ଓଡିଆ ଓ ଜଗନ୍ନାଥ ଧର୍ମାବଲମ୍ବୀଙ୍କୁ ଅଭିନନ୍ଦନ ଜଣାଉଛି। ଜଗନ୍ନାଥ ଯେ କେବଳ ଓଡିଶାର ବିଖ୍ୟାତ ଦେବତା କହିବା ଟା ଠିକ ହେବ ନାହିଁ। କାରଣ ସେହି ଜଗନ୍ନାଥ ତତ୍ତ୍ୱରେ ସମଗ୍ର ବିଶ୍ୱ ଅନୁପ୍ରାଣିତ। ଏଥିପାଇଁ ଜଗନ୍ନାଥ ଧର୍ମାବଲମ୍ବୀ କହିବାର ଆସ୍ଫାଳନ କରିପାରିଲି। ସେ ଯା'ହେଉ ରଥାରୂଢ ମହାପ୍ରଭୁଙ୍କ ଦର୍ଶନ କରି ପୁନର୍ଜନ୍ମ ଲାଭ ନ କରିବା ମୋହ ଅନେକଙ୍କୁ ଥାଇପାରେ ହେଲେ ଏ ଅଧମ ପୁଣିଥର ଏହି ଧରାବକ୍ଷରେ ଜନ୍ମ ନେବାର ଦୁର୍ବାର ଇଚ୍ଛାକୁ ବାରଣ କରିପାରୁନାହିଁ। ଭଗବାନଙ୍କ କୃତ ଏହି ମହାନ କୃତୀକୁ ମନଭରି ଦେଖିବାର ସୁଯୋଗ ଯେତେଥର ମିଳିଲେ ବି ପୁଣିଥରେ ଜନ୍ମ ନେଇ ଏହି ଧରାକୁ ଆସିବାର ଅଭିପ୍ରାୟ ସମାପ୍ତ ହେବ ନାହିଁ। ଯଦି ବୈକୁଣ୍ଠ ବୋଲି କିଛି ଥାଏ ତେବେ ତାହା ଏଇଠି ଅଛି, ଯଦି ସ୍ୱର୍ଗ ବୋଲି କିଛି ଥାଏ ତେବେ ତାହା ଏଇଠି ଅଛି। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣ ତଳେ ମୋର ସମସ୍ତ ସୁଖ ଦୁଃଖକୁ ଢାଳିଦେଇ ପୁଣିଥରେ ତାଙ୍କରି ଦେଶର ମଣିଷଟିଏ ହୋଇ ଜନ୍ମ


http://www.imcrew.com/?r=30698

ନେବାର ଅଭିଳାଷା ଏହି ଅଧମ କରୁଛି।

ଜୁଲାଇ ମାସର ଏହି ସଂସ୍କରଣରେ ଅନେକ ଲବ୍ଧପ୍ରତିଷ୍ଠିତ କବି ଓ ଲେଖକଙ୍କ କୃତୀକୁ ସ୍ଥାନ ଦିଆଯାଇଛି। ଏଠାରେ କହିଦେବାକୁ ଉଚିତ ମନେ କରୁଛି। ଜୁନ ମାସର ସଂସ୍କରଣ ପ୍ରକାଶିତ ହେବାପରେ ଜନୈକ ପ୍ରତିଷ୍ଠିତ ଲେଖକ (ପରିଚୟକୁ ଗୋପନ ରଖିବାକୁ ବାଧ୍ୟ ହେଉଛି) କହିଲେ ଯେ ପତ୍ରିକାଟି ଭଲ ହେଇଛି, ମାତ୍ର ସେଥିରେ ସାହିତ୍ୟ କାହିଁ? ଏହା ମୋତେ ଚିନ୍ତାରେ ପକାଇ ଦେଇଥିଲା। ପତ୍ରିକା ପ୍ରକାଶିତ କରିବାର ଦୀର୍ଘ ଚାରିବର୍ଷ ପରେ ହଠାତ୍ ଯେ ଦିନେ ମୁଁ ଏମିତି ସାହିତ୍ୟ କଣ ବୋଲି ଭାବିବି, ଏହା ମୋ ଚିନ୍ତା ଓ ଶୋଚନାରୁ ବାହାରେ ଥିଲା। ତଥାପି ମୁଁ କିଛି ଭାବିପାରିଲି ନାହିଁ। ସତ କଥା ବିଜ୍ଞାନର ଛାତ୍ର ମୁଁ, ସାହିତ୍ୟ କଣ ମୁଁ ବା କେମିତି ଜାଣିବି। ପିଲାଦିନୁ ଗଳ୍ପ ଓ କବିତା ପଢି ଭାବୁଥିଲି ତାହା ହିଁ ସାହିତ୍ୟ। ଓଡିଆ ବିଷୟରେ ପାସ ହୋଇଗଲେ ଭାବୁଥିଲି ଏହା ହିଁ ସାହିତ୍ୟ, ହେଲେ ବୋଧ ହୁଏ ମୋର ଧାରଣା ଭୁଲଥିଲା।

ଅବଶ୍ୟ ମୁଁ ବିଗତ କିଛି ଦିନ ଅନେକ ଲେଖକ ଲେଖିକାଙ୍କୁ ଭେଟି ଏହି ପ୍ରଶ୍ନ ଉପସ୍ଥାପନ କରିଥିଲି, ସାହିତ୍ୟ କଣ? ଏହାର ସନ୍ତୋଷଜନକ ଉତ୍ତରଟିଏ କିନ୍ତୁ ପାଇ ପାରିଲି ନାହିଁ, ଯଦି କୌଣସି ସହୃଦୟ ପାଠକ କିମ୍ବା ପାଠିକା ଏହି ପ୍ରଶ୍ନର ଉତ୍ତର ଦେଇପାରିବେ ତେବେ ସମ୍ଭବତ: ଆଗାମୀ ସଂସ୍କରଣରେ ଏହାକୁ ସ୍ଥାନ ଦେବାର ବ୍ୟବସ୍ଥା କରିବୁ।

ଚଳିତ ସଂସ୍କରଣ ଉପସ୍ଥାପନ କରିବାରେ ସହାୟତା କରିଥିବା ହେତୁ ଆହ୍ୱାନ ଆନ୍ଦୋଳନରେ ବ୍ରତୀ, ଆହ୍ୱାନ ଇନଫୋଟେକ ଓଡିଶାର ପ୍ରମୁଖ ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର, ସାନ ଭାଇ ତଥା ବନ୍ଧୁ ସୁଶାନ୍ତ ପଟ୍ଟନାୟକ ଓ ଅନ୍ୟ ସମସ୍ତ ସାହିତ୍ୟିକ ଓ ସାହିତ୍ୟିକା ବନ୍ଧୁମାନଙ୍କୁ କୃତଜ୍ଞତା ଜ୍ଞାପନ କରୁଛି। ଶେଷରେ ଏହି ଲମ୍ବା ଏବଂ ଅପେକ୍ଷାକୃତ ଅଣ-ସାହିତ୍ୟିକ ସଂପାଦକୀୟ ପାଇଁ କ୍ଷମାପ୍ରାର୍ଥନା କରି ଉପସ୍ଥାପନ କରୁଛି, ଚଳିତ ଋତୁର ରଥଯାତ୍ରା (ଜୁଲାଇ-୨୦୧୦) ବିଶେଷାଂକ। ଆଶା ପୂର୍ବ ସମସ୍ତ ସଂସ୍କରଣ ପରି ଏହା ଆପଣ ମାନଙ୍କୁ ଭଲ ଲାଗିବ।

ଜୟ ଜଗନ୍ନାଥ।

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ** (ସଂପାଦକ)


http://www.imcrew.com/?r=30698

# ଚଳିତ ସଂସ୍କରଣର ବିଶେଷ




http://www.imcrew.com/?r=30698

# ରଥେ ତୁ ବାମନଂ ଦୃଷ୍ଟ୍ୱାଂ

ଶ୍ରୀ ନିର୍ମଳ ମିଶ୍ର

ବିଶ୍ୱପ୍ରସିଦ୍ଧ ରଥଯାତ୍ରା କାଳରେ ବିଶ୍ୱ ପ୍ରାଣ ଜଗନ୍ନାଥ ନନ୍ଦିଘୋଷ ରଥରେ ବାମନ ଭାବରେ ଭକ୍ତମାନଙ୍କୁ ଦର୍ଶନ ଦେଇଥାଆନ୍ତି। ଶ୍ରୀ ଜଗନ୍ନାଥଙ୍କ ବାମନ ସ୍ୱରୂପ ଏବଂ ରଥସ୍ଥିତ ବାମନ ସ୍ୱରୂପ ସଂପର୍କରେ ଏଥର କିଛି ଆଲୋଚନା କରାଯାଉ। ବିଷ୍ଣୁ ସ୍ୱରୂପୀ ଜଗନ୍ନାଥ ଆଷାଢ ମାସରେ ବାମନ ଭାବେ ପୂଜିତ ହୋଇଥାଆନ୍ତି। ବ୍ରହ୍ମ ପୁରାଣରେ ଜଗନ୍ନାଥଙ୍କୁ ବାମନ ରୂପେ ଅବତାରଣା କରାଯାଇ କୁହାଯାଇଛି,;

*ନମୋ ବାମନରୂପାୟ ନମୋ ବାମନ କର୍ମଣେ*
*ନମୋ ବାମନ ନେତ୍ରାୟ ନମୋ ବାମନ ବାହିନେ।।*

ବ୍ୟାସକୃତ ପରମ୍ବ୍ରହ୍ମସ୍ତୋତ୍ରଂରେ ଜଗନ୍ନାଥଙ୍କୁ ବାମନ ରୂପରେ ଚିତ୍ରଣ କରାଯାଇ କୁହାଯାଇଛି,




http://www.imcrew.com/?r=30698

*କସ୍ୟପସ୍ୟ ଗୃହେ ଭୂତ୍ୱାମାୟୟା ବଟୁ ବାମନଃ*
*ଛଳୟିତ୍ୱା ବଳିଂନାଥା ଶକ୍ରମିନ୍ଦ୍ରଂ କୃତୋଽସିହି ।।*

ଶ୍ରୀ ଜଗନ୍ନାଥ ସହସ୍ରନାମ ସ୍ତୋତ୍ରଂ ରେ ବାମନ ରୂପୀ ଜଗନ୍ନାଥଙ୍କୁ କୁହାଯାଇଛି;
*ବଳି ବିଶ୍ୱ ବଳାଚାରୀ ବଳଦୋ ବଳିବାମନଃ*
*ଦରହାସଃ ଶରଚ୍ଚନ୍ଦ୍ରଃ ପରମଃ ପରପାଳକଃ।।*

ଏଥର ଆଷାଢ ମାସରେ ରଥାରୂଢ ଜଗନ୍ନାଥଙ୍କର ବାମନ ସ୍ୱରୂପ ବିଷୟରେ କିଛି କୁହାଯାଉ। ଇନ୍ଦ୍ରନୀଳମଣୀ ପୁରାଣରେ ଏହି ମର୍ମରେ କୁହାଯାଇଛି, ନନ୍ଦିଘୋଷ ରଥାରୂଢଃ ପ୍ରତ୍ୟକ୍ଷ ବାମନ ସ୍ୱୟଂ । ରଥସ୍ଥିତ ଜଗନ୍ନାଥଙ୍କୁ ବାମନ ଭାବେ ପରିଚିତ କରାଇ ବାମଦେବ ସଂହିତାରେ ଶିବ ପାର୍ବତୀଙ୍କୁ କହିଛନ୍ତି;
*ରଥସ୍ଥିତଂ ବାମନ କଂ ଚ ପଶ୍ୟେତ*
*ସଙ୍କର୍ଷଣଂ ବାଽ ପି ହି ଯସ୍ତୁ ପଶ୍ୟେତ୍*
*ଭଦ୍ରାଂ ତଥା ଜାପି ରଥସ୍ଥିତାଂଚ*
*ସ ଯାତି ନିତ୍ୟ ହରିଧାମ ପୂତମ୍।।*

ସୁତ ସଂହିତାରେ ପ୍ରକାଶ କରାଯାଇଛି, ରଥେ ତୁ ବାମନଂ ଦୃଷ୍ଟ୍ୱାଂ ପୁନର୍ଜନ୍ମଂ ନ ଭୂୟତେ । କପିଳ ସଂହିତାରେ ଠିକ୍ ଏହି କଥା ଉଲ୍ଲେଖ କରାଯାଇଛି, ଯଥା; ରଥସ୍ଥଂ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ଲଭତେ । ରଥ ଉପରେ ବାମନ ସ୍ୱରୂପୀ ଜଗନ୍ନାଥଙ୍କୁ ଦର୍ଶନ କଲେ ତାପ୍ରତ୍ରୟ ନଷ୍ଟ ହେବା ମତ ନୀଳାଦ୍ରି ମହୋ- ବ କାବ୍ୟରେ ବ୍ୟକ୍ତ କରା ଯାଇଛି। ଏହି କାବ୍ୟରେ କବି ଲୋକନାଥ ବିଦ୍ୟାଧର ଲେଖିଛନ୍ତି;
*ସାନ୍ଦ୍ର ରଥସ୍ଥ ବାମନ ସ୍ୱରୂପା ଦରଶନ କରି ଲୋକ କଳାପା*
*ତାପ୍ରତ୍ରୟ ଆଦି କରି ସମସ୍ତା ଅବହେଳାରେ କରନ୍ତି ବିଧ୍ୱସ୍ତା।।*

ଏଥର ରଥ ଉପରେ ବାମନ ସ୍ୱରୂପ ଜଗନ୍ନାଥଙ୍କ ଦର୍ଶନର ତାତ୍ପର୍ଯ୍ୟ ସଂପର୍କରେ କିଛି ଚର୍ଚ୍ଚା କରାଯାଉ। ଏଠାରେ ପ୍ରକାଶ ଯୋଗ୍ୟ ଯେ, ସ୍ନାନଯାତ୍ରା ପରେ ହିଁ ଶ୍ରୀ ଜଗନ୍ନାଥଙ୍କର ରଥଯାତ୍ରା ଅନୁଷ୍ଠିତ ହୁଏ। ଶ୍ରୀ ଜଗନାଥଙ୍କର ସ୍ନାନଯାତ୍ରା ଦର୍ଶନ କରି ଯିଏ ପବିତ୍ର ହୋଇଛି, କିମ୍ବା ମହାପ୍ରଭୁଙ୍କର ସ୍ନାନଜଳରେ ବିଧୌତ ହୋଇ ଯାହାଙ୍କର ଜ୍ଞାନ ଚକ୍ଷୁ ଉନ୍ମୀଳିତ ହୋଇଛି, ସେହି ଜଗନ୍ନାଥଙ୍କୁ ନିଜ ଦେହ ରଥରେ


http://www.imcrew.com/?r=30698

ବାମନ ରୂପରେ ଦର୍ଶନ କରିଥାଆନ୍ତି।

ଅଙ୍ଗୁଷ୍ଠ ମାତ୍ର ଏହି ଆତ୍ମା ପୁରୁଷ ରଥୀ ଭାବରେ ସମସ୍ତ ଦେହ ରଥରେ ଅବସ୍ଥାନ କରିଛନ୍ତି। ଅନ୍ତଦୃଷ୍ଟି ଉନ୍ମୀଳିତ ନହେଲେ, ଏହି ଆତ୍ମା ପୁରୁଷଙ୍କର ଦର୍ଶନ ମିଳେ ନାହିଁ। ବାହ୍ୟ ଦୃଷ୍ଟିରୁ ଦେଖିଲେ ରଥଯାତ୍ରାର ପ୍ରକୃତ ମୂଲ୍ୟ ଉପଲବ୍ଧି କରିହୁଏ ନାହିଁ। ଅନ୍ତଦୃଷ୍ଟି ବଳରେ ଦେଖିଲେ, କଠୋପନିଷଦର ଆତ୍ମତତ୍ତ୍ୱ ରହସ୍ୟ ଏହି ରଥଯାତ୍ରା ସହିତ ସଂପୃକ୍ତ ଥିବାର ଉପଲବ୍ଧି କରିହୁଏ। କଠୋପନିଷଦରେ କୁହାଯାଇଛି;

*ଆତ୍ମାନଂ ରଥିନଂ ବିଦ୍ଧି ଶରୀରଂ ରଥମେବଚ,*
*ବୁଦ୍ଧିଂ ତୁ ସାରଥୀଂ ବିଦ୍ଧି ମନଃ ପ୍ରଗ୍ରହମେବଚ।।*

ଅର୍ଥାତ୍, ଆତ୍ମା ହେଉଛି ରଥୀ ଓ ଶରୀର ହେଉଛି ରଥ। ବୁଦ୍ଧି ଏହି ରଥର ଚାଳକ ବା ସାରଥୀ ଓ ମନ ହେଉଛି ଏହାର ଲଗାମ୍। ଇନ୍ଦ୍ରିୟ ମାନେ ହେଉଛନ୍ତି ଏହାର ଅଶ୍ୱ ଏବଂ ସଂସାରର ବିଷୟମାନ ହେଉଛି ଏହି ଅଶ୍ୱମାନଙ୍କର ବିଚରଣ ମାର୍ଗ। ଜୀବାତ୍ମା ପରମାତ୍ମାଙ୍କ ଠାରୁ ବିଚ୍ଛିନ୍ନ ରହି ସଂସାରର ଅନିତ୍ୟ ସୁଖଶାନ୍ତି ଅନ୍ୱେଷଣରେ ବ୍ୟସ୍ତ - ବିବ୍ରତ। ଜୀବାତ୍ମାକୁ ସୁଖଶାନ୍ତି ଦେବାପାଇଁ, ଅଜ୍ଞାନର ଅମା ଅନ୍ଧାର ଦୂରକରି ପୂଣ୍ୟମୟ ଆଲୋକିତ ପଥରେ ପରିଚାଳିତ କରିବା ପାଇଁ ଶରୀରରୂପୀ ରଥ ରୂପରେ ପରମାତ୍ମା ରଥୀ ସ୍ୱରୂପ ବିରାଜମାନ। ଉତ୍କଳୀୟ କବି ଦ୍ୱାରକା ଦାସ ଦେହକୁ ରଥଭାବରେ କଳ୍ପନା କରି, ସେଥିରେ ମନ ରୂପକ ରାଜା ବିହାର କରନ୍ତି ବୋଲି ଦର୍ଶାଇଛନ୍ତି। ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦଙ୍କ ଦ୍ୱାରା ରଚିତ, ତତ୍ତ୍ୱମାଳା ପୁସ୍ତକରେ ଶ୍ରୀ ଶ୍ରୀ ରଥାଯାତ୍ରା ପ୍ରବନ୍ଧରେ ରଥ ଓ ବାମନ ତତ୍ତ୍ୱ ଯେଭଳି ଭାବେ ବର୍ଣ୍ଣିତ ହୋଇଅଛି, ତାହା ଏଠାରେ ପ୍ରଣିଧାନଯୋଗ୍ୟ। ନିଗମାନନ୍ଦ ଠାକୁର ଲେଖିଛନ୍ତି, ଯେଉଁ ସାଧକ ଆପଣାର ଦେହ ରଥରେ ଆତ୍ମା ସ୍ୱରୂପ ଜଗନ୍ନାଥ ଦେବଙ୍କୁ ବାମନ ରୂପରେ ଦର୍ଶନ କରନ୍ତି, ତାଙ୍କର ଆଉ ପୁନର୍ଜନ୍ମ ହୁଏନାହିଁ। - ରଥେ ତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ। ଏହି ବିଶ୍ୱାସର ବଶବର୍ତ୍ତୀ ହୋଇ ସମସ୍ତେ ପରିପୂର୍ଣ୍ଣ ପ୍ରାଣରେ ଭକ୍ତି ସହକାରେ ରଥାରୂଢ ଜଗନ୍ନାଥଙ୍କୁ ଦର୍ଶନ କରି ଯାଆନ୍ତି। - ଯୋଗୀ ଓ ଭକ୍ତମାନେ ଏହି ଦେହକୁ ରଥବୋଲି କଳ୍ପନା କରିଛନ୍ତି। ରଥ ଯେପରି ତ୍ରିତଳ ବିଶିଷ୍ଟ, ବାମନ ଦେହ ମଧ୍ୟ ସହସ୍ରାର, ହୃଦୟ ଓ ମୂଳାଧାର ଚକ୍ରରୂପରେ ତ୍ରିତଳ ବିଶିଷ୍ଟ। ଉର୍ଦ୍ଧ୍ୱତମ ଚକ୍ରରେ ସହସ୍ରଦଳ କମଳରେ ଶ୍ରୀ ଶ୍ରୀ ବାମନ ଦେବ ଅର୍ଥାତ୍, ଜଗନ୍ନାଥ ଦେବ ବିରାଜିତ ଅଛନ୍ତି। ବାମନ ଅବତାରରେ ସେ ତ୍ରିଭୂବନ ଅଧିକାର କରିଛନ୍ତି। ଏହି ହେତୁରୁ ସେ ଜଗତର ନାଥ- ଜଗନ୍ନାଥ। ଯଦି କେହି ଭାଗ୍ୟବାନ


http://www.imcrew.com/?r=30698

ସାଧକ ସାଧନାଦ୍ୱାରା ଏହି ଦେହ ରଥରେ ସହସ୍ରଦଳରେ ବାମନ ଦେବଙ୍କୁ ଦର୍ଶନ କରି ପାରନ୍ତି, ତେବେ ତାଙ୍କୁ ପୁନରାୟ ମର୍ତ୍ତ୍ୟରେ ଜନ୍ମଗ୍ରହଣ କରିବାକୁ ପଡେନାହିଁ। ମଧ୍ୟ ତଳ ହୃଦୟ, ଏହି ହୃଦୟ ଚକ୍ର ହିଁ ଭଗବାନଙ୍କର ଲୀଳାକ୍ଷେତ୍ର। ସମସ୍ତ ଅବତାର, ଦେବ ଦେବୀ ଓ ସେମାନଙ୍କର କାର୍ଯ୍ୟକଳାପ ଏହିଠାରେ ହିଁ ଦେଖିବାକୁ ମିଳେ। ନିମ୍ନ ତଳରେ ଅର୍ଥାତ ମୂଳାଧାର ଚକ୍ରରେ କାମାଦି ରିପୁଗଣ ଅବସ୍ଥାନ କରନ୍ତି। ବାମନ ଦେବ ରଥରେ ଉଠିବା ମାତ୍ରେ ଚତୁର୍ଦ୍ଦିଗରେ ଘଣ୍ଟ ଶଙ୍ଖ ଆଦି ବାଜି ଉଠେ। ତଳତାଲାରେ ସିଡି ପଡିଥାଏ। ଚତୁର୍ଦ୍ଦିଗରୁ ଭକ୍ତମାନେ ଆସି ଏକତ୍ର ହେଲେ କାମାଦି ରିପୁମାନେ ସପରିବାରେ ଦୂରକୁ ପଳାୟନ କରନ୍ତି। ସେତେବେଳେ ସତ୍ୱ, ରଜ ଓ ତମ: ତ୍ରିଗୁଣ ରଜ୍ଜୁ ରଥକୁ ବାନ୍ଧି ଆକର୍ଷଣ କରିବାରେ ଲାଗିଥାଏ।

ସୁଖଦୁ:ଖମୟ କାଳଚକ୍ର ଘୁରି ଠାକୁର ମନ୍ଦିର ନିକଟରେ ଉପନୀତ ହେଲେ ସେହି ରଜ୍ଜୁର ବନ୍ଧନ ଉନ୍ମୁକ୍ତ ହୁଏ। ରଥାରୂଢ ବାମନରୂପୀ ଶ୍ରୀ ଜଗନ୍ନାଥ ଆହ୍ୱାନ ପରିବାର ଓ ପାଠକ ବର୍ଗଙ୍କୁ ତ୍ରାଣ କରନ୍ତୁ। ପରିଶେଷରେ ଏହାହିଁ କାମନା।

ପୋଖରୀଆ ସାହି, ପୁରୀ


http://www.imcrew.com/?r=30698

# ପଦ୍ୟ ବିଭାଗ





http://www.imcrew.com/?r=30698

# ଚକାଡୋଳାଙ୍କ ପାଇଁ ଦୁଇଟି କବିତା

ଅମିୟବାଳା ପଟ୍ଟନାୟକ

## ଏକ

ଚେତନାର ବଡଦାଣ୍ଡେ ଦେହର ନନ୍ଦିଘୋଷ ରଥଚଡି
ସାକ୍ଷୀଟିଏ ପରି ତୁ ଯେ ବସିଛୁ, ରହିଛୁ,
ସେତିକି ସାହଚର୍ଯ୍ୟତ ତ ଅବଶ୍ୟ ଯଥେଷ୍ଟ
କିନ୍ତୁ ମୋ ସମଗ୍ର ଆଭିଜାତ୍ୟ
ତୋତେ ଖୋସାମତ କରୁଥିବା କାନକୁହାଙ୍କ
ଅବୁଝାମଣାରେ ଧୂଳି ଧୂସରିତ !

ମୋ ନିଖିଳ ହୃଦୟର ମହୋଦଧୀ ବେଳା,
ସୁଖ ସୌଦାଗର ମାନଙ୍କର ପ୍ରତାରଣାରେ କର୍ଦ୍ଦମାକ୍ତ
ଉଚ୍ଛୁଳା ଆନ୍ତରିକତାରେ ତାଙ୍କର
ଭାସିଯାଉଛି ମୁଁ ଲଂଘିକୂଳ
ତୁ ତ ମତେ ନର୍ଦ୍ଦମାକୁ ଫିଙ୍ଗି ଦେଇଛୁ
ଭାବି ଶ୍ୱାନ କି ଶୃଗାଳ,
ଭୂଜତଳେ ମତେ ଟାଣି ରଖିବା ତୋର କର୍ତ୍ତବ୍ୟ ବ୍ୟତୀତ !

ଘଟିଗଲା କେତେ ଦୁର୍ଘଟଣା ଦେଖିଲୁ ତୁ,
ବଡ ବଡ ଚକାଆଖି ଫେଇ,
ଶୁଣିଲୁ ତ ଡାହୁକ ମାନଙ୍କ ମିଳନ ଓ ବିରହର ଗୀତ
ବୋଲି ହୋଇଯାଏ ଯାହା ଚନ୍ଦନ କର୍ପୂର ପରି ଦେହ ସାରା
ସନ୍ଧ୍ୟାସ୍ନାନେ ତୋ ଚିନ୍ମୟ ଗାୟତ୍ରୀର
ମନ୍ତ୍ର ଉଚ୍ଚାରଣରେ ଧୋଇଯାଏ ବି ସେତକ !

ତୋର ଗୀତ ଗାଉଥାଏ ମାନ ସରୋବରରେ ଏକ ରାଜହଂସ
କିନ୍ତୁ ସେ ମୁଁ ନୁହେଁ,
ସମ୍ଭବତଃ ତୁମେ ଓ ମୁଁ ପରି ଶବର
ସେଠାରେ ନଥାଏ ପ୍ରବେଶ !


http://www.imcrew.com/?r=30698

## ଦୁଇ

କହ ଜଗନ୍ନାଥ !
ସ୍ପଷ୍ଟକରି କହ ତମେ, ସତ କରି କହ !
କେଉଁ ଦିବ୍ୟ ମୁହୂର୍ତ୍ତରେ ତମର
ସୃଷ୍ଟି ଆରମ୍ଭରୁ ଅଦ୍ୟାବଧି
କିମ୍ବଦନ୍ତୀର ସେହି ବହୁ ଚର୍ଚ୍ଚିତ
କେବେ କରୁଣାର ଦୃଷ୍ଟି ପଡିବ ମୋଠାରେ !

କୌଣସି ଗୁଣେ ତ ଆର୍ତ୍ତ ଡାକରା ମୋହର,
ମୃଗୁଣୀ, ହସ୍ତୀ, ଦ୍ରୌପଦୀଙ୍କ ଠାରୁ
ଊଣା ନୁହଁ, ନୁହେଁ କମ୍
ଏକଥା ତମଠୁ ଅଧିକ କିଏ ଜାଣିଥାଇ ପାରେ !

ଅଥଚ ମୁଁ ପ୍ରସ୍ତୁତ ନୁହେଁ
ବ୍ୟାଧ କିମ୍ବା କୁମ୍ଭୀରର ପ୍ରାଣ ବିନିମୟେ
କେଉଁ ସ୍ୱାର୍ଥପର ମୁକ୍ତିର
ନିଷ୍ଠୁର କାମନାର ସମ୍ଭାବନା ସର୍ତ୍ତରେ
ମାନିବାକୁ ବରଦାନ ତୁମ
ମାଡିବାକୁ ବହୁ ପ୍ରଚାରିତ
ପତିତ ପାବନ ବାନାର ତୁଚ୍ଛା ବିବାଦରେ !

ତୁମେ ବେଳେ ବେଳେ ଏପରି ବି ହୁଅ
ଆଜ୍ଞା ତୁମ କାମ କରେନାହିଁ,
ପତ୍ର ବି କଅଁଳେ ନାହିଁ ଥୁଣ୍ଟା ଗଛଟିରେ
ମରିପଡିଥିଲେ ମୃତ୍ୟୁପର୍ଣ୍ଣ ଲୋକଟିଏ
ଥରେ ହେଲେ ଆଉଁସେନା କେହି ତାକୁ
ତୁମ ବଡ ବଡ ଚକାଆଖି
ଡବ ଡବ ଚାହିଁ ରହିଥାଏ
ନିରୁପାୟ ନିରବତାରେ !
ଘଞ୍ଚ ନିଷ୍ଫଳତାରେ !


http://www.imcrew.com/?r=30698

# ବର୍ଷା

ଶିବ ପ୍ରସାଦ ଦାଶ

ବର୍ଷା ହେ ତୁମେ ଶୀତଳ ସ୍ପର୍ଶ, ଶାନ୍ତ ଜଳଦ ଜଳଧାରା
ବର୍ଷା ହେ ତୁମେ ଆସୁନାହଁ କାହିଁ ଚାହିଁ ରହିଅଛି ବସୁନ୍ଧରା
କୃଷ୍ଣଚୁଡାରେ ଫୁଟାଇ ଫୁଲରେ ତୋରଣ କରିଛି ତୁମଲାଗି
ମେଘ ମହ୍ଲାର ସୁରେ ଗାଇ ଗାଇ ପିକ ଯେ ହେଲାଣି ବଇରାଗୀ
କାହିଁଗଲ ତୁମେ ବର୍ଷା
ନିଦାଘ ଦାଉରୁ ମୁକ୍ତ କରଗୋ ! ସହି ହେଉନି ତା ଇର୍ଷା।

ଶଶୀ ମଣ୍ଡଳ ଦୂରେ ଥିଲେ ପରା ତୁମେ ଆସ ଶେଷ ମଳୟରେ
ପଶ୍ଚିମ ଦିଗରୁ ଝାଞ୍ଜିବହଇ, ଧୂଳି ଉଡେ ଦିଗବଳୟରେ
ପିଂପୁଡି ଦେହେ ପକ୍ଷୀଲାଗିଲାଣି ମାଟିର ଉତ୍ତାପ ଗନ୍ଧରେ
କଳା ପିଂପୁଡି ତା ବୋଝଧରି ଧାଏଁ ରଖିଦେବ ଉଚ୍ଚା ରନ୍ଧ୍ରରେ
ତୁମକୁ ସ୍ୱାଗତ କରି
ଚାହିଁଛୁ ସଭିଏଁ ଆସଗୋ ବର୍ଷା ! ମୌସୁମୀ ବେଶ ଧରି ।

ଭାରୀ ଅଭିମାନୀ ବର୍ଷା ଗୋ ତୁମେ ଧୈର୍ଯ୍ୟ ତୁଟିଲେ ଜଗତର
ଧିରେ ଧିରେ ଆସି ସଂଚରି ଯାଅ ଛୁଇଁ ବଣଭୂଇଁ ପ୍ରସ୍ତର
ଧୂଳି ଧୂସରିତ ରୁକ୍ଷ ପୃଥିବୀ ତୁମ ପରଶରେ ଲାଗେ ନୁଆଁ
ନଈ, ନାଳ, ବନ୍ଧ ପୂରିଯିବା ଦେଖି ବେଙ୍ଗୁଲୀ ସାଜଇ କନିଆଁ
ତୁମ ତେଉ ତେଉ ଚାଲି
ସହିତ ନାଚନ୍ତି ଗାଁ ଦାଣ୍ଡେ ଛୁଆ କାଗଜ ଡଙ୍ଗା ମେଲି।

ତଥାପି ତୁମର କି ହୋଇଛି କୁହ ଅବଗୁଣ୍ଠନ ଖୋଲି
ଏ ଜନମାନସେ ନୋହେ ଅନୁଗତ ଭାରୀ ବେଇମାନୀ ବୋଲି
ତଡିତ୍, ବଜ୍ର ନିନାଦ, ବାତ୍ୟା ବନ୍ୟାରେ ଦିଅ ଧୋଇ
ପୁଣି କେତେବେଳେ ପହଣ୍ଡି ହେଉଛି ଭାରି ଗୁମସୁମ୍ ହୋଇ
ସତରେ ମଉନାବତୀ
ସ୍ୱାଗତ କରୁଛୁ ବର୍ଷା ହେ ତୁମେ ଆସ ଚଞ୍ଚଳ ଅତି।


http://www.imcrew.com/?r=30698

# ଅବୁଝା ବସନ୍ତ

ସୁଶାନ୍ତ କୁମାର ପଟ୍ଟନାୟକ

ସମୁଦ୍ରଟିଏ ପାଲଟିଗଲାପରେ
ଅବାଧ୍ୟ ଅବୋଧ ଶିଶୁଟିଏ ପରି
ଭସେଇ ନେଉଚ, ଅକାତ କାତ ଢେଉରେ।
ମୋର ବା ଯୁ କେତେ ଯେ'
ପ୍ରତିଯୋଗୀତା କରି ମୁକୁଳି ଆସନ୍ତି
ବରଂ ଭାସିଯିବା ଆଗରୁ
ବାଲି ଭାଗରେ ଅନେକଥର ଗୋଡ ପୁରେଇ
ବସା ତିଆରି ବସନ୍ତକୁ ଡାକିଚି
ମୃଦୁ୍ୟ ମଳୟରେ ଶୀତେଇ ଯିବାକୁ ଦେହ
କୋଉ କାଳୁ ପ୍ୟାଣ୍ଟ ସାର୍ଟତକ
ଓହ୍ଲେଇ ଦେଇ ଆସିଛି କୂଳରେ
ତିନ୍ତି ଯିବାର ଭୟରେ
ଏବେ ଖାଲି ଅଣନିଃଶ୍ୱାସୀ ହୋଇପଡୁଚି
ଆଖି ପାଉନଥିବା ଦେହର ଦୂର ଦିଗବଳୟରେ
ରାଶି ରାଶି ଉତ୍ତାଳ ତରଙ୍ଗରେ
କେମିତି ଲୁଚେଇ ରଖିଚ ଅସ୍ତିତ୍ୱ
କୋଉ ଚାଲାକିପଣରେ ପିନ୍ଧେଇ ଦେଇଚ
ନୀଳ ନୀଳ ପୋଷାକ
ଧୋଇଦେଉଚ ଆଇଁସିଆ ଆଇଁସିଆ ଗନ୍ଧରେ
ତଥାପି ଫୁଲପରି ବାସୁଥାଏ
ପାଖକୁ ଆ' ଆ' ଡାକ ଶୁଭୁଥାଏ
କୂଳରେ ଛାଡିଦେଇ ଆସିଥିବା ପୋଷାକ ଯେ-
କୋଉ ଦିନୁ ଭିଜି ଭିଜି ଶୁଖିଲାଣି।

ଆଉ ମୋ କଥା ଛାଡ,
ମାନ ସରୋବର ଭାବି କୋଉ କାଳୁ
ଲୁଚିଛି ଯେ' ଲୁଚିଛି-
ଅତଳ ଗହ୍ୱରେ
ଉଜାଣି ସ୍ରୋତର ଘର୍ଘର ନାଦରେ
ଅମରତ୍ୱ ପାଇଯିବାର ଲମ୍ବା ଇଚ୍ଛା ମାନଙ୍କରେ।


http://www.imcrew.com/?r=30698

# ଭଜୁକିନା ରାମ ନାମରେ ଗୋବିନ୍ଦ

ସୁଶାନ୍ତ କୁମାର ପଟ୍ଟନାୟକ

ପାରିବ ଯଦି
ଶୁଣ।
ଗୋପାଳପୁର ଆଜି,
ଖୋଲିଦେବ
ସମସ୍ତ ଶୋଷ
ଅବଶୋଷ
ହସ କାନ୍ଦର
ମିଠା ମିଠା ଜହର।
ହଁ, ମୁଁ ଗୋଟେ
ଘଟଣା ଚକ୍ରରେ ପଡି
ଅନେକ ଦୁର୍ଘଟଣାର
ଗୋଛା ଗୋଛା ଅତୀତ ନୁହେଁ ଯେ
ତମ ଇଛା ମୁତାବକ
ଖୋଲିବ ପଡିବା ଶେଷରେ
ବନ୍ଦ କରିଦେବ।
କି' ମାଆଟିଏ ପୁଅଝିଅ ପାଇଁ
ମାଗିଥିବା ସକାଳଟେ ନୁହେଁ ଯେ
ସୁନେଲୀ ଆଖିଖଣ୍ଡେ ଧରି
ଉଡିଯାଉଥିବା ପକ୍ଷୀଙ୍କର
ନଖ ସବୁ ଗଣିବାକୁ ଜଗିଥାନ୍ତି ?
ସତରେ ! କହିବାକୁ ଗଲେ
ମୁଁ ଗୋଟେ ଝରି ପଡୁଥିବା
ସୁନ୍ଦ୍ର ସତ୍ୟର ବର୍ତ୍ତମାନଟେ ଯେ
ପ୍ରତି ମୁହୂର୍ତ୍ତ, ଶୁଣେଇଚି
ଟୀର ସବୁଜ ସ୍ୱର
ତମ ଥର ଥର କଣ୍ଠର
ଦଦରା ବେହେଲାରେ
ଉଦାସ ଚେହେରାରେ
କେନ୍ଦରାର ଗୀତ
ଭଜୁକିନା ରାମ ନାମରେ ଗୋବିନ୍ଦ।


http://www.imcrew.com/?r=30698

# ଗୋପାଳପୁର କେତେ ଦୂର

ଦିଲ୍ଲୀପ କୁମାର ଚୌଧୁରୀ

ପ୍ରଥମ ପ୍ରେମର ପ୍ରଥମ ପୁଲକ
ପ୍ରଥମ ପ୍ରେମୀ ଗୋପାଳପୁର।
ବାଲି ଓ ବାଲୁକା, ବେଳାଭୂମି ସହ
ଜୁଆର ଭଟ୍ଟା ବି ଗୋପାଳପୁର।୧।

ଦୁଃଖର ଭାଷା ସୁଖର ସାଥୀ
ଶୁଣୁଥାଏ ସିଏ ଗୋପାଳପୁର।
ସାନ୍ତ୍ୱନା ଦିଏ ସଂଯମ କୁହେ
ପ୍ରେମର ପ୍ରତୀକ ଗୋପାଳପୁର।୨।

ଲେଖି ହୋଇଯାଏ ମନର କଥା
ନେଇ ପହଞ୍ଚାଏ ଗୋପାଳପୁର।
ସଭିଏଁ ଆସନ୍ତି ସଭିଙ୍କୁ ମିଶନ୍ତି
ମିଳନର ହାଟ ଗୋପାଳପୁର।୩।

ନେଇଯାଏ ବୋଲି କହନ୍ତି ହେଲେ
ନିଏ ନାହିଁ କିଛି ଗୋପାଳପୁର।
ସୁଖ ଶାନ୍ତି ମୁକ୍ତି ବାଣ୍ଟୁଥାଏ
ହସି ହସାଏ ସେ ଗୋପାଳପୁର।୪।

ଭାବର କବିତା ଭାଷାର କାହାଣୀ
ଚିରନ୍ତନ ଲେଖା ଗୋପାଳପୁର।
ଆଖି ବୁଜିଦେଲେ ହୃଦୟ ଭିତରେ
କେତେ ଦୂର ଅବା ଗୋପାଳପୁର।୫।


http://www.imcrew.com/?r=30698

# ବୋମା ଫୁଟିବା ବେଳ

ଦିଲ୍ଲୀପ କୁମାର ଚୌଧୁରୀ

ପ୍ରେମ ଅପେକ୍ଷା
ପ୍ରତାରଣାର ପ୍ରାଦୁର୍ଭାବ,
ଗ୍ରହ ସଂଖ୍ୟା କମାଇ
ଉପଗ୍ରହରେ ଗୃହ ନିର୍ମାଣ
ସଂରକ୍ଷଣ ଅଧିକାରକୁ
ଦସ୍ୟୁର ପାତ୍ରରେ ଅର୍ପଣ।
ବିଶ୍ୱାସର ଚାବିକାଠି ଦେଇ
ଅବିଶ୍ୱାସର ତାଲା ଆଭରଣ
ନିଜଠୁ ଠାକୁର ଯାଏଁ
ଛଳନାର ବୀଜବପନ।
ସ୍ୱର୍ଗପଟେ ଥିବା ତୀର ଚିହ୍ନକୁ
ନର୍କପଟେ ଘୁରେଇବା
ପଥଭ୍ରଷ୍ଟ ପଥିକ କୁ
ଗର୍ତ୍ତ ମୁହଁ କରାଇବା।
ପୂଣ୍ୟ କଳସରେ
ପାପର ଡାଙ୍କୁଣି ଦେବା,
କ୍ଷୀର ପାଇଁ ଗୋମାତାରେ
ବିଷ ପ୍ରୟୋଗ କରିବା
ଏଇ ସବୁ ଅବିବେକ ସୂତାରେ
ଫୁଲମାଳ କରି ଦେଇ
ଫିଙ୍ଗି ଦେଉଥିବା ବେଳ
ବୋମା ଫୁଟାଇବା ବେଳ।


http://www.imcrew.com/?r=30698

# ସାତ ଶଗଡ ନିଆଁ

ଦୁଃଖୀଶ୍ୟାମ ସେଠୀ

ଏହିବର୍ଷ ଯାହା ଖରାଦେଲା ସେତ ସାତ ଶଗଡ ନିଆଁ,
ଝାଞ୍ଜିପବନ ଝାଳୁଆ ଦେହକୁ ମାରିଲା ତତଲା ଚିଆଁ।୧।
ଦେହସାରା ଖାଲି ଗରମ ଫୋଟକା ଲୋକେ ହେଲେ ଛଟପଟ
କ୍ରୋଧରେ ଅଗ୍ନିଖରା ରୂପେ ଅବା କରିଲା ପ୍ରଳୟ ନାଟ।୨।
ସବୁଜ ସୁନ୍ଦର ବୃକ୍ଷରାଜିକୁ ମଣିଷ ଧ୍ୱଂସ କଲା
ସମୟ କ୍ରମରେ ସୃଷ୍ଟି ନିୟମ ସବୁ ବ୍ୟତିକ୍ରମ ହେଲା।୩।
ଜଙ୍ଗଲ ହାଣି ମଣିଷ କରିଲା ଖଣି ଖାଦାନର ବୃଦ୍ଧି
କଳ କାରଖାନା ଅଧିକ କରିଲା ଘଟାଇ ବ୍ୟାପକ ବୁଦ୍ଧି।୪।
ବୃକ୍ଷରାଜିର ଛାୟା, ଫଳ, ଫୁଲ ସ୍ୱପ୍ନ ହୋଇଲା ସବୁ
ବିଜ୍ଞାନର ଶକ୍ତି ବଳରେ ମଣିଷ ସୃଷ୍ଟିକୁ କରିଲା କାବୁ।୫।
ଅଙ୍ଗାରକାମ୍ଳ ଶୋଷଇ ବୃକ୍ଷ, ଦିଅଇ ଅମ୍ଳଜାନ
ପ୍ରାଣୀ ଜଗତର ପ୍ରାଣ ଉପାଦାନ ଧିରେ ଧିରେହେଲା ଶୂନ୍ୟ।୬।
ବୃଦ୍ଧିପାଉଛି ରୋଗ ଜଟିଳତା ଆୟୁଷ ହୋଇଲା କ୍ଷୟ
କହୁଛି ମଣିଷ "ସମୟ ଦୋଷରୁ ଘଟୁଅଛି ବିପର୍ଯ୍ୟୟ"।୭।
ଜଙ୍ଗଲ ହେଲା ବୃକ୍ଷ ବିହୀନ ମେଘରୁ ଶୁଖିଲା ଜଳ
ଜଳବିନା ଅଂଶୁଘାତରେ ମରଣ ହୋଇଲା ତାହାର ଫଳ।୮।
ଜଳ ଅଭାବରେ ମରିଲା ଫସଲ ଭୋକରେ ଜଳିଲା ପେଟ
ପେଟକୁ ଆଉଁସି ବିକଳେ ମଣିଷ ହେଲେ ଖାଲି ଛଟପଟ।୯।
ମଣିଷ ଭୋଗୁଛି କୃତକର୍ମର ପରିଣାମ ଭୟଙ୍କର
ବୃକ୍ଷ ରୋପଣ କରିଲେ ସକଳ ଦୁଃଖ ହୋଇଯିବ ଦୂର।୧୦।


http://www.imcrew.com/?r=30698

# ପ୍ରତାରଣାର ସପ୍ତଫେଣୀ

ନମିତା ଦାଶ (ନିତୁ)

ନଶ୍ୱର ପୃଥିବୀରେ କ'ଣ ବା ଚିରସ୍ଥାୟୀ
ନା ତମେ, ନା ମୁଁ !
ନା ଏ ଜୀବ ଜଗତ, ନା ଯଶ ଅପଯଶ
ତେବେ ବି ଡରିଲ !
ମୁଁ କାଳେ ଅମରତ୍ୱ ପାଇଯିବି
ହଁ, କିଛି କିଛି ସମ୍ମାନ ହୁଏତ
ମୋର ନାଁ ଟାକୁ ଅମର କରି ଦିଅନ୍ତେ,
ଚାଲୁଥିଲି ଝୁଣ୍ଟି ଝୁଣ୍ଟି ଡରରେ
ଚାଲିବା ଛାଡି ବସି ବସି ଏରୁଣ୍ଡିବନ୍ଧ

ପାର କଲି କିଛି ଦିନ।
ହାତଟା ବଢେଇ ଠିଆ କରେଇଲ
ଚାଲିବାକୁ ବାଧ୍ୟ କଲ।
ଝୁଣ୍ଟିବାଟା ବାଧିଲାନି।
ଚାଲୁ ଚାଲୁ ଧାଇଁଲି।
ପ୍ରତିଯୋଗୀତାରେ ସ୍ଥାନ ପାଇଲି,
ଆଉ ସମ୍ଭାଳିଲନି, ତମେ ବି ଜଣେ ଦୌଡାଳୀ,
ଭୟ ପାଇଲ, କଦବା ତମ ସହ ମୋର
ପ୍ରତିଯୋଗୀତା ହୋଇଯାଇପାରେ
ଦଉଡିବାର ବାଟ ବନ୍ଦ କରିବ ଭାବିଲ !
ତେବେ କଣ ପାଇବ?
ଏ ଝୁଣ୍ଟିବା ଭିତରେ ଅନେକ ପ୍ରତାରକର
ଘନିଷ୍ଠ ବନ୍ଧୁ ସାଜିସାରିଛି
ଚାଲିବା ମୁଁ ଶିଖି ସାରିଛି।
ଉଡିବାର କଳା କଉଶଳ
ସାଥିରେ ଧରି ବୁଲୁଛି।


http://www.imcrew.com/?r=30698

# ରୁଦ୍ଧ ବେଦନା

ନମିତା ଦାଶ (ନିତୁ)

ହୁଏତ ତୁମକୁ ମୋର କିଛି
କହିବାର ନଥିଲା,
ବାକ୍ ଚାତୁରୀର ଅଭାବ
ଶାଣଦିଆ ଛୁରୀର ଧାରେ ଧାରେ
ପଦ ସଂଯୋଜନା। ତୁମକୁ
କଷ୍ଟ ଦେଲା ନିଶ୍ଚୟ।
ତୁଳୀ ତଳ୍ପରେ ବିଶ୍ରାମ ନେଉଥିବା
ଅଲିଅଳି କନ୍ୟାରତ୍ନ,
ହୋମ ଅଗ୍ନିରେ ନିକ୍ଷେପ ହେବାପରେ
ତିଳ ତିଳ ଦହନ, କେମିତି
ଶ୍ରୀହୀନ କରି ପକାଇଲା ।
ସ୍ପର୍ଶ କାତର ତନୁରେ ଯେମିତି

ଅଛୁଆଁ ବ୍ୟାଧି କିଛି ବ୍ୟାପିଗଲା
ସ୍ପର୍ଶରେ ଆଉ ଶିହରଣ ଜନ୍ମେନି,
ପଥର ପ୍ରାୟ କଠୋର, ସ୍ଥାଣୁ, ସ୍ତବ୍ଧ।
ମିଛରେ ମଣିଷ ପଦବାଚ୍ୟ ହେବାରେ
କିଛି ଭାବ ଥାଏନା।
ଅତୀତ ରୋମନ୍ଥନର ଜୁଇରୁ
ସତେ ଯେମିତି ଉଠି ଆସେ ସେଇ
ଅର୍ଦ୍ଧଦଗ୍ଧ ମଲା ଦେହଟା।
ଆଶାତୀତ ସମବେଦନା ଟିକେ
ପାଇବାର ଆଶା - ଆଜି ବି ଜାଗ୍ରତ।
ଯାହା ଅକୁହା ହୁଏତ କହିବାର ନଥିଲା।
କଳଙ୍କିନୀ ସାଜିବାର ନଥିଲା
ତୁମକୁ ସାଥୀ କିଛି କହିବାର ନଥିଲା ।


http://www.imcrew.com/?r=30698

# ମହତ୍ତ୍ୱ

ପ୍ରମିଳା ମହଲା

ଦେଉଳ ତୋଳିଲେ
ଯେଉଁ ନାଁ,-
ବାଟରେ---
ସେଇ ଏକଇ କଥା
ହୋଇଥିଲେ ବି
ନାଁ-ର ପଦବାଚ୍ୟରେ
ଥାଏ ଯୋଗ୍ୟତାର ଭେଦ
ଧର୍ମ କର୍ମର
ସୀମାହୀନ ସ୍ୱାଦ
ଯେମିତି ସତମିଛ
ପାପ-ପୂଣ୍ୟ
ଧର୍ମ-କର୍ମ
ଦିନ ଆଉ ରାତିର
ମହତ୍ତ୍ୱରେ

କିଛି ଅଛି ବୋଲି
ଦିନର ଆଲୋକରେ
ଖୋଲିଯାଏ ପଦ୍ମର
ଚବିଶ ପ୍ରାଙ୍ଗଣର ଦ୍ୱାର
ରାତ୍ରୀର ଅନ୍ଧକାରରେ
ଖିଲି ହସୁଥାଏ ନିଶିଗନ୍ଧା
ଏବଂ ଜହ୍ନ ଜାହ୍ନବୀଙ୍କ ଶୀତଳତା
ସ୍ନିଗଧ ଓ ସୁନ୍ଦର
ମହତ୍ତ୍ୱର ମହତ୍ତ୍ୱ ନଥିଲେ
ହୁଏତ- ବର୍ଷ ବର୍ଷ ଅପେକ୍ଷାରେ
ବସିନଥାନ୍ତା ଚାତକୀ
ପବିତ୍ର ଜଳ ଟୋପେ ପାଇଁ,
ଜୀବନକୁ ବାଜି ରଖି
ମନୁଷ୍ୟ ଥାପୁ ନଥାନ୍ତା ପାଦ
ଉହ ଉହ ନିଆଁର ଭାଟିରେ
କିଛିଟା ଆଶା ପୂର୍ଣ୍ଣ ନେଇ
ବିଷରୁ ଅମୃତ ନିଗିଡେ
ବୋଲିତ ନୀଳକଣ୍ଠ
ଆଜି ସର୍ବଶ୍ରେଷ୍ଠ ।


http://www.imcrew.com/?r=30698

# ତୁ କଣ ସେହି ଗୋପାଳପୁର

ନୀହାରିକା ସାହୁ

ତୁ କଣ ସେହି ଗୋପାଳପୁର
ବିସ୍ତୀର୍ଣ୍ଣ ଜଳରାଶି ବକ୍ଷରେ ଧରି
ଦୂରୁ ଦର୍ଶକେ ଡାକୁ ହାତଠାରି
ଭୀମରବେ ଯା'ର ଥରଇ ଛାତି
ବାଲୁକା ବହୁଛି ଅକ୍ଷୟ କୀର୍ତ୍ତି
ସୁସ୍ଥ ସମୀରଣ ହରଇ କ୍ଳାନ୍ତି
ଜଳେ ପଥ ଦେଖାଏ ଯା ବତୀ
କୂଳେ ତୋର କେତେ ବିପଣୀମାଳା
କେତେ ଦସ୍ୟୁର ଅଭିନବ ଖେଳା
ତୋର କୂଳେ ଦିନେ ଫିରିଙ୍ଗି ଦଳ
ଗଢିଥିଲେ ନୀଡ ଅଛି ସ୍ୱାକ୍ଷର
ଦର୍ପେ ଚାଲୁଥିଲେ ଦେଖାଇ ବଳ,
ତୁ କଣ ସେହି ଗୋପାଳପୁର ?
ସାଗର ଗର୍ଭ ତୋ ରତ୍ନର ଖଣି
ତା ଗର୍ଭେ ଲୁଚିଛି କେତେ କାହାଣୀ
ଯେତେ ମନୋହର, ଓ ଲୋଭନୀୟ
ସେତେ ଭୟଙ୍କର ଅଟେ ତୋ କାୟା,

ଯେତେ ଜଳଜୀବ ଅଦେଖା ପ୍ରକାରେ
ଆସି ଲାଗୁଛନ୍ତି କୂଳେ ନିରନ୍ତରେ
କେତେ ନରନାରୀ ରଟନ୍ତି କ୍ରୀଡା
ଅର୍ଦ୍ଧାବୃତ୍ତେ ସ୍ନାନେ ନାହିଁ ସେ ବ୍ରୀଡା
ମତ୍ସ୍ୟଜୀବି ଡଙ୍ଗା କୂଳରୁ ଉଠି
ଢେଉ ସଙ୍ଗେ ନାଚେ ଭୟକୁ କାଟି
ଅତଳ ଗରଭୁ ନାନା ଜାତିଧରି
ଅକ୍ଳେଶେ ଉଦର ପୋଷେ ତାହାରି
ବିସ୍ତୀର୍ଣ୍ଣ ବେଳାପରେ ମହୋତ୍ସବ
କାହିଁ କେତେ ଦୂରୁ କେତେ ଗୌରବ
ଆସି ତୋହଠାରେ ହୁଅନ୍ତି ମେଳ
ନୃତ୍ୟଗୀତ ବାଣିଜ୍ୟର କୋଳାହଳ
ପ୍ରତି ବରଷରେ ହୁଅଇ ଥରେ
"ବେଳାଭୂମି ମହୋତ୍ସବ" ନାମରେ
ନିର୍ଜନେ ମଧୁର ପ୍ରୀତିପରେ ବାଧା
ଦୁଷ୍ଟେ ସଂକଟକୁ ଦେଉଥାନ୍ତି ସଦା
ଦେହ ହଜିଯାଏ ରହିଯାଏ ସ୍ମୃତି
ତଥାପି ମୁଖରିତ ନଥାଏ ଭୀତି
ବାଲୁକା ପାହାଡେ ଯା'ର ଗୁଡକଙ୍କ ଝାଉଁବଣ
ତୁ କଣ ସେହି ଗୋପାଳପୁର ?


http://www.imcrew.com/?r=30698

# ନୀରବ ପ୍ରେମିକ

ଶିବଶଙ୍କର ନାହାକ

ତୁମପରି ଦେବୀଙ୍କଠୁ
ମୋପରି ଦାନବ ଯଦି,
କରିବ କିଛି,
ଭଲପାଇବାର ପ୍ରତ୍ୟାଶା,
ସମାଜରୁ ବଦଳିଯିବ
ନୈତିକତାର ପବିତ୍ରତା,
ଆଉ
ଭଲ ପାଇବାର ସଂଜ୍ଞାରୁ ଲିଭିଯିବ
ଶିହରଣର ଆର୍ଦ୍ରତା,
ଖାସ୍ ସେଥିପାଇଁ
ନିତି ଦୀପଟିଏ ଜାଳି,
କେବଳ ମଙ୍ଗଳ ମନାସୀ ତୁମର
ମୁଁ ହୋଇଯାଇଛି
ବଧିର ଓ ମୂକ ଏବଂ
ପାଲଟିଛି ତୁମପାଇଁ
ଏକ ନୀରବ ପ୍ରେମିକ।


http://www.imcrew.com/?r=30698

# ସାତ ଶଗଡ ନିଆଁ

ସୌଦାମିନୀ ମିଶ୍ର

ଜୀବନତ ଆଜି ମରୁପଥ ବନ୍ଧୁ
ଖୋଜିଲେ ମିଳେନା ଫୁଲର ବାସ
ଆକାଶରେ ନିଆଁ ପାଦତଳେ ନିଆଁ
ଚାରି ଆଡେ ଖାଲି ନିଆଁର ଧାସ ।୧।

ସପନ ଯେଉଁଠି ସାତଖଣ୍ଡ ହୁଏ
କିଏ ଦେବ ଶାନ୍ତି, ପ୍ରୀତି ଆଶ୍ୱାସ
ତରଳ, ଗରଳ, ଗହନ ଜ୍ୱାଳାରେ
ନୀଳ ପଡିଯାଏ ସବୁ ବିଶ୍ୱାସ ।୨।

ଏ ପଟରେ ନଈ ସେପଟରେ ବାଘ
ଖସିଯିବା ପାଇଁ ଅଛି କି ରାହା
ସମୟ ସାଜିଛି କାଳ ବଇଶାଖୀ
ଚାରିଆଡେ ଖାଲି ନିଆଁ ହି ନିଆଁ ।୩।

ମହୋତ୍ସବ ଏବେ ମାନେ ରଖେନାହିଁ
ହୋମନିଆଁ ସାଜେ ଶ୍ମଶାନ ଚିତା
ଜହର ଜ୍ୱାଳାରେ ଜଳି ଜଳିଯାଏ
ଭାଇଭଗିନୀର ସ୍ନେହ ମମତା ।୪।

ରକତର ଧାରେ ସାତପର ସାଜେ
ଆପଣାର ଲୋକ ବଇରୀ ହୁଏ
ଶୀତରୁ ବସନ୍ତ, ବସନ୍ତରୁ ଗ୍ରୀଷ୍ମ
କେଜାଣି କେମିତି ବଦଳି ଯାଏ ।୫।

ଫୁଲର ଶେଜରେ ନିଆଁ ଚରିଯାଏ
ବନ୍ଧୁର ବନ୍ଧୁତ୍ୱ ସପନ ହୁଏ
ସକାଳ, ସଞ୍ଜ ବାରମାସୀ ଏବେ
ବିଧୂରା କପୋତୀ ବିଳପୁଥାଏ ।୬।

କେଉଁଠି ଖୋଜିବ ପ୍ରେମର ଝରଣା
ଶୁଷ୍କ ହୋଇଛି, ଉଚ୍ଛୁଳା ଉତ୍ସ
ଘର କି ବାହାର, ଦେଶ ଦେଶାନ୍ତର
ଇର୍ଷା, ଦ୍ୱେଷ, ଘୃଣା ନିଆଁର ଧାସ ।୭।

ସାତ ଶଗଡର ନିଆଁରେ ବନ୍ଧୁ
ଜଳୁଛି ଆତ୍ମା, ପରାଣ ତୋର
ଚାତକିନୀ ହୋଇ ଚଞ୍ଚୁ ମେଲି ଦେଲେ
ବର୍ଷିଯିବ କେତେ କରୁଣା ଜଳ ।୮।


http://www.imcrew.com/?r=30698

# ଗୋପାଳପୁର, ଚାରୁଲତା ଓ ମୁଁ

ଶରତ କୁମାର ଦାସ

ପାଦେ ଧରି ଧୂଳି ରାସ୍ତା
କଅଁଳିଆ ଦେହ ଉତ୍ତାପର
ଚାରୁଲତା ଚାଲୁଥାଏ
ସରୁବାଲି, ଝାଉଁବଣ ବାଡେ
ପାଖେ ପାଖେ ଚାଲୁଥାଏ
ଦୀର୍ଘକାୟ ଛାଇଟିଏ
ଲମ୍ବା ଓ ପତଳା ମେଘର

ଶଂଖଚିଲ ପରି ଦେହରେ ତା ଥାଏ
ଟୋପା ଟୋପା କାକରର ଧାର
ଓଠରେ ଡାଲିମ୍ବ ପେଚ୍ଛାର ହସ
ବେଣୀରେ ସତେଜ ଗୋଲାପ
ହସ ଥାଏ ଖିଲି ଖିଲି ଖରିବତା ପରି
କଣ୍ଠ ତାର କହୁଥାଏ, ବୁଡା !
ଆଉ କେତେ ଦୂର ଗୋପାଳପୁର ?

ଘଣ୍ଟାକହେ ସେତେବେଳେ
ସକାଳର ଆଠଟା ସମୟ
ଆମେ ଛୁଉଁ ବେଳାଭୂମି
କଙ୍କଡା ଓ ଗୁଡକଙ୍କ ଦେହ
ଗୋଡରେ ଗୋଟେଇ ଆଣି
ଲୁଣି ଭିଜା ବାଲିପାଣି
ଶିପ ଓ ଶାମୁକାଙ୍କ ଦେହ


http://www.imcrew.com/?r=30698

ଚାରୁଲତା ହଠାତ କହେ
କି ସୁନ୍ଦର ପ୍ରେମରେ ପୂର୍ଣ୍ଣ
ଏ ସମୁଦ୍ର "ଗୋପାଳପୁର" !
ସବୁ ସମୁଦ୍ରଠୁ ସତରେ ସୁନ୍ଦର

ମୁଁ ସାମାନ୍ୟ ହସଇ
ଓ ତାରିଫ କରି ଚାରୁଲତା ଅଭିଭାଷଣକୁ
ଖୁବ୍ ଧିରେ କହେ ସମୁଦ୍ର ତ ସମୁଦ୍ର
କେତେବେଳେ ଶାନ୍ତ ଓ
କେତେବେଳେ ଅଶାନ୍ତ
ତେବେ ଗୋପାଳପୁରର ଅଶାନ୍ତ ସମୁଦ୍ର
ଭାରୀ ଭୟଙ୍କର,
ତମେ କେବେ ଦେଖିଚ ?

ଚାରୁଲତା ଭୟପାଏ
ଓ ଦୁ:ଖିନୀ ପକ୍ଷୀଟିଏ ପରି
ମୋ ଛାତିରେ ମୁଣ୍ଡଗୁଞ୍ଜି
କଇଁ କଇଁ କାନ୍ଦେ
ଓ ତା ଅକୁହା କଥାର
ସଂଳାପ ହିଁ
ମତେ ସୁଚେଇ ଦେଉଥାଏ
ତମେ ସେମିତି କେବେ
ଅଶାନ୍ତ ହୋଇଯିବ ନାହିଁ ତ !!!


http://www.imcrew.com/?r=30698

# କ୍ଳାନ୍ତ ଛାଇ

ସୁଖେନ୍ଦୁ କୁମାର ଦାସ୍

ଛାଇ ତୁମେ ନିହାତି ନିଷ୍ଠୁର
ଆଲୁଅର ଅନ୍ଧାରିଆ ଖେଳ ?
ସମସ୍ତ ଦୃଶ୍ୟମାନ ବସ୍ତୁ
ଭୁଲିଯାଇଥିବା କିଛି ଭୂଲକୁ ମଧ୍ୟ ତୁମେ
ଦିଅନା ନିସ୍ତାର
ବିଜ୍ଞାନ ସମ୍ମତ ଉପପାଦ୍ୟ ପରି
ତୁମେ ଏକ ନିଷ୍ଠୁର ସତ୍ୟ
ସଦା ତୁମେ ଆଲୋକର ଅନୁଗାମୀ
ପତିବ୍ରତା ନରୀଟିଏ ?
ଅବଗୁଣ୍ଠନମତୀ ?
ଅଭିଶପ୍ତ କେଉଁ କାରଣରୁ ?
ଆଲୋକର ନିବିଡ ସାନ୍ନିଧ୍ୟରୁ
କି କାରଣୁ ରଖିଥାଅ ସୁରକ୍ଷିତ ଦୂରତା
ମଧ୍ୟାହ୍ନରେ ଲୁଚିଯାଅ- ସତେ ଅବା ଅନୁତାବନ୍ଧୁ ।

ସକାଳରୁ ସଞ୍ଜଯାଏ ଚାଲିଥାଏ
ବଡିବା ଛିଡିବା ଖେଳ
କଂପ୍ୟୁଟରୀ ପ୍ରେମପରି ନିହାତି ଅଥୟ
ଅଂଶୁମାଳୀ ଅସ୍ତହେଲେ, ନେଇଯାନ୍ତି
ତୁମକୁ ସଙ୍ଗତେ, ନିଶିଥର ତରଳ ଗୁଂଫାକୁ
ତୁମେ କାହାକୁ କ୍ଷମାକରନାହିଁ ।
ଏ ଜୀବନ ଚଲାପଥେ, ସମସ୍ତ ଭୂଲକୁ ତୁମେ
ପଞ୍ଜିକୃତ କରିଦିଅ, ଅନ୍ଧକାର ରୂପେ
ଯା'ର ଅନ୍ୟ ନାଁ କଳଙ୍କ ?
ଆଲୋକ ଶିଖାର ବି ଛାଇ ଥାଏ !
ହାଏ ରେ ଆଲୋକ
ଛାୟା ତୁମେ ଆଜି ହେଲ କ୍ଳାନ୍ତ


http://www.imcrew.com/?r=30698

# ସଂଭାବନା

ସୁଖେନ୍ଦୁ କୁମାର ଦାସ୍

ମୁଁ ଜାଣିନି କେଉଁଠି ବା
କେମିତି -ତୁମ ସହ ମୋରେ ଦେଖା
ତୁମ ବିନା
ଆଜି ମୁଁ ବୁଝୁଛି-
ଆଲୋକ ଉତ୍ତାପ ବିହୀନ
ତୁମପାଇଁ ଜଳୁଥିବା-ମୋ
ସ୍ମୃତିର ଦୀପଶିଖା ।

ସହଜ, ସରଳ ରାସ୍ତାଟିଏ
ବୋଲି, ମୁଁ ଭାବିଥିବା
ତୁମରି ଗୁମର କଥା
କହିଦେବି କି ଆଜି ?
ଯେଉଁଥିପାଇଁ ମୁଁ ପାଇଛି
ଅସହ୍ୟ ବ୍ୟଥା ।

କାରଣ ସେ ରାସ୍ତା ନଥିଲା
ଥିଲା ଐନ୍ଦ୍ରଜାଲିକ
ଏକ ଗୋଲକଧନ୍ଦା ?
ତୁମେ ଦୂରନ୍ତ ବୈଶାଖିଝଡ
ମୁଁ ଥିଲି ବହ୍ନିଶିଖା !
ମରଣ କପାଳେ ଆମେ ହିଁ
ଲେଖିବା- ଜୀବନର ଜୟନ୍ତୀକା ।


http://www.imcrew.com/?r=30698

# ଅମାନିଆ ଭଅଁର

ସୁଖେନ୍ଦୁ କୁମାର ଦାସ

ମୁହଁସଂଜ ବେଳେ, ଅବୁଝା ଭଅଁରଟି ପରି ବାଟଭୁଲି
ମୁଁ ବାରମ୍ବାର ତୋ ବାଟରେ ଚାଲିଯାଏ।
ଇଏ ଏମିତି ଏକ ଅଫେରନ୍ତା ଏକ ମୁହାଁ ରାସ୍ତା
ଯାହାର ବାଲୁକା ଶଯ୍ୟାରେ-ନିରେଖି ଦେଖିଲେ-
କେବଳ ଯିବାର ପଦଚିହ୍ନଟିଏ ନାହିଁ। ଇନ୍ଦ୍ରଜାଲ ଘେରା,
ଇଏ ଏମିତି ଏକ ବିଚିତ୍ର ଇଲାକା, ମହୁଆ ନିଶାରେ
ଯେଉଁଠି ଶୁଣିହୁଏ ଶୃତିମଧୁର, ଏକ କାରୁଣ୍ୟର ଭାଷା
ଯାହା ସଂପୂର୍ଣ୍ଣ ବୋଧଗମ୍ୟ ନହେଲେ ବି ହୋଇପାରେ
ନିରାଟ ସତ୍ୟ ଏବଂ ସାଂଘାତିକ। କାନପାରି ଶୁଣ-
ସେମାନେ ସବୁ ଚୁପ୍‌ଚାପ୍ କଥା ହେଉଥିଲେ।

ମୁଁ ଯେହେତୁ ପାରି ହୋଇ ସାରିଛି ନିଷିଦ୍ଧ ଲକ୍ଷ୍ମଣରେଖା,
ଅରବିନ୍ଦର ଗଭୀର ଆଲିଙ୍ଗନରେ- ମୋ ପ୍ରୀତିର
ଭଅଁର ଲଭିପାରେ ଶୀତଳ ମୃତ୍ୟୁର ପରଶ-
ଶୁଭ୍ର ସକାଳଟାରେ ବାହୁପାଶରୁ ମୁକ୍ତ ହେଲାବେଳେ
ହୁଏତ ସେ ହୋଇଯାଇଥିବ, ନୀରବ ନିଷ୍ପନ୍ଦ ଏକ ଜଡ ପିଣ୍ଡଟିଏ
ସମୟର ସରସୀରେ, ମଧୁପଙ୍କ ମୃତଦେହପରି,
ନାବିକର ଆହୁଲାରେ ସେମାନେ ଆଡେଇ ଯାଉଥିବେ
କେମିତି କାମନାରେ ବିନାଶ ଘଟି, ଦୁଃଖର ବିନାଶ ଘଟିଛି
ପ୍ରାପ୍ତିର ଔଜଲ୍ୟରେ ସେମାନେ ଗରୀୟାନ ହୋଇଯାଇଥିବେ
ହୁଏତ ଏହା ନିର୍ବାଣର ଅନ୍ୟ ଏକ ପରିଭାଷା- ପୂର୍ଣ୍ଣତା,
ଯାହା ମିଳନ ପିଆସୀ ମାନେ ଯୁଗ ଯୁଗ ଖୋଜିଛନ୍ତି
ପାଗଳଙ୍କ ପରି, ଏଇଠି ସେଇଠି ସବୁଠି।


http://www.imcrew.com/?r=30698

# ଗଦ୍ୟ ବିଭାଗ





http://www.imcrew.com/?r=30698

# ଜଗନ୍ନାଥ ସଂସ୍କୃତିର ଅବକ୍ଷୟ

ନମିତା ଦାଶ (ନିତୁ)

କେବଳ ଓଡିଶା ନୁହେଁ, ସମଗ୍ର ଭାରତବର୍ଷର ଆରାଧ୍ୟ ଦେବତା ଶ୍ରୀ ବଡଠାକୁର ଜଗତର ନାଥ ଜଗନ୍ନାଥ। ଓଡିଆ ସଂସ୍କୃତି ତାଙ୍କଠୁ ଆରମ୍ଭ ତାଙ୍କଠି ଶେଷ। ପ୍ରଭୂଙ୍କ ପ୍ରତିଦିନର ପୂଜାନୀତି, କାର୍ଯ୍ୟକ୍ରମ ଶୁଣିଲେ ଭାରି ଗର୍ବଲାଗେ ଯେ ଆମେ ଠାକୁରଙ୍କ ଲାଗି ଏତେ ପୂଜା, ପର୍ବପର୍ବାଣୀ, ଯାନି ଯାତରା ବଡ ଆଡମ୍ବର ସହକାରେ ପାଳିଥାଉ। ଏ ସବୁ ଯାନିଯାତ ଦେଖିବାପାଇଁ ଦୂରଦୂରାନ୍ତରୁ ଭକ୍ତମାନେ ପୁରୀକୁ ଦୌଡି ଆସିଥାନ୍ତି। ପ୍ରଭୂଙ୍କର ବାରମାସରେ ତେର ଯାତରା। କାଳିଆ ସମସ୍ତଙ୍କର, କୌଣସି ଜାତିଗତ, ଧର୍ମଗତ ଭେଦଭାବ ତାଙ୍କଠାରେ ନାହିଁ ବୋଲି ଆମକୁ "ଦାତ୍ୟତା ଭକ୍ତି" କହେ। ବିଭିନ୍ନ ଜାତିର ଲୋକଙ୍କ ପାଖରୁ ମହାପ୍ରଭୂ ଭୋଗ ଗ୍ରହଣ କରନ୍ତି। ଭକ୍ତର ଭଗବାନ ପରି ସେ ଭକ୍ତର ଭକ୍ତିକୁ, ଗୁହାରୀକୁ ପ୍ରତି ପଦକ୍ଷେପରେ କର୍ଣ୍ଣପ୍ରସାରୀ ଯେମିତି ଶୁଣନ୍ତି। ସାଲବେଗ ପାଇଁ ରଥକୁ ଅଟକାଇ ରଖନ୍ତି। ଦାସିଆ ବାଉରୀକୁ ନୀଳାଚଳରେ ପ୍ରବେଶ କରିପାରିବନି ବୋଲି ବଡପଣ୍ଡାଙ୍କ ତାଗିଦ ପରେ ଦାସିଆ ମନ୍ଦିର ବାହାରେ ଥାଇ ହାତରେ ନଡିଆ ବଢାଇ ଦେବାପରେ ମହାପ୍ରଭୂ ହସ୍ତପ୍ରସାରୀ ନଡିଆକୁ ଗ୍ରହଣ କରିଥିବାର ନଜିର ରହିଛି। ଏହାଦ୍ୱାରା ମହାପ୍ରଭୂ ଜାତିଗତ ଭେଦଭାବକୁ ଦୂର କରିଦେଇଛନ୍ତି।

ଘୋଷଯାତ୍ରା ବା ରଥଯାତ୍ରାରେ ସମାଜରେ ସମନ୍ୱୟର ପ୍ରତିଷ୍ଠାପାଇଁ ସବୁ ଜାତି ଧର୍ମର ବ୍ୟକ୍ତି ସମାଜର ବଡପଣ୍ଡା ମାନଙ୍କ ସହ ମିଶି ରଥ ଟାଣିଥାନ୍ତି। ପ୍ରଭୂଙ୍କୁ ସ୍ପର୍ଶ କରିଥାଆନ୍ତି। ପ୍ରଭୂ ମନ୍ଦିର ଭିତରୁ ଜନ ସାଧାରଣଙ୍କ ଗହଣକୁ ଆସିଥାନ୍ତି। ଆବାଳବୃଦ୍ଧ ବନିତାଙ୍କୁ ଦର୍ଶନ ଦେବାପାଇଁ। ସାରା ପୃଥିବୀରେ ପ୍ରଭୂ ଜଗନ୍ନାଥ ଜଣେ ଭଗବାନ ଯିଏ କି ମନ୍ଦିରରୁ ବାହାରି ଲୋକଙ୍କ ଭିତରେ ଜଣେ ହୋଇ ବଡଦାଣ୍ଡରେ ବୁଲନ୍ତି। ଯୁଗେ ଯୁଗେ ପ୍ରଭୂ ସମସ୍ତଙ୍କର ବୋଲି ପ୍ରତିପାଦ କରାଇଛନ୍ତି ଶବର ମାନଙ୍କ ଆତିଥ୍ୟ ଗ୍ରହଣ କରି। ରାଜାଙ୍କ ଦର୍ପଚୂର୍ଣ୍ଣ କରିବା ପାଇଁ ଖଡିକାଧରି ରଥ ପହଁରା କରିବାର ଆଦର୍ଶ ଆମେ ରଥଯାତ୍ରାରେ ଦେଖିଥାଉ। ଜଗତର ନାଥ ଜଗନ୍ନାଥଙ୍କ ଠାରେ ସମସ୍ତେ ସମାନ। କହିବା ବାହୁଲ୍ୟ ଯେ ଭଗବାନ ନିଜେ କୌଣସି ଭେଦଭାବ ରଖିନାହାନ୍ତି ମଣିଷ ମଣିଷ ପାଇଁ ଅଥଚ ଆମେ ମଣିଷ ଜାତି, ରଙ୍ଗ, ଆକାର, ଜାତି, ଉପଜାତି ଆଦିରେ କେତେ ଯେ ବିଭିନ୍ନତା ସୃଷ୍ଟି କରିଛୁ। ଏସବୁ କ'ଣ ମଣିଷ ଜାତି ପାଇଁ ଶୁଭଙ୍କର ?



http://www.imcrew.com/?r=30698

ସର୍ବଧର୍ମ ସମନ୍ୱୟର ରାଷ୍ଟ୍ର ଏହି ଭାରତବର୍ଷରେ ହିନ୍ଦୁ, ମୁସଲିମ୍, ଶିଖ, ଇଶାଇ ସମସ୍ତେ ଭାଇ ଭାଇ ପରି ଚଳି ଆସିଛନ୍ତି। ଭାରତ, ସାରା ପୃଥିବୀର ଏମିତି ଏକ ଭୂଖଣ୍ଡ ଯେଉଁଠି ସବୁ ଭାଷାଭାଷୀ ସବୁ ଜାତି ମଣିଷ ଏକତ୍ର ବସବାସ କରନ୍ତି। ଏଠି ହୋଲି ପର୍ବପାଳିଲେ କେବଳ ହିନ୍ଦୁମାନେ ପାଳନ୍ତି ନାହିଁ, ସବୁଜାତି ଧର୍ମ ଲୋକମିଶି ରଙ୍ଗ ବେରଙ୍ଗ ହୋଇ ନାଚିକୁଦି ସର୍ବଧର୍ମ ସମନ୍ୱୟର ଧ୍ୱଜା ଉଡାନ୍ତି। ଦୀପାବଳୀ ଉତ୍ସବରେ ଜାତିଧର୍ମ ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକଙ୍କ ଘର ଆଲୋକମାଳାରେ ସୁସଜ୍ଜିତ ହୋଇଥିବା ଆମେ ଦେଖିପାରିବା। ସମସ୍ତେ ଏକତ୍ର ଆତସବାଜି ଫୁଟାଇ ହର୍ଷୋଲ୍ଲାସରେ ମଜ୍ଜି ଯାଆନ୍ତି। ଦୀପାବଳୀ ଉତ୍ସବର ମହତ୍ତ୍ୱ ହୁଏତ ଅନ୍ୟ ସଂପ୍ରଦାୟ ବ୍ୟକ୍ତି ବୁଝି ନ ପାରନ୍ତି କିନ୍ତୁ ସମସ୍ତେ ମିଶି ଉତ୍ସବମୁଖର କରିପକାନ୍ତି ଏ ଦିନଟିକୁ।

ତେବେ ଏଠାରେ ଗୋଟିଏ କଥା ବାରମ୍ବାର ମନକୁ ଆନ୍ଦୋଳିତ କରୁଛି, ଯେ ଯେଉଁଠି ମଣିଷ ଭେଦଭାବ ନ କରି ଏକତ୍ର ଖାଏ ପିଏ, ମୌଜମସ୍ତିରେ ଜୀବନ ବିତାଏ, ସେଠାରେ ମନ୍ଦିରରେ ବିଶେଷ କରି ଜଗନ୍ନାଥ ମନ୍ଦିରରେ ଏମିତି ଛୁଆଁ ଅଛୁଆଁଙ୍କର ଭେଦଭାବ ଦେଖିବାକୁ ମିଳେ କାହିଁକି? କେହି ବିଦେଶୀ ମନ୍ଦିରରେ ପ୍ରବେଶ କଲାମାତ୍ରେ, ଲକ୍ଷ୍ମୀଙ୍କ ହାତରନ୍ଧା ଷାଠିଏ ପଉଟି ଭୋଗ ମାରା(ଅଛୁଆଁ) ହୋଇଯାଏ। ଉକ୍ତ ଭୋଗ ଆଶାରେ ଭୋକରେ ରହେ। ଭୋଗ ସବୁ ଗାତକରି ପୋତି ଦିଆଯାଏ। କେତେ କେତେ ଖାଦ୍ୟପଦାର୍ଥ ନଷ୍ଟ ହୋଇଯାଏ, ବଡପଣ୍ଡାଙ୍କ ନିୟମ ଅନୁସାରେ। ଏମିତି କଣ ଭାବବିନୋଦିଆ, ଭକ୍ତ ବତ୍ସଳ ପତିତ ପାବନ, ଜଗତର ନାଥ ଜଗନ୍ନାଥ କେବେ ନିୟମ କରିଥିଲେ ଯେ କେବେ ବିଦେଶୀ ମନ୍ଦିରରେ ପ୍ରବେଶ କଲେ ଦେଉଳ ମାରା ହୋଇଯିବ ? "ଲକ୍ଷ୍ମୀ ପୁରାଣ"ରେ ତ ନିଜେ ବଡଭାଇ ବଳଭଦ୍ର ମହାପ୍ରଭୁ ଲକ୍ଷ୍ମୀଙ୍କୁ ଶ୍ରୀମନ୍ଦିରରେ ପ୍ରବେଶ କରିବାକୁ ଅନୁମତି ଦେଇଥିଲେ। ପୁଣି ଏ ଛୁଆଁ ଅଛୁଆଁ ଭାବ କାହିଁକି ? କେତେ ଭକ୍ତିର ସହ ଠାକୁରଙ୍କ ଦର୍ଶନ କରିବାକୁ ଦୂରରୁ ଧାଇଁ ଆସିଥାଏ ମଣିଷଟାଏର ଏମିତି ପଥ ଅବରୋଧ କଣ ଯୁକ୍ତିଯୁକ୍ତ ? ହିନ୍ଦୁମାନେ ଯେବେ ବିଦେଶ ଯାଆନ୍ତି ବା ଅନ୍ୟ ସଂପ୍ରଦାୟର ମସଜିଦ, ଗୁରୁଦ୍ୱାରା ଆଦିକୁ ଯାଆନ୍ତି ସେମାନେ ଆନନ୍ଦ ସହକାରେ ପାଛୋଟି ନିଅନ୍ତି, ତାଙ୍କ ଗର୍ବ ଗାରିମାକୁ ବଖାଣିଥାଆନ୍ତି। ମନୋସ୍କାମନା ପୁରଣ ହେଲେ ମସଜିଦ୍ ଗୁରୁଦ୍ୱାରାରେ ହିନ୍ଦୁ ଲୋକକଣ ଚାଦର ଚଡାନ୍ତି ନାହିଁ ? ଆମ ଦେଶର ଗାଁ ଗାଁରେ ଭରି ରହିଛି କାରୁକାର୍ଯ୍ୟ, କଳାର ଅନେକ ମନ୍ଦିର ଓ ଦର୍ଶନୀୟ ସ୍ଥାନ। ସେ ସବୁ ସେଇ ବିଦେଶୀମାନେ ଭ୍ରମଣରେ ଆସି ଦେଖନ୍ତି ଓ ସେ ବିଷୟରେ ଅନେକ ଲୁକ୍କାୟିତ ତଥ୍ୟ ଲେଖି ବାହାର କରନ୍ତି। ବିଦେଶୀ ମୁଦ୍ରାର ଆଦାନ ପ୍ରଦାନ ବି ହୋଇଥାଏ। ଆମ ଦେଶ ଲୋକମାନେ ବାହାର


http://www.imcrew.com/?r=30698

ରାଜ୍ୟକୁ ଯାଇ ସେଠାକାର ବିଷୟବସ୍ତୁକୁ ସନ୍ଦର୍ଭ ଆକାରରେ ଲେଖି ପୁରସ୍କୃତ ହେବାରେ ଅଧିକ ଆନନ୍ଦ ପାଇଥାନ୍ତି।

ବିଦେଶରେ ଜଗନ୍ନାଥଙ୍କ ପୂଜା ସେମାନେ ବହୁ ଆଡମ୍ବରରେ କରନ୍ତି। ରଥଯାତ୍ରା କରି ରଥକୁ ଟାଣିବାରେ ଅନେକ ଆନନ୍ଦ ପାଆନ୍ତି। ସେମାନେ ଜଗନ୍ନାଥ ମହାପ୍ରଭୁଙ୍କୁ ନିଜ ସାଥୀରେ ନେଇ ଯଦି ଏକ ନୂତନ ଦେଶରେ ରଖିପାରିଛନ୍ତି ତେବେ ନିଜ ଦେଶରେ ଶ୍ରୀମନ୍ଦିରରେ ସେମାନଙ୍କୁ ପ୍ରବେଶ କରାଇ ନଦିଆସିବା ପଛରେ କି ଅଭିପ୍ରାୟ ରହିଛି। ସେହି ମନୁଷ୍ୟମାନଙ୍କ ଠାରୁ ଆମକୁ ଅନେକ କଥା ଶିଖିବାର ଅଛି। ନିଜର ସ୍ୱାର୍ଥପାଇଁ ସେମାନେ କେବେ ଭଗବାନଙ୍କୁ ହତାଦର କରନ୍ତି ନାହିଁ। ପୁରୀ ବଡ ଦେଉଳରେ ଯାହା ସବୁ ଘଟି ଚାଲିଛି ତାକୁ ପର୍ଯ୍ୟାଲୋଚନା କଲେ ଭାରି ଅପମାନିତ ଲାଗେ। ସ୍ୱାର୍ଥାନ୍ୱେଷୀ ପୂଜକ ମାନଙ୍କ ସାମାନ୍ୟ ଅଧିକାର କ୍ଷୁର୍ଣ୍ଣ ହେଲେ ଠାକୁରଙ୍କ ରୋଷଘରେ ଚୁଲି ଲାଗେନାହିଁ। ଠାକୁରଙ୍କ ନୀତିରେ ଅବହେଳା, ଯାହାକି ହିନ୍ଦୁଧର୍ମ ପାଇଁ ଲଜ୍ଜାକର କଥା। ଭକ୍ତ ଭଗବାନ ଦୁହେଁ ଅବଡାଟିକେ ପାଇଁ ହନ୍ତସନ୍ତ ହୁଅନ୍ତି। ଏଠାରେ ପୂଜକ ପୂଜକ ମଧ୍ୟରେ କନ୍ଦଳ। ଭକ୍ତମାନେ ପୁରୀ ଯିବାକୁ ଭୟ କରନ୍ତି, ପୂଜକ ମାନଙ୍କ ବ୍ୟବହାର ପାଇଁ।

ଭକ୍ତ ଭାବବିହ୍ୱଳରେ ଭଗବାନଙ୍କ ଦର୍ଶନ ପାଇଁ ଯିବା ବେଳେ ସିଂହଦ୍ୱାର ପାଖରୁ ହିଁ ପୂଜକ ମାନଙ୍କ ଭିଡ ଲାଗିଯାଏ, ଜଣେ ଜଣେ ଦର୍ଶନାର୍ଥୀଙ୍କ ପଛରେ ଠାକୁରଙ୍କୁ ପାଖରୁ ଦର୍ଶନ କରାଇବା ପାଇଁ, ଭୋଗଲାଗି କରାଇବା ପାଇଁ, ତା ସହ ଯେତେ ଇଚ୍ଛା ସେତେ ଦକ୍ଷିଣାର ଦାବୀ କରିବା ଯେମିତି ଏମାନଙ୍କ ଅଧିକାର। ନ ଦେଇ ପାରିବା ଭକ୍ତର ଦୁର୍ଦ୍ଦଶା ସେଠାରେ ଦେଖିବା କଥା। ସେଠି ଭକ୍ତ ଭଗବାନଙ୍କ ପାଖେ ଯେଉଁ ଗୁହାରୀ ଜଣାଇବାକୁ ଆସିଥାଏ ସେ ସବୁ ଭୁଲି ଝଗଡା କରିବାରେ ଲାଗିଯାଏ। ଯୁକ୍ତିତର୍କରେ ହିଁ ମନ ମରିଯାଏ, ଆଉ ପୁରୀ ଦ୍ୱିତୀୟଥର ଆସିବା ବୋଧହୁଏ ସେ ଭୁଲିଯାଏ।

ଯାଜପୁର ରୋଡରେ 'ଛତିଆବଟ' ଜଗନ୍ନାଥଙ୍କ ଆଗାମୀ ରୂପଥିବା ମନ୍ଦିରଟିଏ ବୋଲି ସମସ୍ତେ କହନ୍ତି। କିଛି ମାସତଳେ ସେଠାରେ ଯାହା ସବୁ ଘଟିଯାଇଛି, ପୂଜାପଣ୍ଡା ମାନଙ୍କ ଭିତରେ କାହାକୁ ବା ଅଛପା ଜଣେ ଭକ୍ତ ଥିଲା ସୁଦାମା, ଯିଏ ଭୋକ କଷ୍ଟରେ ରହି ବି ନିଜ ବଂଧୁକୁ କିଛି ହାତ ପାତି ମାଗିନଥିଲା। ଭଗବାନ ନିଜେ ଜାଣି ମୋ କଷ୍ଟ ଦୂର କରିବେ ବୋଲି ଦୃଢ ବିଶ୍ୱାସ ରଖିଥିଲେ ସେ।


http://www.imcrew.com/?r=30698

ଭଗବାନ ମଧ୍ୟ ତାଙ୍କ ଦୁଃଖ ବୁଝି କୁଡିଆରୁ ରାଜ ଉଆସ କରିଦେଇଥିଲେ ତାଙ୍କ ବାସଭବନକୁ। କିନ୍ତୁ ଆଜି ଭଗବାନଙ୍କ ସେବାକରୁଥିବା ପୂଜାପଣ୍ଡାମାନେ କଣ ପାଇବାର ଲୋଭରେ ଏତେ ହିଂସ୍ରୁକ ହୋଇ ପଡିଛନ୍ତି। ଭଗବାନଙ୍କ ଉପରୁ ଭରସା ତୁଟାଇ କି ବା ସୁଖପାଇଲେ ? କ୍ରୋଧାନ୍ଧ, ଧନାନ୍ଧ ମଣିଷ ଭଗବାନଙ୍କଠୁ ନିଜକୁ ଶ୍ରେଷ୍ଠ ମଣିଲାଣି। ଭଗବାନଙ୍କୁ ନିଜ ଭିତରେ ବାଣ୍ଟି ପକାଇଛନ୍ତି। ଭଗବାନ କାହିଁକି ନୀରବ? ଏତେ ସବୁ ଅଘଟଣ ଘଟିବା ପରେ ବି ପ୍ରଭୂ ହୁଏତ ପାପକୁମ୍ଭ ଭରି ହେବାର ଅପେକ୍ଷା କରିଛନ୍ତି !

କେତେ ଭକ୍ତିର ସହ ଇସ୍କନ ଭକ୍ତମାନେ ଶ୍ରୀକୃଷ୍ଣଙ୍କୁ ପୂଜା କରନ୍ତି। ଭାଗବତ ପ୍ରେମରେ ମଜ୍ଜିଯାଆନ୍ତି। ହିଂସାଦ୍ୱେଷଠାରୁ ବହୁ ଦୂରରେ ସେମାନେ। ତେବେ ଜଗନ୍ନାଥ ସଂସ୍କୃତିକୁ ଏମିତି ଅପମିଶ୍ରିତ , ଅପବାଦ ଯୁକ୍ତ କାହିଁକି କରିଦିଆ ଯାଇଛି? କାହିଁକି ଭକ୍ତ ଓ ଭଗବାନ ମଝିରେ ପ୍ରାଚୀର ସୃଷ୍ଟି ହୋଇଛି। କିଛି ବର୍ଷ ପୂର୍ବେ ପୁରୀରୁ ଫେରିଥିବା ଲୋକର ପାଦଧୋଇଦେଲେ ପୂଣ୍ୟ ମିଳୁଥିଲା ବୋଲି ବିଶ୍ୱାସ ଥିବା ସ୍ଥଳେ ଆଜିକାଲି ପୁରୀରୁ ଆସିଥିବା ବ୍ୟକ୍ତି କେବଳ ନିଜର ଅସୁବିଧା, ଦୁଃଖ ଓ କଷ୍ଟ ବଖାଣିବା ବେଳକୁ  ମନ ଭାଙ୍ଗିଯାଉଛି। ଭଗବତ ସତ୍ତାକୁ ମଣିଷ ହୃଦୟରୁ ଲୋପ କାହିଁକି କରି ଦିଆଯାଇଛି। ନିଜେ ପ୍ରଭୂ ହୁଏତ ଏ ସବୁ ପ୍ରଶ୍ନର ଉତ୍ତର ଦେବାରେ ଅସମର୍ଥ ହେବେ। ମଣିଷ ତ ଛାର। କେବଳ ଜଣେ ଭକ୍ତ ହିସାବରେ, ସର୍ବଧର୍ମ ସମନ୍ୱୟ ରାଷ୍ଟ୍ରର ନାଗରିକ ହିସାବରେ ପ୍ରତ୍ୟେକ ଭକ୍ତକୁ, ପ୍ରତ୍ୟେକ ସୁନାଗରିକକୁ ଏହି ପ୍ରଶ୍ନ ପଚରାଯାଉଛି। କାହିଁକି ଏସବୁ ଘଟଉଛି ମଣିଷ। ପ୍ରଳୟ ପାହାଚରେ ଠିଆହୋଇ କିଛି ପୂଣ୍ୟକାମ କରିଗଲେ ଭଗବାନଙ୍କ ଅଦେଖା ମାଡରୁ ହୁଏତ ବଂଚିଯାଇ ପାରନ୍ତେ। ନର୍କ ଯନ୍ତ୍ରଣାରୁ ରକ୍ଷା ପାଇ ପାରନ୍ତେ।

*"ଜଗନ୍ନାଥ ସ୍ୱାମୀ, ନୟନ ପଥଗାମୀ ଭବତୁ ମେ"*

ଗଜପତି ନଗର, ବ୍ରହ୍ମପୁର-୧୦



http://www.imcrew.com/?r=30698

# ଜଗତେ କେବଳ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ସକାଳୁ ସକାଳୁ ଚା'କପଟିଏ ଧରି ଦୁଆର ମୁହ'ଟାରେ ବସି ଖବର କାଗଜ ଉପରେ ନଜର ଲେଉଟାଇଲା ବେଳେ ଘର ଭିତରକୁ ପଶି ଆସୁଥିବା ସାନପୁଅ ବଣ୍ଟିକୁ ଅଟକାଇଲେ ରମେଶ ବାବୁ। କହିଲେ, "ଆରେ ତୋ ମୁଣ୍ଡକୁ କଣ ହେଲା, ଏଇ ବାଳଗୁଡାକ କଣ ଏମିତି ଝାଂପୁରା ଦିଶୁଛି, ଚୂନ ଲାଗିଲା କେଉଁଠୁ ?"

ବଣ୍ଟି ସାମାନ୍ୟ ହସିଦେଇ କହିଲା, "ବାପା ଏଇଟା ତୁମେ ବୁଝିପାରିବ ନାହିଁ। ଏଇଟା ପରା ନୂଆଁ ଷ୍ଟାଇଲ।"

ବାସ୍ତବିକ ରମେଶ ବାବୁ ବୁଝିପାରୁନଥିଲେ, ଏଇଟା କୋଉ ପ୍ରକାରର ଷ୍ଟାଇଲ। ଅଗତ୍ୟା ବେଶି ପ୍ରଶ୍ନୋତ୍ତର କରିବାକୁ ମନ ବଳାଇଲେ ନାହିଁ। କଲେଜ ଯିବାବେଳେ ବଣ୍ଟି କିଛି ଟଙ୍କା ମାଗିଥିଲା, ସବୁଦିନ ଭଳି ଆଜି ମଧ୍ୟ ପଚାଶଟଙ୍କିଆ ନୋଟଟେ ଧରେଇ ଦେଇ ରମେଶ ବାବୁ ଚୂପ ହୋଇଗଲା ବେଳକୁ ସେ କହିଥିଲା, ଆହୁରି ଟିଏକ ଅଧିକ ଦରକାର କାଳେ ସେ ଡ୍ରେସ କିଣିବ। ନୂଆ ନୂଆ କଲେଜ ଯାଉଥିଲା ତ ବାବୁ ତେଣୁ ନୂଆ ପୋଷାକ ଆସିବାଟା ନିହାତି ଜରୂରୀ, ତେଣୁ ବାବୁ କହିଲେ, "ଯା, ବୋଉ ପାଖରେ ଅଛି ନେଇ ଯା"।

ସଞ୍ଜବେଳକୁ ଅଫିସରୁ ଫେରିଲା ବେଳକୁ ଟିକେ ବିଳମ୍ବ ହେଇଯାଇଥିଲା। ବାବୁ ହାତପାଦ ଧୋଇଦେଇ ଖାଇବାପାଇଁ ବସିଲା ବେଳକୁ ଶ୍ରୀମତି ବାରମ୍ବାର ବାହରକୁ ଚାହୁଁଥିବା ଦେଖି କାରଣ ଜାଣିବାକୁ ଚାହିଁଲେ। ମା' କହିଲେ ବଣ୍ଟି କାଳେ ଘରକୁ ଫେରିନି। ରାତି ଦଶଟା ହେଲାଣି ବଣ୍ଟି ଫେରିନି ?

ବାବୁ ସାମାନ୍ୟ ହସିଦେଇ କହିଲେ, ସେ ପରା କଲେଜ ଗଲାଣି, ଏମିତି ଟିକେ ନିଖେ ବିଳମ୍ବ ହେବ ଚିନ୍ତା କରନି। ମୋ ପାଇଁ ଖାଇବା ଆଣିଦିଅ।



http://www.imcrew.com/?r=30698

ମା' କହିଲେ, "ଚିନ୍ତା କେମିତି କରିବିନି କହିଲ। ଦିପହର ବେଳକୁ ଟଙ୍କା ନେଇ ଡ୍ରେସ କିଣିବାପାଇଁ ଯାଇଛି ଯେ ଏତେବେଳ ଯାଏଁ ଆସିନି।"

ବାବୁ ହସିଦେଇ କହିଲେ, "ତୁମ ପୁଅ ଟି!' ତୁମେ ଯେମିତି ଶାଢୀଟିଏ କିଣିବାପାଇଁ ଦଶଟି ଦୋକାନରେ ଶହେଟି ଶାଢୀ ବାଛୁଚ, ସେ ବି ସେମିତି ବୁଲୁଥିବ। ଚିନ୍ତା କରନି ସେ ଆସିଯିବ।"

ମା' କହିଲେ, "ନାଇଁ ଯେ ଏତେ ଗୁଡାଏ ଟଙ୍କା ନେଇ ଯାଇଚି, କାଳେ କିଏ ଚୋରେଇ ନେବ।"

ବାବୁ ହସିଦେଇ କହିଲେ, "କାଇଁ ଏମିତି କେତେ ଟଙ୍କା ଦେଇଛ କି?"

ମା ଧିର ସ୍ୱରରେ କହିଲେ, "ତିନି ହଜାର ଟଙ୍କା।"

ବାବୁ ପିଉଥିବା ପାଣି ପାଟିରୁ ବାହାରି ଆସିଲା କହିଲେ, "ତିନି ହଜାର ଟଙ୍କା। ଏତେ ଟଙ୍କା ତାକୁ କାହିଁକି ଦେଲ ? ଆଉ ଏତେ ଟଙ୍କା ଆସିଲା କେଉଁଠୁ।"

ମା ଭାରୀ ସନ୍ତର୍ପଣରେ କହିଲେ, "ତୁମେ ଯୋଉ ପାଞ୍ଚ ହଜାର ଦେଇଥିଲ ରଖିଦେବାପାଇଁ ସେଥିରୁ।"

ବାବୁ ମୁଣ୍ଡରେ ହାତ ଦେଇ କହିଲେ, "ହଇହେ ମୁଁ ପରା କହିଥିଲି ସେ ଟଙ୍କାଟା ଇଂସ୍ୟୁରାନ୍ସର। ଏବେ କୋଉଠି ଆଣି ଦେବି?"

ମା' କହିଲେ, "ଉଁ, ମୁଁ ସେ କଥା ଜାଣିନି। ପିଲାଟା ଜିଦ କଲାବୋଲି ଦେଇ ଦେଲି।"

ବାବୁମା'ଙ୍କ କଥା ବାର୍ତ୍ତା ଚାଲୁଥିବା ସମୟରେ ବଣ୍ଟି ଆସିଲା। ଏତେ ଟଙ୍କା ନେଇ ବଜାର ଯାଇଥିଲା, ବୋଲି ବାପା ତୁରନ୍ତ କହିଲେ, "କଣ କଣ ସବୁ କିଣି ଆଣିଚ ଦେଖିବା।"


http://www.imcrew.com/?r=30698

ବଣ୍ଟି ପକେଟ ଖୋଲି ଗୋଟିଏ ପ୍ୟାଣ୍ଟ ଆଉ ସାର୍ଟ ଦେଖାଇଲା। ସାର୍ଟରେ ଯାବତୀୟ ଅସଭ୍ୟ ଭାଷାରେ ଲେଖା ସବୁଥିଲା। ସ୍ଥାନେ ସ୍ଥାନେ ଛପାହେଇଥିଲା ଅଦୃଶ୍ୟ ଛବି। ଆଉ ପ୍ୟାଣ୍ଟ ବୋଲି ଯୋଉଟା ଆଣିଥିଲା ସେଇଟାରେ କେତେ ସ୍ଥାନରେ ଯେ ଫଟାଥିଲା କହି ହେବନି, ଆଉ ଅନ୍ୟୁନ ଡଜନେ ହେବ ପକେଟ। ବାବୁ ଆଁ କରି ବଣ୍ଟିକୁ ଚାହୁଁଥିଲେ। ବଣ୍ଟି କିଛି କହିବା ପୂର୍ବରୁ କହିଲେ, "ଜାଣିଛି, ତୁ କଣ କହିବୁ, ଏ ସବୁ ମୋ ମୁଣ୍ଡରେ ପଶିବ ନାହିଁ। ତୋ ବୋଉକୁ ବୁଝେଇ ଦେ।"

ଗତକାଲି ଭଳି ଲାଗୁଛି, ବଣ୍ଟି ଭାରୀ ପିତୃବତ୍ସଳଥିଲା। ବାପା ଆଣିଦେଇଥିବା ଧଳା ସାର୍ଟ ସାଙ୍ଗକୁ ନୀଳ ରଙ୍ଗର ପ୍ୟାଣ୍ଟ ପିନ୍ଧି ସ୍କୁଲ ଯାଉଥିଲା। କଲେଜ ଯାଉ ଯାଉ ସବୁ ବଦଳି ଗଲା। ଏମିତି ଭାବୁଥିବା ବେଳେ ମାଁ ଖାଇବା ପରଷି ଦେଇଥିଲେ। ବଣ୍ଟି ଖାଇବାକୁ ବସୁ ବସୁ କହିଲା, "ବୋଉ ତୁ ଟିକେ ଚାଇନିଜ୍ ଶିଖୁନୁ।"

"ଚାଇନିଜ୍ !! କାଇଁ ବୋଉକୁ ଧରି ଚାଇନା ଯିବା ଯୋଜନା କରୁଛୁ କି?" ବୋଲି ବାପା କହୁଥିଲେ।

ବଣ୍ଟି ହସିଦେଇ କହିଲା, "ନାଇଁ, ମୁଁ କହୁଥିଲି ଚାଇନିଜ୍ ଡିସ୍, ମାନେ ଚିକେନ ଚାଉମିନ, ଚିଲ୍ଲି ଚିକେନ, ଫ୍ରାଏଡ ରାଇସ ଇତ୍ୟାଦି"।

ବାପା କଣ କହିବେ ବୁଝିପାରୁନଥିଲେ ବୋଉକୁ ଚାହିଁ କହିଲେ, "ଦେଖ ତୁମ ପୁଅ ତୁମକୁ ଆଉ କଣ କଣ ସବୁ ଶିଖାଉଛି। ଚାଇନିଜ, ଜାପାନିଜ, ଇଟାଲିଆନ, ଆଉ କେତେ କଣ"।

ଏହା ମାତ୍ର ଏକ କାହାଣୀ ନୁହେଁ ଏହା ଏକ ସତ୍ୟ ଘଟଣା, ଆମ ସମସ୍ତଙ୍କ ଘରେ ଊଣାଧିକେ ଏଇମିତିକା ଘଟଣାମାନ ଘଟିଥିବ ନିଶ୍ଚୟ। ସ୍କୁଲ ଛାଡି କଲେଜ ଯିବାବେଳେ ଆମେ ପୁରୁଣା ୟୁନିଫର୍ମରୁ ବାହାରି ନୂଆ ଷ୍ଟାଇଲ ଖୋଜିଥିବା ନିଶ୍ଚୟ। ବୋଉ ହାତ ରନ୍ଧା ରୋଷେଇ ଅପେକ୍ଷା କଲେଜ କାଛକୁ ଲାଗି ଥିବା ଉଠା ଦୋକାନର ଚାଟ, ଚାଉମିନ ଅଧିକ ଭଲ ଲାଗିଥିବ ନିଶ୍ଚୟ। ସାହି ପାଖ ଭଣ୍ଡାରୀ ସେଲୁନ ଅପେକ୍ଷା ସହର ମୁଖ୍ୟ ରାସ୍ତାରେ ଥିବା ଏସି ସେଲୁନ ଭଲ ଲାଗିଥିବ ନିଶ୍ଚୟ। ବାପା ପଚ୍ଛେ ହଜାରେ ଟଙ୍କିଆ କଳାଧଳା ମୋବାଇଲ୍‌ଟେ ଧରିଥାଆନ୍ତି, ଆମକୁ କିନ୍ତୁ ଟଚ୍‌ସ୍କ୍ରିନ, ହାଇଏଣ୍ଡ ଥ୍ରୀ ଜି


http://www.imcrew.com/?r=30698

ମୋବାଇଲ ଭଲ ଲାଗିଥିବ ନିଶ୍ଚୟ।

ଏହା କେବଳ ଆମର ନୁହେଁ ଆମ ଭଳି ପ୍ରତ୍ୟେକ ଜେନେରେସନର କଥା। ଆମ ବାପା ମାନେ ଯେତେବେଳେ ଆମ ବୟସର ହୋଇଥିବେ ସେମାନେ ବି ଜେଜେବାପାଙ୍କଠାରୁ ଏଇମିତି କିଛି ନୂତନତାର ଦାବୀ କରିଥିବେ ନିଶ୍ଚୟ। ସେ ଯୁଗରେ କଣ ହେଉଥିଲା ନ ହେଉଥିଲା ତାହା ଆମକୁ ଜଣାନାହିଁ। ସରି, ଯୁଗ ବୋଲି କହିଦେଲି, କିନ୍ତୁ ସତରେ ତ ସେଇଟା ଗୋଟିଏ ଯୁଗ ଥିଲା। ଆମ ଘର ଚାରିପାର୍ଶ୍ୱରେ ଅନ୍ତତଃ ଦଶଟା ଘର ପର୍ଯ୍ୟନ୍ତ କାହାଘରେ ବି ଟିଭି ନଥିଲା। ଫୋନ କରିବାପାଇଁ ଆମଘରେ ରୀତିମତ ଗୋଟିଏ ଗହଳି ଲାଗି ରହୁଥିଲା। ସେ ସମୟର ଫୋନରେ ସ୍ୱିଚ୍ ନଥିଲା। ଆଜିକାଲି ପରି ସୁମଧୁର ସଂଗୀତ ନଥିଲା, ଖାଲି ଯାହା କଳକଣ୍ଠ ରାବରେ କ୍ରିଂ କ୍ରିଂ ଶବଦ ହେଉଥିଲା। ଫୋନ କରିବାକୁ ହେଲେ ପ୍ରଥମେ ଏକ୍ସଚେଞ୍ଜକୁ ଫୋନ କରି ଟ୍ରଙ୍କ କଲ କରିବାକୁ ପଡୁଥିଲା। ଉଷା ମାର୍କା ପଙ୍ଖା, ବଜାଜର ସ୍କୁଟର, କୋଣାର୍କ ଟିଭି ଛଡା ଆଉ କିଛି ମୋତେ ତ ମନେ ପଡୁନାହିଁ। ସ୍କୁଲରେ ମାଷ୍ଟ୍ରେ ବେତ ଧରୁଥିଲେ, କାନ୍ଥରେ ଥିବା ବ୍ଲାକବୋର୍ଡରେ ଧଳା ଚକରେ ଧରି ଲେଖୁଥିଲେ। ଚତୁର୍ଥ ଶ୍ରେଣୀ ପଢିବାଯାଏଁ ଇଂରାଜୀ ଶିଖାଯାଉନଥିଲା।

କେତେ ଶୀଘ୍ର ସବୁକିଛି ବଦଳିଗଲା। ଆମ ଗାଁ ସ୍କୁଲରେ ମାଷ୍ଟ୍ରେ ଆମକୁ ଗପ କହୁଥିଲେ, "ଟେଲିଫୋନର ମଜା, ବହୁ ଦୂରରେ ଆଇ ସାଙ୍ଗରେ କଥା ହେଉଛି ଅଜା।" ପରେ ପରେ କହୁଥିଲେ ଯେ ଦିନେ ଏମିତି ଗୋଟେ ଫୋନ ଆସିବ ଯୋଉଥିରେ କଥା ହେଲାବେଳକୁ ଛବି ଦିଶିବ। ଆମେ ସବୁ ଆଁ କରି ଅନାଇ ରହୁଥିଲୁ। ଅନ୍ୟ ମାନଙ୍କ କଥା ଜଣାନାହିଁ କିନ୍ତୁ ମୁଁ ସ୍ୱପ୍ନରେ ସେମିତିକା ଫୋନ ଅନେକଥର ଦେଖିଥିଲି। ଗାଁ ଆକାଶରେ ଧଳାଧୁଆଁର ଲମ୍ବା ଦାଗ ଦିଶିଲେ ମାଷ୍ଟ୍ରେ କହୁଥିଲେ ସେଇଟା କାଳେ ଉଡାଜାହାଜ। ଆଉ ସ୍କୁଲରେ ଖେଳନା ଦେଖାଇ କହୁଥିଲେ ଏଥିରେ କାଳେ ଗୋଟେ ଗାଁର ସବୁ ଲୋକ ରହିଯିବେ। କେତେଥର ଯେ ସ୍ୱପ୍ନରେ ମୁଁ ସେ ଜାହାଜରେ ବସିଛି ଜାଣିନି। ମାଷ୍ଟ୍ରେ କହିଥିଲେ ଯେ ମନୁଷ୍ୟ କାଳେ ଯନ୍ତ୍ରମାନବ ନିର୍ମାଣ କରିବ। (ରୋବୋଟ ବୋଲି ଶବଦଟିଏ ସେତେବେଳେ ନଥିଲା ବୋଧ ହୁଏ।) ଯାହା ଦ୍ୱାରା ମନୁଷ୍ୟ ସବୁକିଛି କାମ କରିବ। ମୋର ଜଣେ ସହପାଠୀ ପ୍ରଶ୍ନ କରିଥିଲା "ଯନ୍ତ୍ରମାନବ ଚାଷ କରିବ? ଗାଁ ପୋଖରୀରୁ ମାଛ ଧରିବ?" କଂପ୍ୟୁଟର ବୋଲି ଯେଉଁ ଯନ୍ତ୍ରର ଛବି ସେ ଆମକୁ ସ୍କୁଲରେ ଦେଖାଇଥିଲେ ତାହା ଗୋଟିଏ ବଡ କୋଠରୀର ଚିତ୍ରଥିଲା। ଅବଶ୍ୟ ପ୍ରାରମ୍ଭିକ ଅବସ୍ଥାରେ ନିର୍ମିତ କଂପ୍ୟୁଟର ସବୁ ସେମିତି କାଳେ ଦେଖାଯାଉଥିଲା।


http://www.imcrew.com/?r=30698

ମାତ୍ର ଦୁଇ ଦଶନ୍ଧିରେ ଯୁଗଟେ ବଦଳିଗଲା। ଆଜି ମୋ ଝିଅ କଂପ୍ୟୁଟରରେ ବସି ସୁଦୂର ଆମେରିକାରେ ରହୁଥିବା ମାଉସୀ ସହ ଖାଲି କଥା ହେଉନି ଦେଖୁଚି ମଧ୍ୟ, ଆଉ ନିଜ ଶିଖୁଥିବା ନାଚ ଦେଖାଉଚି ମଧ୍ୟ।

ଉଡାଜାହାଜ ଯାହା ଆମପାଇଁ ସ୍ୱପ୍ନଥିଲା ଆଜି ସାମାନ୍ୟ ହେଇଯାଇଛି। ରୋବୋଟ ମାଛ ନଧରିଲେ ମଧ୍ୟ କିମ୍ବା ଚାଷ ନ କରିଲେ ମଧ୍ୟ ସେହି ଜ୍ଞାନ କୌଶଳ ବ୍ୟବହାର କରାଯାଇ ଅନେକ ଯନ୍ତ୍ରପାତି ନିର୍ମାଣ ହେଇଛି। ନୂଆ ନୂଆ ଟିଭି ଦେଖିବା ସମୟରେ ମୋ ଜେଜେ ମା, ଟିଭିରେ ଆସୁଥିବା ଉଦଘୋଷିକା ମାନେ ଯେତେବେଳେ ନମସ୍କାର କରୁଥିଲେ, "ବୁଡୀଟେ ହେଇଥା" ବୋଲି କହୁଥିଲେ। ରବିବାର ସକାଳୁ ଚିତ୍ରହାର ଦେଖିବା ବେଳକୁ କହୁଥିଲେ, "ପିଲା ଗୁଡାକ କେତେ ସକାଳୁ ଆସି ସେ ଡବା ଭିତରେ ବସିଚନ୍ତି ନାଇଁ?" ଆଉ ଆମେ ସବୁ ହସି ହସି ଗଡି ଯାଉଥିଲୁ।

ଆଜିକାଲି ମୋ ଝିଅର ପ୍ରତ୍ୟେକ ମୁହୂର୍ତ୍ତକୁ କ୍ୟାମେରାରେ ବନ୍ଦ କରି ଟିଭିରେ ଦେଖାଇଲା ବେଳକୁ ମୋତେ ସେଇ ପୁରୁଣା ଦିନ କଥା ମନେ ପଡୁଛି। ଯୁଗ ଅବଶ୍ୟ ବଦଳୁଛି। କିନ୍ତୁ ଆଜିକାଲି ସାମାନ୍ୟ ଅଧିକ ବେଗରେ ବଦଳିଲା ପରି ଲାଗୁଛି। ଘରେ ଘରେ ସାଟେଲାଇଟ ଟିଭି, ଇଣ୍ଟରନେଟର ପ୍ରସାର ଦ୍ୱାରା ପାଶ୍ଚାତ୍ୟ ସଭ୍ୟତା ଓ ସଂସ୍କୃତି ଆମ ଘରେ ପ୍ରତୀତ ହେଲାଣି। ଆମ ଟିଭିର ସେହି ସବୁ ସିରିଆଲ ଯେମିତି ରାମାୟଣ, ମହାଭାରତ, ବୁନିୟାଦ, ଜିନ୍ଦଗୀ, ଇନ୍ତଜାର, ନୁକ୍କଡ ଦେଖିବାପାଇଁ ଆଉ ସ୍ପୃହା ନାହିଁ। ଏବେ ଯେମିତି ସବୁ ସିରିଆଲ ଓ ଏହାର ପାତ୍ରମାନେ ପାଶ୍ଚାତ୍ୟ ହୋଇଯାଇଛନ୍ତି। ପିତାଶ୍ରୀ ମାତାଶ୍ରୀ ବୋଲି ଶୁଣିବାକୁ ମିଳୁନି, ବରଂ ଡାଡ୍ ମମ୍ ଶୁଭୁଛି। ଟିଭିର ଧାରାବାହିକରେ ଜୀବନର ଭଲ ଭାଗକୁ ଦେଖାଇବା ଯେମିତି ମନା ହୋଇଯାଇଛି। କେବଳ ଇର୍ଷ୍ୟା, ହତ୍ୟା, ବ୍ୟାଭିଚାର ଆଦି ଆମ ଦୈନନ୍ଦିନ ଜୀବନରେ ଅଙ୍ଗ ହୋଇଗଲାଣି। ଆମ ମା ମାଉସୀ ମାନେ ସେଇ ସବୁ ଜିନିଷ ଦେଖୁଛନ୍ତି।

ମନେ ପଡୁଛି, ଗାଁରେ କହନ୍ତି ଘରେ ଘରେ ଭାଗବତ ପଢିବାପାଇଁ। ଏହାଦ୍ୱାରା କୌଣସି ପ୍ରତ୍ୟକ୍ଷ ଲାଭ ମିଳୁଛି କି ବୋଲି ପ୍ରଶ୍ନ କଲାପରେ ପୁରୋହିତେ କହିଥିଲେ ଯେ ଲାଭ ନିଶ୍ଚୟ ମିଳୁଛି। ଭଲ ଜିନିଷଟିଏ ଶୁଣିଲେ ଯେମିତି ତୁମ ଆତ୍ମା ଶୁଦ୍ଧି ହେଉଛି ସେଇମିତି ତୁମ ଘରର ଆତ୍ମା ଶୁଦ୍ଧି ବି ହେଉଛି, ତେଣୁ ଘରେ ଧର୍ମକର୍ମ ପୂଜାପାଠ କରାଯାଉଛି। ଅବଶ୍ୟ ଯୁଗସହ ତାଳଦେଇ


http://www.imcrew.com/?r=30698

ଆମେ ବି ପ୍ରଗତି କଲେଣି ହେଲେ ପାଞ୍ଚ ହଜାରରୁ ଅଧିକ ବର୍ଷର ଏହି ହିନ୍ଦୁ ସଭ୍ୟତାକୁ ଆମେ ଛାଡିପାରୁନେ। ଆଜି ବି ସୁଦୃଶ୍ୟ ଅଟାଳିକାରେ କୌଣସି ଏକ କୋଣରେ ଏକ ପୂଜାଘର ଅବଶ୍ୟ ରହିଛି। ଘରୁ ବାହାରିବା ବେଳେ ଆପେ ଆପେ ଆମ ହାତ ମୁଣ୍ଡକୁ ଛୁଇଁ ଦେଉଛି। ରାସ୍ତାରେ ଯିବାବେଳେ ମନ୍ଦିରଟିଏ ଦେଖିଲେ ଆପେ ଆପେ ମୁଣ୍ଡ ନୋଇଁ ଯାଇଛି। ହେଲେ ନେଗେଟିଭ ବା ଅଣ-ପଜିଟିଭ ଧାରାବାହିକର ଶବ୍ଦ କଣ ଆମ ଘରର ଆତ୍ମାକୁ ଦୁଃଖ ଦେଉନଥିବ? ଆମ ଘର ମାନଙ୍କରେ ଦିନକୁ ଦିନ ବଢୁଥିବା ଜଟିଳତା, ହିଂସାର କାରଣ କଣ ଏହି ସବୁ ସିରିଆଲ ହୋଇପାରେ କି? ଏହି ବିଷୟରେ ବିଶେଷ ଗବେଷଣା କରାଯାଇବାର ପ୍ରୟୋଜନ ରହିଛି।

ଭାରତୀୟ ଅର୍ଥନୀତି ଦ୍ରୁତଗତିରେ ଅଗ୍ରଗତି କରୁଛି, ବର୍ତ୍ତମାନ ଆମ ଦେଶରେ ଛୋଟ ଛୋଟ ସହର ମାନଙ୍କରେ ମଲଟିନେସନାଲ ବା ବହୁରାଷ୍ଟ୍ରୀୟ କଂପାନୀମାନେ ଦୋକାନ ଖୋଲିଲେଣି। ଶହେଟଙ୍କାରେ ବାନିଆନ କିଣିବା ଯାଗାରେ ଆମ ପିଲେ ହଜାରେ ଟଙ୍କିଆ ସାର୍ଟ ପିନ୍ଧିଲେଣି। ସେଥିରେ କାଳେ ଲେଖା ହେଇଥାଉଚି କଂପାନୀର ନାଁ "ରିବକ, ନାଇକି, ପିଟର ଇଂଲଣ୍ଡ ଇତ୍ୟାଦି ଇତ୍ୟାଦି"। ଦୁଇଟଙ୍କିଆ ଚା' ବନ୍ଦ ହେଇ କଫିସପରେ ବସି ସାତେ ଦୁଇଶହ ଟଙ୍କିଆ କଫି ପିଉଛନ୍ତି ସମସ୍ତେ। ଆମେ ବଦଳି ଗଲେଣି। ଆମର ଜାତୀୟ ଆତ୍ମାର ପରିବର୍ତନ ହେଉଛି। ଭଲ ନା ମନ୍ଦ ଏହା ବିଚାର ଯୋଗ୍ୟ ନୁହେଁ।

ପରିବର୍ତ୍ତନ ଜୀବନରେ ଆବଶ୍ୟକ। ପ୍ରତ୍ୟେକ ଜିନିଷରେ ପରିବର୍ତ୍ତନ ହେଉଛି। କାଲି ଆପଣ ଛୁଆଥିଲେ ଆଜି ଛୁଆର ବାପା ବି ହେଲେଣି। ତେଣୁ କଥାରେ ଅଛି, "ବେଙ୍ଗ କହେ ବେଙ୍ଗୁଲୀ ଲୋ ଦୁନିଆ କ୍ଷଣ କ୍ଷଣକେ ଆନ"। ଆମେ ବି ସେଇ ପରିବର୍ତ୍ତନର ଧାରାରେ ସାମିଲ ହୋଇଯିବାକୁ ଉଚିତ ମନେ କରୁଛୁ। ନୋଇଲେ ସବୁ ଆଗେଇ ଯିବେ ଆଉ ଆମେ ସେଇଠି ହିଁ ରହିଯିବା, ଯୋଉଠି ଥିଲେ ଆମ ପିଲେ ଆମକୁ ବାକ୍‌ୱାର୍ଡ ନହେଲେ ମଫ ବୋଲି କହିବେ।

ବସ୍ତ୍ରଦ୍ୱାରା ଶରୀରକୁ ଆବୃତ କରାଯାଇଥାଏ ବୋଲି ଯେଉଁ ଧାରଣା ଆମ ମନରେ ଥିଲା ତାହାକୁ ଆମେ ବଦଳାଇ ସାରିଲେଣି। ବ୍ୟସନ ଜଣେ ବ୍ୟକ୍ତିର ବ୍ୟକ୍ତିତ୍ୱର ପରିଚାୟକ ହୋଇଥାଏ ବୋଲି ବାପା କହିଥିଲେ। ବୋଧହୁଏ ସେ ସଂଜ୍ଞା ବି ବଦଳି ଗଲାଣି। ଆଉ ଖାଦ୍ୟ??? ଘରେ କଣ କେବେ ଭଲ ଖାଦ୍ୟ ହୁଏ? ଯଦି ହେଉଥାନ୍ତା ତେବେ କାହିଁକି ଏତେ ରେସ୍ତୋରାଁ ସବୁ ଥାଆନ୍ତା?


http://www.imcrew.com/?r=30698

ଆମ ପିଲେ ପୋଷାକ ପିନ୍ଧୁଛନ୍ତି ଶରୀରକୁ ଦେଖାଇବାପାଇଁ, ପୁଅ ହେଉ ବା ଝିଅ ହେଉ ସମସ୍ତଙ୍କ ଉପରେ ଏହା ଲାଗୁ ହେଉଛି। ସାଧାରଣ ଚାଲିଚଳନକୁ ଘୃଣା କରି ପାଶ୍ଚାତ୍ୟ ସଭ୍ୟତାରେ ତାଳି ହେଉଛନ୍ତି ସେମାନେ। ମା' ହାତରନ୍ଧା ଖାଦ୍ୟ କାଳେ ବାପାଙ୍କ ପାଇଁ ଉଚ୍ଛିଷ୍ଟ ବୋଲି ସେମାନେ କହୁଛନ୍ତି। ଆମେ ମଧ୍ୟ ଆଧୁନିକତାରେ ବଦଳିବାକୁ ବସିବା କଥା ଚିନ୍ତା କରିବା। କିନ୍ତୁ ପୁଣି ମନେ ପଡେ ସ୍କୁଲରେ ପଢିଥିବା ଏକ କବିତାର କିୟଦଂଶ -

*ବରଜୀବ ରସେ ଦେଇ ମାନସ, ବରଜି ବରଷେ ଅମେଦ୍ୟ ଗ୍ରାସ,*
*ଦେହେ ମନ୍ଦାକିନୀ ରଜ ଲଗାଇ, ଗ୍ରାମ ଶୁକରୀ କି ହୋଇବ ଗାଇ???*
*ଜଗତେ କେବଳ*
*ଜନେ ହସିବେ ଏହି ତହୁଁ ଫଳ।*


http://www.imcrew.com/?r=30698

# ଲାଲ ସ୍ୱେଟର

ଶରତ କୁମାର ଦାସ

ମୁଁ ସେତେବେଳର କଥା କହୁଛି, ଯେଉଁ ସମୟରେ ସେ ଆମ ଘରକୁ ଆସୁଥିଲେ। ଆମେ ସେତେବେଳେ ଛୋଟ ଛୋଟ ହୋଇଥାଉ। ସେ ଆମକୁ ଖୁବ୍ ଗେହ୍ଲା କରନ୍ତି, ପିଠିରେ ସବାର କରି ଘୋଡା ହୋଇ ଗୁରୁଣ୍ଡନ୍ତି, ଅଝଟ କଲେ ଆ ଜହ୍ନ ମାମୁଁ ଶରଗଶଶୀ ଗୀତ ଗାଇ ବୁଝାଇ ଦିଅନ୍ତି। ଯାବତୀୟ ଅଳି ଅର୍ଦ୍ଦଳି ସମ୍ଭାଳନ୍ତି। ଆମେ ତିନି ଭାଇ ଭଉଣୀଏ ତାଙ୍କୁ ଦାଦା କହି ଡାକୁ। ଅବଶ୍ୟ ସେ ଆମର ସକ୍ଷ୍ୟ ଦାଦା ନଥିଲେ। କେଉଁ ଅପନ୍ତରା ଗାଁରୁ ଆସିଥିଲେ କେଜାଣି, ବାପାଙ୍କ ଅଫିସରେ ଜୁନିଅର ଆସିଷ୍ଟାଣ୍ଟ ରୂପେ କାମ କରୁଥିଲେ। ସବୁବେଳେ ବାପାଙ୍କ ପାଖରେ ଲସର ପସର ହେଉଥିଲେ। ତାଙ୍କ ସହାନୁଭୂତି ଲୋଡୁଥିଲେ। କାରଣ ଅଫିସ ଫାଇଲ କାମ ତାଙ୍କୁ ଭଲ ଭାବରେ ଜଣା ନଥିଲା। ବାପା ତାଙ୍କ ସିନିଅର ଅଫିସର ଥିବାରୁ ତାଙ୍କ ଅନୁକଂପାରୁ ସେ ଅନେକ ଭୂଲ ଭଟକାରୁ ବର୍ତ୍ତି ଯାଉଥିଲେ। ତେଣୁ ବାପା ଓ ଆମ ମାନଙ୍କ ପ୍ରତି ତାଙ୍କର ଗଭୀର ଅନୁକଂପା ଥିଲା। ସେ ଥିଲେ ଲାଜକୁଳା ପ୍ରକୃତିର, ସାମାନ୍ୟ ମାଇଚିଆ ବୋଲି ବୋଉ କହୁଥିଲେ। ତେଣୁ ଛୁଟି ଦିନମାନଙ୍କରେ ସେ ବୋଉକୁ ରୋଷେଇରେ ବି ସାହାଯ୍ୟ କରିଦେଉଥିଲେ। ତା'ଛଡା ବୁଣାବୁଣୀରେ ସେ ଥିଲେ ଖୁବ୍ ନିଖୁଣ, ସ୍ୱେଟର ଠାରୁ ଘର ସାଜସଜ୍ଜାର ଉପକରଣ ମାନ ସେ ଖୁବ୍ ନିଖୁଣଭାବରେ ବୁଣିପାରୁଥିଲେ। ପାଠ ନ ଆସିଲେ ବାପା ଆମ ଉପରେ ବିରକ୍ତ ହେଲେ କିମ୍ବା ଚିଡି ଉଠି ହାତ ଉଠେଇଦେଲେ ଆମେ ଲୁହ ଛଳ ଛଳ ଆଖିରେ ତାଙ୍କ ପାଖକୁ ଧାଇଁ ଯାଉଥିଲୁ। ସେ ଚଟାପଟ୍ ଆମକୁ ଉଠେଇ ବଜାର ବୁଲେଇ ନେଉଥିଲେ। ପେଡା, ଚକଲେଟ୍ ଦେଇ ଆମ ମନ ବୋଧ କରୁଥିଲେ। ମୋଟା ମୋଟି ଭାବରେ ଖୁବ୍ କମ ଦିନରେ ସେ ଆମ ଘରର ଜଣେ ଖାସ୍ ସଦସ୍ୟ ପାଲଟି ଯାଇଥିଲେ। ଆମେ ତାଙ୍କୁ ଦିନେ ନ ଦେଖିଲେ ବ୍ୟସ୍ତ ହୋଇପଡୁଥିଲୁ। ସତ କହିବାକୁ ଗଲେ ତାଙ୍କ ପ୍ରତି ଆମ ଭଲପାଇବାଟା ଥିଲା ଖୁବ୍ ଅତୁଟ ଆଉ ନିବିଡ।

ଏବେ ମୁଁ ସେତେବେଳର କଥା କହୁଛି ଯେଉଁ ସମୟରେ ମୁଁ ଖୁବ ବଡ ହେଇଯାଇଥିଲି। ଭଉଣୀ ବିଭା ହେଇ ସାରିଥିଲା। ସାନ ଭାଇ ଯୁକ୍ତ ଦୁଇରେ ଥିଲା। ମୁଁ ପିଜି କରୁଥିଲି ଭଞ୍ଜବିହାରରେ। ବାସ୍ତବିକ ଭଞ୍ଜବିହାରରେ ପିଜି କରିବା ଏକ ସୌଭାଗ୍ୟର କଥା। କାରଣ ସେତେବେଳେ ଓଡିଶାର ଅନ୍ୟ କୌଣସି ବିଶ୍ୱବିଦ୍ୟାଳୟରେ ପାଠ ପଢିବାର ଏତେ ସୁନ୍ଦର ପରିବେଶ ନଥିଲା। ଲୁଣି ଲୁଣି


http://www.imcrew.com/?r=30698

ସାମୁଦ୍ରିକ ପବନ ମଧ୍ୟରେ ପଙ୍ଗା ପଙ୍ଗା ଝାଉଁଗଛର ଛାଇ ମୋତେ ପାଠ ପଢିବାପାଇଁ ଯେତେ ଖୋରାକ ଯୋଗାଇନଥିଲା ବରଂ ପ୍ରେମ କରିବାପାଇଁ ସୁନ୍ଦର ବଜାୟଟିଏ ମୋ ପାଇଁ ପ୍ରସ୍ତୁତ କରିଥିଲା। ସେତେବେଳେ ମୁଁ ଲାଲସ୍ୱେଟର ମୋହରେ ପଡିଥିଲି। କହିବାକୁ ଗଲେ ସ୍ୱେଟରଟିକୁ ଖୁବ ଭଲ ପାଇ ବସିଥିଲି। କାରଣ ସ୍ୱେଟରଟି ପ୍ରତି ମୋର ଅହେତୁକ ଦୁର୍ବଳତା ବଢିଯାଇଥିଲା। ଶୀତ ଦିନ ଆସିଲେ ସ୍ୱେଟରଟିକୁ ମୁଁ ଦେହରୁ କାଢୁନଥିଲି। ମୋ ମେଘରଙ୍ଗ ଦେହକୁ ସ୍ୱେଟରଟା ଖୁବ୍ ମାନୁଥିଲା। ସ୍ୱେଟରଟିକୁ ନେଇ ସେ ସମୟରେ ମୁଁ ଅନେକ କବିତା ଲେଖିଥିଲି ଓ ତାହା ମଧ୍ୟ କିଛି ପତ୍ରିକାରେ ମାନଙ୍କରେ ସ୍ଥାନ ପାଇଥିଲା।

ସ୍ୱେଟରଟିକୁ ଅବଶ୍ୟ ବଜାରରୁ କ୍ରୟ କରି ଆଣିନଥିଲି। ମୋତେ ଉପହାର ସୂତ୍ରରେ ମିଳିଥିଲା, ମିତା ନାମ୍ନୀ ଜଣେ ଝିଅ ପାଖରୁ। ଯିଏ ମୋଠାରୁ ଅଧିକ ମୋ କବିତାକୁ ଭଲ ପାଉଥିଲା। ମୋ କବିତାର ଜଣେ ମୁଗ୍ଧ ପ୍ରଶଂସିକା। ମୋ କବିତା ପ୍ରତି ତାର ପ୍ରଚଣ୍ଡ ଦୁର୍ବଳତା ଧିରେ ଧିରେ ପ୍ରେମରେ ରୂପାନ୍ତରିତ ହୋଇଥିଲା। ଉତ୍ତୁଙ୍ଗ ବକ୍ଷୋଜ, ସରୁ କଟୀ, ତନୁପାତଳୀ ମିତାର ପ୍ରେମଜାଲରେ ମୁଁ ଛନ୍ଦି ହୋଇପଡିଲି। ତା'ପ୍ରେମର ସନ୍ତକ ସ୍ୱରୂପ ଦିନେ ଏକ ଶୀତ ସକାଳରେ ସେ ମୋତେ ଏଇ ଲାଲ ସ୍ୱେଟରଟା ଭେଟି ଦେଇଥିଲା। ଯାହାକୁ ମୁଁ ଆଜିଯାଏଁ ସାଇତି ରଖିଛି। ସେ ସବୁ ଅଲଗା କଥା। ଆମ ପ୍ରେମ କେଉଁଠୁ ଆରମ୍ଭ ହୋଇଥିଲା ? ତାର ଉତ୍ତରଣ କେଉଁଠି ଘଟିଲା, ଓ କେଉଁଠି ତାର ପରିସମାପ୍ତି ଘଟିଲା। ତେବେ ଏକ ସାମାନ୍ୟ ମନୋମାଳିନ୍ୟରୁ ମୁଁ ମିତାର ପ୍ରେମ ପ୍ରତ୍ୟାଖ୍ୟାନ କରି ଓହରି ଆସିଥିଲି। କିନ୍ତୁ ତା'ର ସ୍ୱେଟରଟିକୁ ଫେରାଇବା ପାଇଁ ଭୁଲିଯାଇଥିଲି।

ଦିନେ ସ୍ୱେଟରଟା ଫେରାଇବା ପାଇଁ ତା ସହ ଦେଖା ହେଲାବେଳେ ସେ ଅଶ୍ରୁ ଛଳଛଳ ଆଖିରେ କହିଲା, ତୁମର ସବୁ କବିତାକୁ ମୁଁ ଯଦି ଅନ୍ତର ଭିତରେ ସାଇତି ରଖିପାରିଲି, ତୁମେ କଣ ମୋରେ ଏହି ସାମାନ୍ୟ ସ୍ୱେଟରଟା ନିଜ ପାଖରେ ରଖି ପାରିବ ନାହିଁ !!! ମୁଁ ସୁଧାର ବାଳକଟିଏ ପରି ଆଖିରେ ବୋହେ ଲୁହ ଧରି ଫେରିଆସିଥିଲି।

ଏବେ ମୁଁ ସେଇ ସମୟର କଥା କହୁଛି, ଯେତେବେଳେ ମୁଁ ହାତକୁ ଦୁଇହାତ ହେଇସାରିଥିଲି। ସସ୍ତ୍ରୀକ ଭୁବନେଶ୍ୱରରେ ରହୁଥିଲି। ଦିନେ ଏକ ଅଳସ ଶୀତ ସନ୍ଧ୍ୟାରେ ବସି ଚା' ପିଉଥାଏ; ହଠାତ କେହି ଜଣେ ଆମ ଘର ଗେଟ ଖୋଲି ମୋ ଆଡକୁ ଆସୁଥିବାର ଆଭାସ ମିଳିଲା। ପ୍ରଥମେ


http://www.imcrew.com/?r=30698

ମୁଁ ଜାଣିପାରିଲି ନାହିଁ, ତେବେ କଥାରୁ ଠଉରେଇ ନେଲି ଦାଦା ଆସିଛନ୍ତି ବୋଲି। ଅନେକ ଦିନର ବ୍ୟବଧାନ ପରେ ଦାଦାଙ୍କୁ ଦେଖି ମୋ ପାଦତଳୁ ମାଟି ଖସିଗଲାପରି ଲାଗିଲା। ମୁଁ ସଙ୍ଗେ ସଙ୍ଗେ ତାଙ୍କୁ ଘର ଭିତରକୁ ପାଛୋଟି ନେଇଥିଲି। ଶ୍ରୀମତି ଓ ପିଲାମାନଙ୍କ ସହ ପରିଚୟ କରାଇଦେଲି। ସେ ଖୁବ୍ କ୍ଳାନ୍ତ ଓ ଅବଶ ଜଣାପଡୁଥିଲେ। ସ୍ୱାଭାବିକ ସ୍ୱାସ୍ଥ୍ୟ ଅପେକ୍ଷା ରୁଗଣ୍ ଓ ଦୁର୍ବଳ ମନେ ହେଉଥିଲେ। ଏତେ ଶୀତରେ ମଧ୍ୟ ସେ ଖଣ୍ଡେ ହଫ୍ହାନି ସାର୍ଟ ପିନ୍ଧି ଥାଆନ୍ତି। ସେଦିନ ଆମେ ତାଙ୍କୁ ଖୁବ ଆପ୍ୟାୟିତ କଲୁ। ରାତିଟା ରହିଯିବାପାଇଁ ଅନୁରୋଧ କଲୁ। କିନ୍ତୁ ସେ ଜମା ରାଜି ହେଲେ ନି। କାରଣ ତାଙ୍କର ନାତୁଣୀଟିଏ ହୋଇଥିବାରୁ ବର୍ଷ ପୁରାଣି ଉଦ୍ଦେଶ୍ୟରେ ସେ ଝିଅ ଘରକୁ ଆସିଥିଲେ। ଯେହେତୁ ଝିଅ ଜ୍ୱାଇଁ ଭୁବନେଶ୍ୱରରେ ରହୁଥିଲେ ଅଗତ୍ୟା ସେ ବି ସେମାନଙ୍କ ପାଖକୁ ଯିବାପାଇଁ ବାହରିଥିଲେ।

ଶୀତ ପ୍ରବଳ ହେଉଥିଲା ଆଉ ସେ ଥରୁଥିବାର ମୁଁ ଦେଖିଥିଲି। ମନେ ମନେ ଭାବିଲି, କେମିତିକା ଝିଅଟା ସତେ ! ବାପଟା ଶୀତରେ ଥରୁଛି ଆଉ ଶୀତବସ୍ତ୍ର କିଛି ନ ଦେଇ ବାହରକୁ ଛାଡିଦେଲା ? ରାତ୍ର ଭୋଜନ ସାରି ଦାଦା ଯିବାପାଇଁ ପ୍ରସ୍ତୁତ ହେଉଥିବା ସମୟରେ ମୋତେ ବଲବଲ ହୋଇ ଚାହିଁ ରହିଥିଲେ। ସତେ ଯେମିତି ସେ ଚାହାଣୀରେ କିଛି ମାଗିବାର ପ୍ରୟାସ ଥିଲା। ଶେଷରେ ସାମାନ୍ୟ ସଙ୍କୋଚର ସହିତ କହିଲେ, "ଯଦି ତୋର ସ୍ୱେଟର ଖଣ୍ଡେ ଅଛି, ଦଉନୁ। ଏ ଶୀତ ଆଉ ସହି ହେଉନି।" ମୁଁ ଭାବିଲି ଏବେ ଯାଇ ବଜାରରୁ ଦାଦାଙ୍କ ପାଇଁ ସ୍ୱେଟର ଖଣ୍ଡେ କିଣି ଆଣିବି, କିନ୍ତୁ ଦଶଟା ପରେ ସମୟ ହୋଇଯାଇଥିଲା, ଅଗତ୍ୟା ଅନ୍ୟୋପାୟ ନପାଇ ମୋର ସେଇ ସ୍ମୃତି ସାଇତା ଲାଲ ସ୍ୱେଟରଟି ତାଙ୍କୁ ବଢେଇଦେଲି। ସେ ଖୁବ ଖୁସି ହେଇଗଲେ ଓ କହିଲେ, କିଏ ଏହି ସ୍ୱେଟରଟା ବୁଣିଛି ମଁ, କେଡେ ସୁନ୍ଦର ହେଇଚି। ସ୍ୱେଟରଟା ଅବଶ୍ୟ ତାଙ୍କୁ ସାମାନ୍ୟ ବଡ ହେଇଥିଲା। ଗଲାବେଳେ ସେ ମୋତେ ପ୍ରତିଶୃତି ଦେଇଗଲେ ଗାଁକୁ ଯିବାପୂର୍ବରୁ ସ୍ୱେଟରଟା ମୋତେ ଫେରାଇଦେବେ ବୋଲି। ମୁଁ ନୀରବ ରହିଲି। ଏଇଥି ପାଇଁ ଯେ ନୂଆ ସ୍ୱେଟର ବଦଳରେ ମୁଁ ତାଙ୍କୁ ପୁରୁଣା ସ୍ୱେଟରଟେ ଦେଲି ବୋଲି।

ଏହାର ଚାରିପାଞ୍ଚ ଦିନପରେ ଦାଦା ସ୍ୱେଟର ନେଇ ଫେରିଲେ। ମୁଁ କହିଲି ଚାଳ ବଜାରକୁ ଯିବା, ମୁଁ ତୁମପାଇଁ ନୂଆ ସ୍ୱେଟର ଖଣ୍ଡେ କିଣିଦେବି। ସେ ରୋକଠୋକ ମନା କରିଦେଲେ। କହିଲେ ଏଇ ସ୍ୱେଟରଟା ଭଲ ହେଇଚି। ମୋତେ ଜମା ଶୀତ ଲାଗୁନି। ତୋର ତ ଅନେକ ଶୀତ ବସ୍ତ୍ର ଥିବ,


http://www.imcrew.com/?r=30698

ଯଦି ଦେବୁ ଏଇଟା ଦେଇ ଦେ। ନୂଆ ମୋର କଣ ହେବ ? ମୁଁ ତାଙ୍କ ସାମନାରେ କିଛି କହିପାରିଲି ନାହିଁ। ସମ୍ମାନର ସହ ହଁଟେ ଭରିଲି। ସେ ଖୁବ୍ ଉତ୍ସୁକତାର ସହ ସ୍ୱେଟରଟା ପରିଧାନ କରି ଫେରିଗଲେ। ସେଦିନ ମୋତେ କାହିଁକି ଅଡୁଆ ଅଡୁଆ ଲାଗିଲା। ମନଟା ଜମା ଭଲ ଲାଗିଲା ନାହିଁ। ମୋ ପ୍ରଥମ ପ୍ରେମର ପ୍ରଥମ ସନ୍ତକକୁ ମୁଁ ସବୁଦିନ ପାଇଁ ମୋ ଆଖି ଆଗରୁ ଦୂରେଇ ଦେଇଥିଲି। ତେବେ ଆଶ୍ୱସ୍ତ ଥିଲି ଯେ ଦାଦାଙ୍କୁ ତାହା ଦେଇଥିଲି। ଦାଦା ପିଲାଦିନେ ଆମପାଇଁ କଣ ନ କରିଛନ୍ତି। ବୋଧହୁଏ ଏହିଟା ତା'ର ପ୍ରତିଦାନ ହୋଇପାରେ।

ଏବେ ମୁଁ ସେହି ସମୟର କଥା କହୁଛି, ଦାଦାଙ୍କ ସହ ଦେଖା ହେବାର ସାତ ଆଠବର୍ଷ ବିତିଗଲାଣି। ତେବେ ଲାଲ ସ୍ୱେଟର ପ୍ରେମର ମୋହରୁ ସେତେଦିନ ଯାଏଁ ବି ମୁଁ ଭୁଲି ହୋଇ ଯାଇନଥାଏ। ଶୀତ ଦିନ ଆସିଲେ ମନେପଡେ ମିତା, ତା ଡାଳିମ୍ବପେଛାପରି ମୁହଁ। ଭସାଣିଆ ଆଖିର ଛବି, ତା ସହ ବିତାଇଥିଲା ଅଗଣିତ ତାରା ଜଡିତ ଶୀତ ଜହ୍ନରାତି। ଲାଲ ସ୍ୱେଟର ଭିତରେ ମୋର ସାଇତା ଥିବା ଅସରନ୍ତି ସ୍ମୃତିର ମହକ। ମୁଁ ନିଜକୁ ନିଜେ ବୁଝିପାରୁନଥିଲି। ଲାଲ ସ୍ୱେଟରଟା ଦାଦାଙ୍କୁ ଦେଇ ମୁଁ ଭୁଲ କରିଛି ନା ଠିକ କରିଛି ?

ଦିନେ ହଠାତ ଦାଦାଙ୍କ ଝିଅ ଖବର ଦେଇଥିଲା କାଳେ ଦାଦା ଭାରି ଅସୁସ୍ଥ। ମୋତେ ଦେଖିବାକୁ ଚାହୁଁଛନ୍ତି। ପରଦିନ ଦାଦାଙ୍କ ଘରେ ପହଞ୍ଚିଥିଲି ମୁଁ। ସେ ଏକ ସୁନ୍ଦର ପରିଚ୍ଛନ୍ନ ବେଡରେ ଶୋଇଥାଆନ୍ତି। ଅଧିକ ବ୍ଲଡ ପ୍ରେସର ଆଉ ସୁଗାର ହୋଇଯାଇଛି ବୋଲି ଶୁଣିଲି। ଦୁର୍ବଳ ଯୋଗୁଁ ବସାଉଠା ବି କରି ପାରୁନଥିଲେ। ମୋତେ ଦେଖି ଆଖିରୁ ଦୁଇଧାର ଲୁହ ଝରି ଆସିଥିଲା ତାଙ୍କର, ତେବେ ଖୁବ୍ ଖୁସି ଥିଲେ। ମୁଁ ପ୍ରଣାମ ଜଣାଇ ତାଙ୍କ ଗୋଡ ପାଖରେ ବସିଥିଲି। ଖୁବ ସନ୍ତର୍ପଣରେ ତାଙ୍କ ଗୋଡ ଦୁଇଟାକୁ ଆଉଁସି ଦେଉଥିଲି। ଭାବୁଥିଲି ମୋତେ ଏତେ ଭଲ ପାଉଥିବା ମଣିଷଟିର ଶେଷ ସମୟରେ ଏତକ ସେବା କରିବା ମୋ ପାଇଁ ନିଶ୍ଚୟ ଖୁସିର ବିଷୟ। କିଛି ସମୟ କଥୋପକଥନ ପରେ ଦାଦା ମୋତେ ପ୍ରଶ୍ନ କରିଥିଲେ, "ତୋର ମନେ ଅଛି ନା ନାହିଁ ଅନେକ ଦିନ ତଳେ ତୁ ମୋତେ ଗୋଟେ ଲାଲ ସ୍ୱେଟର ଦେଇଥିଲୁ। ଏମିତି ଏକ ଶୀତ ମାସରେ।" ମୁଁ ସମ୍ଭ୍ରମତାର ସହ ହଁ ଭରିଲି। ମୋ କଥା ନ ସରୁଣୁ ଦାଦା ଆଦେଶ ଦେବା ଭଙ୍ଗୀରେ କହିଲେ, ନେ ! ଚାବିଖୋଲ ଆଲମିରାରୁ ସ୍ୱେଟରଟା ଆଣ। ସଙ୍ଗେ ସଙ୍ଗେ କଳାମେଘ ପରି ସ୍ମୃତିମାନ ମନକୁ ଉଚ୍ଛନ୍ନ କରି ପକାଇଲା। ମନେ ମନେ ଭାବୁଥାଏ, ଆଜି ଯଦି ଦାଦା ସ୍ୱେଟରଟା ଫେରାଇ ଦିଅନ୍ତେ, ତାହା ହେଲେ


http://www.imcrew.com/?r=30698

ମୁଁ କେତେ ଖୁସି ନ ହୁଅନ୍ତି ସତେ ? ଏହା ମଧ୍ୟରେ ମୁଁ ଆଲମିରାର ଅକ କୋଣରେ ଯତ୍ନର ସହିତ ସ୍ୱେଟରଟା ଭଙ୍ଗାହୋଇ ଥୁଆ ହୋଇଥିବା ଦେଖିଲି। ସ୍ୱେଟରଟାକୁ ଛୁଇଁବା ପୂର୍ବରୁ ମୋ ଦେହ ଶୀତେଇ ଉଠିଲା, ହାତ ଥରିବାକୁ ଲାଗିଲା। ଆଖିରେ ଜକେଇ ଆସିଲା ଲୁହ। ନାଚି ଉଠିଲା ତରୁଣ ବୟସରେ ମିତା ସହ କଟାଇଥିଲା ରୋମାଞ୍ଚଭରା ମୁହୂର୍ତ୍ତ। ତେବେ ଥର ଥର ହାତରେ ସ୍ୱେଟରଟାକୁ ଆଣିବାକୁ ପ୍ରୟାସ କଲାବେଳେ ଦେଖିଲି, କଣ ଗୋଟାଏ ସ୍ୱେଟର ମୁଣିରୁ ଖସି ପଡିଲା ଭଳି ଲାଗିଲା। ଗୋଟାଇ ଆଣି ଦେଖେତ କଳାଧଳା ଫୋଟୋ ଟିଏ। ମିତାର। ମୁଁ ତାଜୁବ ହୋଇଗଲି। ଅନେକ ଦିନପରେ ମିତାର ଆଦ୍ୟ ଯୌବନର କୁହୁକ ଭରା ଫୋଟୋଟିକୁ ଦେଖି। ଝାପସା ଝାପସା ମନେ ପଡିଯାଇଥିଲା, ସ୍ୱେଟରଟି ଉପହାର ଦେବା ସମୟରେ ସେ କେମିତି ସ୍ନେହପୂର୍ବକ ଏଇ ଫୋଟିଟିକୁ ସ୍ୱେଟର ପକେଟରେ ରଖିଦେଇଥିଲା ମୋ ଅଜାଣତରେ। ଯାହାକୁ କିଛି ଦିନପରେ ମୁଁ ଆବିଷ୍କାର କରିଥିଲି। ଖୁବ୍ ସନ୍ତର୍ପଣରେ ଫୋଟୋଟିକୁ ପ୍ୟାଣ୍ଟ ପକେଟରେ ରଖି ସ୍ୱେଟର ନେଇ ଦାଦାଙ୍କ ପାଖକୁ ଫେରିଲି। ତାଙ୍କ ହାତକୁ ସ୍ୱେଟରଟା ବଢାଇ ଦେଲାବେଳେ ସେ କହିଲେ, ଥାଉ ! ମୋତେ ସେ ସ୍ୱେଟରଟା ଦେଏ ନା, ତୁ ନେଇଯା। ତୋ ପାଖରେ ରଖିବୁ। ମୁଁ ନଜାଣିଲା ଭଳି ବିସ୍ମୟର ସହ କହିଲି, ଏମିତି କଣ କହୁଛନ୍ତି। ତୁମେ ବ୍ୟବହାର କରିବ ବୋଲି ଦେଇଥିଲି ନା। ମୋର ତ ଅନେକ ଶୀତ ବସ୍ତ୍ର ଅଛି।

ସେ ସ୍ମିତହସ ଟିଏ ହସିଦେଇ କହିଲେ ସମସ୍ତଙ୍କୁ ଠକିଦେଇପାରିବୁ ହେଲେ ଦାଦାଙ୍କୁ ନୁହେ। ମୁଁ ଆଣିଲା ଦିନରୁ ତୋ ସ୍ୱେଟରକୁ ଠିକ ଚିହ୍ନି ପାରିଥିଲି। ସେଇଥି ପାଇଁ ଖୁବ୍ ଯତ୍ନର ସହ ଏଯାଏଁ ସାଇତି ରଖିଚି। କେବଳ ତତେ ହିଁ ଫେରାଇ ଦେବାକୁ। କାରଣ ମୁଁ ଜାଣିଛି ଏହାଭିତରେ ତୋର ଅନେକ ଅପାସୋରା ସ୍ମୃତି ରହିଛି। ଯାହାକି ତୋତେ ପ୍ରତିଟି ମୁହୂର୍ତ୍ତ ଦଂଶନ କରୁଛି। ମୁଁ ସାମାନ୍ୟ ଲାଜେଇଗଲି। ଓ ମନେ ମନେ ଭାବିଲି, ସ୍ୱେଟରଟା ଧରି ଫେରିବାପରଠୁଁ ଫୋଟୋଟିକୁ ଦେଖି ଦାଦା ନିଶ୍ଚୟ ଜାଣି ପାରିଛନ୍ତି। ମୋ କରୁଣ ବୟସର ରୋମାଞ୍ଚଭରା ପ୍ରେମ କାହାଣୀ ସଂପର୍କରେ, ନହେଲେ ଏତେ ଦିନ ଧରି ସ୍ୱେଟରଟିକୁ ସାଇତି ରଖିବାର କାରଣ କଣ ?

ସେତେବେଳକୁ ପଶ୍ଚିମ ଆକାଶରେ ଲାଲ୍ ସୂର୍ଯ୍ୟର ଆଭା ଖେଳିଯାଇଥିଲା। ଭୂମିରୁ ଭୂମା ଯାଏଁ ମତେ ସବୁକିଛି ଲାଲ ଗୋଲାପର ରକ୍ତିମ ରଙ୍ଗପରି ଦେଖାଯାଉଥିଲା। ବୋଧହୁଏ ଶେଷଥର ପାଇଁ ଦାଦାଙ୍କ ମହନୀୟତା ନିକଟରେ ମୁଁ ମୁଣ୍ଡ ନୁଆଁଇଲି। ସ୍ୱେଟରଟା ଧରି ଉଦାସ ଚିତ୍ତରେ ମତେ ଫେରିବାକୁ ପଡିଲା ସେ ଦିନ। ଅବଶ୍ୟ ବିଗତ ଦିନ ମାନଙ୍କର ସ୍ମୃତିର ମୋହରେ ଶୀତେଇ ଉଠୁଥିବା ମୋ ଦେହକୁ ଲାଲ ସ୍ୱେଟରଟା ବାରମ୍ବାର ଘୋଡେଇ ଦେଉଥିଲା।


http://www.imcrew.com/?r=30698

# ଏକ ଜୋତା ଦୋକାନର ଅନୁଭୂତି

ଶାଶ୍ୱତ ମିଶ୍ର

ସିଡି ଚଢି ପକ୍କା ଉପରକୁ ପହଞ୍ଚି ଦେଖିଲି। ସେ କାଠ ଚେୟାରଟା ଉପରେ ବସି ଖବର କାଗଜ ପତା ସହିତ ଚାହାର ଚୁସ୍କିମାରି ସଂଧ୍ୟାର ମଜା ଉଠାଉଛନ୍ତି।

"ବନ୍ଧୁ ! ଆଜି ସନ୍ଧ୍ୟା ଚାରିଟା ବେଳେ କ'ଣ ଏକୁଟିଆ ଚା'ପିଆ ଚାଲିଛି ?" ମୁଁ ଓଠରେ ହସ ଚହଲେଇ ପଚାରି ବସିଲି।

ସେ ନାସ୍ତିସୂଚକ ଭାବେ ମୁଣ୍ଡ ହଲେଇ କହିଲେ, " ଚାରିଟା ଆହୁରି ବାଜିନି। ଆଉ ଗୋଟେ ହ୍ୱିସିଲ ସାଉଣ୍ଡ ଶୁଣାଗଲେ ଠିକ୍ ଚାରିଟା ବାଜିବ।"

ପଛ ସାହିରୁ ଏକ ପ୍ରେସର କୁକର ହ୍ୱିସିଲ ସାଉଣ୍ଡ ବାଜି ଉଠିଲା। ଖବର କାଗଜ ଭିତରୁ ତାଙ୍କ ଜୀବନ୍ତ ଆଖିଦି'ଟା ଉଙ୍କି ମାରିଲା। ଆଉ ସେ ଆଖି ମିଟିକା ମାରିକିନା ପୁଣି ଖବର କାଗଜରେ ମସଗୁଲ୍ ହେଇଗଲେ।

ମୁଁ ସାହିର ଚା'ବାଲାଙ୍କୁ କହିଥିଲି ରୁମକୁ ଦି'ଟା ଚାହା ପଠେଇବା ପାଇଁ। ଇତିମଧ୍ୟରେ ସେ ଚା'ଦିଟା ଧରି ଆସିଲା । ଏବଂ ଟେବୁଲ ଉପରେ ଥୋଇଦେଇ ଚାଲିଗଲା।

"ବନ୍ଧୁ ଖବର କାଗଜ ପତା ଯଦି ସରିଲା, ଆଉ ଗୋଟେ ଚା' ହେଇଯାଉ।' ମୁଁ ଅନୁରୋଧ କଲି।।

"ଓଃ, ହଁ ହେଉ ହେଉ।" କହି ସେ ଖବରକାଗଜଟାକୁ ଫୋପାଡି ଦେଇ, ଚା'ତକ ଆକଣ୍ଠ କରି ମୋତେ ସୁନାପିଲାଟି ପରି ଚାହିଁ ବସିଲା।

"କଣ କି ବନ୍ଧୁ? " ମୁଁ ପଚାରିଲି।



http://www.imcrew.com/?r=30698

"ଜାଣ, ଆଜିକାଲି ସହରରେ ଡ୍ରଗ୍‌ସ ଧନ୍ଦା ବି ଆରମ୍ଭ ହୋଇଗଲାଣି। ପୋଲିସ ବାଲାଏ ଖୋଜି ଖୋଜି ନୟାନ୍ତ।" ସେ ଦୁଃଖରେ ଉତ୍ତର ଦେଲେ।

"ଆହେ ନୟାନ୍ତ କଣ? ପୋଲିସ ଯେ, ସେମାନଙ୍କ ସହିତ ହାତ ନ ମିଳେଇଚି କିଏ କହିପାରିବ?" ମୁଁ ପଚାରିଲି।

"ହଁ ତା'ବି ସତ। ତୁମକୁ କଣ ଲାଗୁଚି? ସେମାନଙ୍କ ଆଡ୍ଡା ଟା କୋଉଠି ଥାଇପାରେ?" ସେ ପଚାରିଲେ।

"ଆମ ପଡିଶା ସାହିରେ।" ମୁଁ ଥଟ୍ଟା କରି କହିଲି।

"ହୋଇପାରେ, କିନ୍ତୁ ନାହିଁ। କାରଣ ଡ୍ରଗ୍‌ସ ଧନ୍ଦା ଆହୁରି ଜୋର ଧରିନି। ସେମାନେ ଆହୁରି ଏ ସହରରେ ସ୍ଥାୟୀ ଆଡ୍ଡା କରି ନାହାନ୍ତି। ମାତ୍ର କରିବାକୁ ଯୋଜନା ନିଶ୍ଚୟ କରିଥିବେ।" ସେ କହିଲେ।

ମୁଁ କିଛି ସମୟ ଭାବିଲି, ତା'ପରେ କହିଲି, "ଯଦି ମୁଁ ସେମାନଙ୍କ ଜାଗାରେ ଥା'ନ୍ତି, ତା'ହେଲେ ଆଡ୍ଡାଟା ଇମିତି ଜାଗାରେ ବନାନ୍ତି, ଯୋଉ ଜାଗାକୁ କେହି ବି ଡାଉଟ୍ କରିବେନି।"

ସେ ବହୁ ଜୋର୍‌ରେ ମୁଣ୍ଡ ହଲେଇ ସମ୍ମତି ଜାହିର କଲେ। ଆଉ କହିଲେ, "ତମ ଅର୍ଥ ଜନଗହଳି ଜାଗାର ଠିକ ମଝିରେ ହିଁ ତମେ ତମ ବିଜିନେସ କରିଥାନ୍ତ। ଏୟା ତ !"

"ହୁଁ" ମୁଁ ଟିକି ଉତ୍ତରଟେ ଦେଲି।

"ହଉ ଛାଡ, ଆଗ କହ ଜୋତାହଳକ କେତେ ପଡିଲ?" ସେ ପଚାରନ୍ତେ ମୁଁ ଚମକି ପଡିଲି।

ପଣ୍ଡାବାବୁ ଯେ ମୋ ସହିତ ଯାଇ ନୂଆ ଜୋତା ଦୋକାନରୁ ଦାମିକା ଜୋତା ହଳକ କିଣିଲେ,


http://www.imcrew.com/?r=30698

ଏକଥା ସେ କେମିତି ଜାଣିଲେ ! "ଆରେ ଏଥିରେ ଚମକି ବାର କ'ଣ ବା ଅଛି?" ସେ ଆଶ୍ୱାସନା ଦେଇ କହିଲେ, "ପଣ୍ଡା ବହୁଦିନ ହେଲା ଜୋତା କିଣିବ କିଣିବ ହଉଥିଲା। ଆଉ ମୁଁ ଶୁଣିଥିଲି ଦି'ଦିନ ହେଲା ପାଖ ମାର୍କେଟରେ ନୂଆଁ ଜୋତା ଦୋକାନ୍‌ଟେ ଖୋଲିଛି। ତମେ ଯେତେବେଳେ ଆଜି ଦିପ୍ରହରରେ ଘରକୁ ଆସିଲନି ମୁଁ ଜାଣିନେଲି ଯେ, ପଣ୍ଡା ତୁମକୁ ଟାଣି ନେଇଚି, ସେଇ ନୂଆ ଜୋତା ଦୋକାନକୁ।"

"ଆଃ ! ତମେ ଯୋଉ ଅକସ୍ମାତ୍ କରି କଥାଟେ କହିଦେଲ, ଲାଗିଲା ଯେମିତି ମେଜିକ କରିଲ। ହେଲେ ତା'ପଛର ଲଜିକ୍‌ଟା ଖୋଲିଦେଲେ ସେ କଥାରେ ଆଉ ଏଲିମେଣ୍ଟ୍ ଅଫ୍ ସର୍ପ୍ରାଇଜ୍ ରହେନା।" ଏତିକି କହିବା ଉତ୍ତାରୁ ମୁଁ ଜୋତା ଦୋକାନରେ କ'ଣ ହେଲା, ମନେ ପକାଇ ମୁରୁକି ମୁରୁକି ହସିଲି।

"ଖାଲି ହସୁଚ ଯେ, ଆମକୁ ବି ଟିକେ କୁହ କ'ଣ ଦେଖିଲ ସେଇ ଦୋକାନରେ ?" ସେ ଅନୁରୋଧ କଲେ।

"ଦୋକାନରେ କିଛି ହୋଇଛି ବୋଲି କେମିତି ଜାଣିଲ ?" ମୁଁ ପଚାରିଲି।

"ଖାଲି ଗେସ୍ କରୁଥିଲି।" ସେ ଉତ୍ତର ଦେଲେ।

ତା'ପରେ ଆଗ୍ରହରେ ଆଗକୁ ନଇଁପଡି ମୁଁ କହିଚାଲିଲି, "ଯାଇଥିଲୁ ସେଇ ନୂଆ ଦୋକାନକୁ। ନାଁ ତା'ର କୋମଲ ସୁ ଵାର୍ଲଡ୍। ପଣ୍ଡା ଆଉ ମୁଁ ତରବରରେ ଥିଲୁ। ସେଥି ପାଇଁ ପଣ୍ଡାବାବୁ ପୁଲିସ ୟୁନିଫର୍ମରେ ହିଁ ପଳେଇଥିଲେ। ଦୋକାନ ବାହାରେ ଟ୍ରକରେ ଦୋକାନରୁ ମାଲ ବୋଝେଇ ହେଉଥିଲା। ଆମେ ଆସିଲା ବେଳେ ବୋଝେଇ କରୁଥିବା ବୟମାନେ କାମ ବନ୍ଦ କରି ଚା'ପାଣି ପିଇବା ପାଇଁ ଚାଲିଗଲେ। ଆହୁରି ଦୁର୍ଭାଗ୍ୟର କଥା, ଆମେ ଭିତରକୁ ପଶୁ ପଶୁ ଦେଖିଲୁ ଦୋକାନ ଉପରେ ସେତେ ଗହଳି ନାହିଁ। ଏତେବଡ ଦୋକାନଟା ଯାକରେ ଖାଲି ଯାହା ଛ'ସାତ ଜଣ ଅଛନ୍ତି। ଚାରିଜଣ ଜୋତା ଦେଖାଇବାକୁ ଅଛନ୍ତି। ସେମାନଙ୍କ ସାମନାରେ ଦି'ଜଣ ଜୋତା ନିରେଖି ଦେଖୁଥିଲେ। ମାଲିକର ସିଟରେ ଜଣେ ବସିଥିଲା। ହେଲେ ସିଏ ମାଲିକ ପରି ଦେଖାଯାଉ ନଥିଲା। ଦୋକାନର ଏଣ୍ଟ୍ରାନ୍ସ


http://www.imcrew.com/?r=30698

ପାଖରେ ଏସିଟେ ଲାଗିଛି, ହେଲେ କାମ କରୁନି। ଚନ୍ଦା ହେଇକି, ଲାଲଚି ପିନ୍ଧା, ମଧ୍ୟବୟସ୍କ ଜଣେ ଏଣ୍ଟ୍ରାନ୍ସ ପାଖରେ ଏପାଖ ସେପାଖ ହଉଚନ୍ତି। ଆଉ ବେଳେ ବେଳେ କାମ କରୁନଥିବା ଏସି ଟା ପାଖରେ ଅଟକିଯାଇ ଉପରକୁ ମୁହଁ ଟେକି ଦୀର୍ଘଶ୍ୱାସ ଟେ ମାରୁଥିଲେ।

ମୋ କଥାରେ ବାଧା ଦେଇ ବନ୍ଧୁ କହିଲେ, "ବୋଧ ହୁଏ ୱାକ୍ କରିବା ପାଇଁ ତାଙ୍କୁ ଆଉ କୋଉଠି ଯାଗା ମିଳିଲା ନାହିଁ।"

"ହଁ ଠିକ୍ ।" ମୁଁ ତାଙ୍କ ପରିହାସରେ ସହମତ ହେଲି।

"ତା'ପରେ ରହିଗଲ ଯେ" ସେ ଟିକେ ଚିଡି ଉଠିଲେ।

"ହଁ", ମୁଁ ଆରମ୍ଭ କଲି। "ଆମେ ଜୋତା ସବୁ ଦେଖିଲୁ। ତମେ ତ ଜାଣିଚ ପଣ୍ଡାବାବୁ କେମିତି କା ଗ୍ରାହକ। ପଚାଶ ହଳ ଜୋତା ନ ଦେଖିଲେ ଗୋଟେ ହଳ କିଣି ହେବନି। ଗୋଟେ ହଳ ଜୋତା ଶେଷକୁ ପଣ୍ଡାବାବୁଙ୍କ ମନକୁ ପାଇଲା। ହେଲେ ତା'କଲରଟା ସେତେ ଖାସ ଲାଗିଲାନି। ସେଥିପାଇଁ ଚାରିଜଣ ଜୋତା ଦେଖେଇବାକୁ ଯୋଉ ପିଲା ଥିଲା। ସେମାନଙ୍କ ପାଖରୁ ଜଣକ ପାଖକୁ ଯାଇ ପଣ୍ଡାବାବୁ କହିଲେ, ଏ ଷ୍ଟାଇଲର ଆଉ କଣ କଲର ଅଛି? ଏତକ କଇବାରୁ ପିଲାଟା ଜୋତା ପଣ୍ଡାବାବୁଙ୍କଠୁ ନେଇକି ଯାଇଚି ଯେ ଯାଇଚି। ଆମ ଦି ଜଣଙ୍କ ଭଳି ଆଉ ଦି'ଜଣ ଜୋତା ଦେଖୁଛନ୍ତି। ମାଲିକ ସିଟରେ ବସିଥିବା ଲୋକଟା ଜୁଳୁଜୁଳୁ କରି ଅନେଇ ରହିଚି। ଆଉ ଚନ୍ଦା ବ୍ୟକ୍ତି ଜଣକ ନିଜ ୱାକ୍ ଚଳାଇଛନ୍ତି।

ଏ ଭାଇ କଣ ହେଲା। ପଣ୍ଡାବାବୁ ହୁରି ଛାଡିଲେ। କେତେ ସମୟ ଆଉ ଅପେକ୍ଷା କରେଇବ ? ତଥାପି ଭିତରୁ କିଏ ଆସିଲାନି। ଶେଷରେ ପାଖରେ ଯୋଉ ଦି'ଜଣ ଜୋତା ଦେଖୁଥିଲେ ସେଥି ମଧ୍ୟରୁ ଜଣେ ଆମ ପାଖକୁ ଆସି କହିଲା କଣ ହେଲା ଭାଇ। ସେତେବେଳେ ଯାଇ ଜଣାପଡିଲା ଯେ, ସେ ଦି'ଜଣ ଗ୍ରାହକ ନୁହନ୍ତି, ବରଂ ସେଇ ଦୋକାନରେ କାମ କରନ୍ତି। ଜୋତା ଦେଖାଇବାକୁ ଛ'ଜଣ ହେଲେ କିଣିବା ବାଲା ଆମ ଛଡା ଆଉ କେହି ନାହିଁ। ସିଏ ବି ପଣ୍ଡା ବାବୁ ବରାଦ କରିଥିବା ଷ୍ଟାଇଲର ଜୋତା ଦେଖାଇବାକୁ ଭିତରକୁ ଗଲା। ପଣ୍ଡା ବାବୁଙ୍କୁ କାହିଁ କେମିତି ଅଡୁଆ ଲାଗିଲା।


http://www.imcrew.com/?r=30698

ଜଣା ନାହିଁ। ହେଲେ ମୋତେ ଇମିତି ଲାଗିଲା ଯେମିତି ଆମେ ଦି ଜଣ ଅନ୍ୟ ଦୁନିଆର କୋଉ ଗୋଟେ ମେଳାରେ ହଜିଯାଇଥିବା ଦି'ଟା ସାନ ପିଲା ଆଉରି ପାଞ୍ଚ ମିନିଟ ଅପେକ୍ଷା କରନ୍ତେ, ଦୋକାନର ଷ୍ଟକ ରୁମ ଭିତରେ ପଶିଥିବା ଦି'ଜଣ ବୟ ବାହାରି ଆସି ଶୋକ ମ୍ରିୟମାଣ ପରି ମୁଖ ଭଙ୍ଗୀ କରି କହିଲେ ନାଇଁ ଆଜ୍ଞା। ମୁଁ ପଣ୍ଡା ବାବୁଙ୍କ କାନରେ କହିଲି, "ବାହାରର ସର୍ବତ ଅପେକ୍ଷା ଘରର ପାଣି ଭଲ"। ଏତେ ଖୋଜାଖୋଜି କାହିଁକି ? କିଣିବାର ଅଛି ବୋଲେ ଏଇ ହଳକ ଧର ଆଉ ଚାଲ। ପଣ୍ଡାବାବୁ କାନ ମୁଣ୍ଡ ଆଉଁସି ହୋଇ ଜୋତାହଳକ ଧରିଲେ। ବାହାରକୁ ବାହାରିଲା ବେଳେ ଚନ୍ଦାଲୋକ ଜଣକ ଯିଏ ଏସି ପାଖରେ ଟହଲୁଥିଲେ, ସିଏ ବଡ ପ୍ରସନ୍ନ ଦେଖା ଯାଉଥିଲେ।"

ଏତେ ସମୟ ପରେ ମୋ କଥାରେ ରୋକ ଲଗାଇ ବନ୍ଧୁ କହିଲେ, "ଚନ୍ଦା ବ୍ୟକ୍ତି ଜଣକ ଖୁସି ଲାଗୁଥିଲେ, ଏଥିପାଇଁ ନାଇଁ ଯେ ତୁମେ ଜୋତା କିଣିଲ। ଏଥିପାଇଁ ଯେ ତୁମେ ଦୋକାନରୁ ବାହାରି ଆସିଲ।" ତା'ପରେ ଚେୟାରରୁ ଧଡ କିନା ଉଠିପଡି ସେ କହିଲେ, "ପଣ୍ଡାକୁ ଫୋନ କରି କୁହ ନୂଆ ଜୋତା ଧରି ଆସିବାପାଇଁ।"

ତା'ପରେ ଶାନ୍ତିରେ ଚେୟାରରେ ଆଖିବନ୍ଦ କରି ବସିରହିଲେ। ବେଳେ ବେଳେ ଗୀତ କେଇଟାର ପଦେ ଗାଇ ଦେଉଥିଲେ ତ କେତେବେଳେ ହ୍ୱିସିଲ ମାରି ଦେଉଥିଲେ। ମୋତେ ଲାଗିଲା, ଯେମିତି ସେ କିଛି ଖୋଜି ପାଇଛନ୍ତି।

ପନ୍ଦର କୋଡିଏ ମିନିଟ ପରେ ପଣ୍ଡାବାବୁ ଜୋତାହଳକ ଧରି ହାଜର ହେଲେ। ସେ ଜୋତାହଳକ ପଣ୍ଡାବାବୁଙ୍କ ଠାରୁ ନେଇ ଟେବଲ ଉପରେ ଥୋଇ ନିରୀକ୍ଷଣ କରିବାରେ ଲାଗିଲେ। ତା'ପରେ କିଛି ଗୋଟେ ଇମିତି କାମ ହେଲା, ଯା'ର ଅନୁମାନ ନା ପଣ୍ଡାବାବୁ ନା ମୁଁ କରିଥିଲୁ। ସେ ବିଜୁଳି ବେଗରେ ପକେଟରୁ ଛୁରୀଟିଏ କାଢି ଏକ ଜୋତାର ରୋଲକୁ ଚିରିଦେଲେ।

ପଣ୍ଡାବାବୁଙ୍କ ଉପରେ ବିଜୁଳି ପଡିଲା ଯେମିତି। ପଣ୍ଡାବାବୁ ଟେବୁଲ ଉପରୁ ଜୋତା ଉଠାଇନେଲେ ନିଜ କୋଳକୁ। ହେଲେ ଏ କ'ଣ? ଜୋତାରୁ କିଛି ପାଉଡର ପରିକା ଝରି ପଡୁଥିଲା। "ଏଇ ଦେଖ ପଣ୍ଡାବାବୁ, ମିଳିଲା ନା। ଯୋଉ ଜିନିଷଟାକୁ ଏତେ ଦିନ ହେଲା ଖୋଜୁଥିଲ। ପାଇଲ ?" ସେ ହସି ହସି କହୁଥିଲେ।


http://www.imcrew.com/?r=30698

# ସର୍ତ୍ତ

ଶ୍ରୀ ଦୟାନିଧି ତ୍ରିପାଠୀ

ଦୁଇଟି ବିପରୀତଧର୍ମୀ ଚିନ୍ତା ନିରଞ୍ଜନ ବାବୁଙ୍କ ମନକୁ ଆନ୍ଦୋଳିତ କରୁଥିଲା, ଆଉ ଝିଅର ବିବାହ ପ୍ରସ୍ତାବ ଭାଙ୍ଗିଯିବାର ଆଶଙ୍କା ଦୃଢୀଭୂତ ହେବାକୁ ଲାଗିଲା। ଗୋଟିଏ ସୁଯୋଗ୍ୟ ବରପାତ୍ର ହାତରେ ନିଜ ଝିଅର ହାତ ଛନ୍ଦିଦେବାର ସ୍ୱପ୍ନ ତାଙ୍କର ଧୂଳିସାତ ହୋଇଯାଉଥିଲା। ମନରେ ଉଙ୍କିମାରୁଥିଲା ଅନେକ ପ୍ରଶ୍ନ, ପକ୍କା ବ୍ୟବସାୟୀ ମନୋବୃତ୍ତିର ପରିଚୟ ଦେଇ ଧନଞ୍ଜୟବାବୁ ତାଙ୍କ ସମ୍ମୁଖରେ ଯେଉଁ ସର୍ତ୍ତ ରଖିଯାଇଛନ୍ତି ସତରେ ସେ କଣ ତାକୁ ପୂରଣ କରିପାରିବେ? ନିଜର ନୀତି ଆଦର୍ଶ ଓ ପ୍ରତିଷ୍ଠା କଣ ତାଙ୍କୁ ଧନଞ୍ଜୟ ବାବୁଙ୍କ ସର୍ତ୍ତ ପାଳନ କରିବାକୁ ପ୍ରଶ୍ରୟ ଦେବ? ବାପା ହିସାବରେ ତାଙ୍କ ପାଇଁ କର୍ତ୍ତବ୍ୟ ବଡ ନା ଆଦର୍ଶ ଶିକ୍ଷକ ହିସାବରେ ନିଜର ନୀତି ବଡ?

ଗୁଡାଏ ବିପରୀତଧର୍ମୀ ଚିନ୍ତା ତାଙ୍କ ମନକୁ ଆନ୍ଦୋଳିତ, ଅଶାନ୍ତ ଓ ଦୁର୍ବଳ କରିପକାଉଛି। ମନ କହୁଛି ବାପା ହିସାବରେ ତାଙ୍କୁ ନିଜର କର୍ତ୍ତବ୍ୟ କରିବାକୁ ପଡିବ। ଗୁଡାଏ ନୀତି ଓ ଆଦର୍ଶକୁ ପାଳନ କରୁଥିବା ଜଣେ ସଚ୍ଚା ଶିକ୍ଷକର ପ୍ରତିଷ୍ଠାକୁ ଭୂଲିଯିବାକୁ ହେବ। ନିରଞ୍ଜନ ବାବୁ ଠିକ ଲକ୍ଷ୍ୟ କରୁଛନ୍ତି ଧନଞ୍ଜୟ ବାବୁଙ୍କ ଭଣଜା ରାଜେଶ ସହିତ ତାଙ୍କ ଝିଅ ଅର୍ଚ୍ଚନାର ବିବାହ ପ୍ରସ୍ତାବ ପଡିବା ଦିନଠାରୁ ଏହି ଘରେ ଗୋଟିଏ ଆନନ୍ଦର ଲହରୀ ଖେଳିଯାଇଛି। ସମସ୍ତେ ପୁଲକିତ ହେଉଛନ୍ତି, ନ ହେବେ ବା କେମିତି? ରାଜେଶର ଅଛି ସୁନ୍ଦର ରୂପ, ଆକର୍ଷଣୀୟ ବ୍ୟକ୍ତିତ୍ୱ ଓ ସର୍ବୋପରି ମର୍ଯ୍ୟାଦାବନ୍ତ ସରକାରୀ ଚାକିରୀ। ଆଉ କଣ ବା ଅଧିକ ଦରକାର ଯେ ଝିଅର ସୁଖର ସଂସାର ପାଇଁ ? ତେଣୁ ସାରା ପରିବାର ତାଙ୍କର ସ୍ୱପ୍ନରେ ମସଗୁଲ ଥିଲେ।

କିନ୍ତୁ ଏ କଣ ! ଗୋଟିଏ ଅବାସ୍ତବ ସର୍ତ୍ତ ରଖିଦେଇ ଧନଞ୍ଜୟ ବାବୁ ତାଙ୍କର ସବୁ ସ୍ୱପ୍ନକୁ ଧୂଳିସାତ କରିଦେଲେ। ଚିରାଚରିତ ରୀତିରେ ଯଦି ଧନଞ୍ଜୟ ବାବୁ କିଛି ଯୌତୁକ ଦାବୀ କରିଥାନ୍ତେ ତେବେ ତାହା ଚିନ୍ତାର କାରଣ ସମ୍ଭବତଃ ହୋଇନଥାନ୍ତା।

ଆଜି ତାଙ୍କର ସମୟ ବଡ ଆନନ୍ଦରେ କଟି ଚାଲିଥିଲା। ଅପରାହ୍ନରେ ଧନଞ୍ଜୟବାବୁ ଆସି ଝିଅକୁ ମୁଦି ପିନ୍ଧାଇବାର ଖବରଟା ପାଇ ତାଙ୍କ ପରିବାରରେ ଆନନ୍ଦ ଖେଳିଯାଇଥିଲା। ସ୍ତ୍ରୀ କୌଶଲ୍ୟା


http://www.imcrew.com/?r=30698

ଖବରଟା ଶୁଣିବା ବେଳୁ ଘରର ସାଜସଜ୍ଜାରେ ଲାଗିପଡିଥିଲେ। ଝିଅ ଅର୍ଚ୍ଚନା ବି ରଙ୍ଗୀନ ପ୍ରଜାପତି ପରି ଘୁରି ମା'କୁ ସାହାଯ୍ୟ କରିବାରେ ବ୍ୟସ୍ତ ଥିଲା। ପୁଅ ଅଭିଷେକ ବି ଅତ୍ୟନ୍ତ ଖୁସିରେ ଥିଲା। ଆଉ ନିରଞ୍ଜନ ବାବୁ ପ୍ରତ୍ୟେକ ମୁହୂର୍ତ୍ତର ପାଦଶବ୍ଦକୁ ଗଣି ଚାଲିଥିଲେ ସେହି ପ୍ରତିକ୍ଷିତ ମୁହୂର୍ତ୍ତକୁ ସ୍ୱାଗତ କରିବାପାଇଁ।

ଆସିଥିଲା ପ୍ରତିକ୍ଷିତ ମୁହୂର୍ତ୍ତଟି ଓ ଚାଲି ବି ଯାଇଥିଲା। କିନ୍ତୁ ଆନନ୍ଦ ପରିବର୍ତ୍ତେ ଛାଡିଦେଇଗଲା ଅନେକ ଆଶଂକା, ଅନେକ ପ୍ରଶ୍ନ। ନିଜର ନୀତି ଓ ଆଦର୍ଶଗତ ଜୀବନ ଭିତରେ ଯେ ଏମିତି ଏକ ମୁହୂର୍ତ୍ତର ସାମନା କରିବେ ତାହା ସ୍ୱପ୍ନରେ ସୁଦ୍ଧା ଚିନ୍ତା କରିନଥିଲେ ନିରଞ୍ଜନ ବାବୁ। ଧନଞ୍ଜୟ ବାବୁଙ୍କ ସର୍ତ୍ତ ଶୁଣି ସେ ସ୍ତବ୍ଧ ହୋଇଗଲେ। ଏବେ ବି ପ୍ରତିଧ୍ୱନିତ ହେଉଛି ଧନଞ୍ଜୟ ବାବୁଙ୍କ ସେହି ସର୍ତ୍ତର ଗୋଟିଏ ଗୋଟିଏ ପଦ। ଆଖି ଆଗରୁ ଲିଭିନି ସେ ଦୃଶ୍ୟ।

ପ୍ରତିକ୍ଷାର ଅନ୍ତ ଘଟାଇ ଧନଞ୍ଜୟ ବାବୁଙ୍କ ଗାଡିଟି ବ୍ରେକ କଷିଥିଲା ନିରଞ୍ଜନ ବାବୁଙ୍କ ଘର ସାମନାରେ। ସଗର୍ବେ ଓହ୍ଲାଇ ଘର ଭିତରକୁ ପଶି ଆସିଥିଲେ ଧନଞ୍ଜୟ ବାବୁ ଓ ତାଙ୍କ ପୁଅ ରକି। ଅଭ୍ୟର୍ଥନା ଓ ଜଳଖିଆ ପର୍ବ ସମାପନ ହେବାପରେ ନିରବତାକୁ ଭଗ୍ନକରି ଧନଞ୍ଜୟ ବାବୁ କହିଲେ

"ବୁଝିଲେ ନିରଞ୍ଜନ ବାବୁ, ମୁଁ ଅର୍ଚ୍ଚନା ଓ ରାଜେଶର ବିବାହ ପ୍ରସ୍ତାବରେ ରାଜି, କିନ୍ତୁ !" ଚମକି ପଡିଥିଲେ ନିରଞ୍ଜନ ବାବୁ ଏଇ କିନ୍ତୁ ଶବ୍ଦଟା ଶୁଣି। ନିଜକୁ ସମ୍ଭାଳି ନେଉ ନେଉ ପୁଣି ତାଙ୍କ କାନରେ ବାଜିଥିଲା ଧନଞ୍ଜୟ ବାବୁଙ୍କ ସ୍ୱର:

"ଆରେ, ନା ନା ମୋର ଯୌତୁକ ଦରକାର ନାହିଁ। ରାଜେଶର ବାପାମା ତା'ପାଇଁ ଯେତେ ସଂପତ୍ତି ଛାଡି ଯାଇଛନ୍ତି, ସେ ବସି ଖାଇଲେ ବି ସେତିକି ସରିବ ନାହିଁ। ତା ଛଡା ରାଜେଶ ତ ଆମର ବଡ ଚାକିରୀ କରୁଛି। ଆଉ ମୋର ଧନ କଣ ଦରକାର?"

ନିରଞ୍ଜନ ବାବୁ ଲକ୍ଷ୍ୟ କରୁଥିଲେ ତାଙ୍କ ସ୍ତ୍ରୀ କୌଶଲ୍ୟା ଯେମିତି ଆଶ୍ୱସ୍ତିର ନିଃଶ୍ୱାସ ନେଉଛନ୍ତି। ତଥାପି ସେ ଆଶ୍ୱସ୍ତ ହୋଇପାରିନଥିଲେ। "କିନ୍ତୁ"ର ପ୍ରାୟତଃ ଅର୍ଥ ଜାଣିବାକୁ ସଜାଡି ହୋଇ ବସିଥିଲେ ସେ। ଧନଞ୍ଜୟ ବାବୁମଧ୍ୟ ଟିକିଏ ସଜାଗ ହୋଇ ଚାରିଆଡକୁ ଦୃଷ୍ଟି ନିକ୍ଷେପ କଲେ। କିଏ କେଉଁଠି


http://www.imcrew.com/?r=30698

ଅଛନ୍ତି, ତାର ସ୍ଥିତି ଠଉରେଇ ନେଇ ନିରଞ୍ଜନ ବାବୁଙ୍କୁ ଅନୁରୋଧ କଲେ ତାଙ୍କ ସର୍ତ୍ତଟି ଏକାନ୍ତରେ ଶୁଣିବାପାଇଁ।

ସ୍ତ୍ରୀ ଓ ଅନ୍ୟମାନଙ୍କୁ ଭିତରକୁ ଯିବାପାଇଁ ଇଶାର କରିବାପରେ ନିରଞ୍ଜନବାବୁ ଉତ୍ସୁକତାର ସହ ଧନଞ୍ଜୟ ବାବୁଙ୍କୁ ଚାହିଁ ରହିଥିଲେ।

ରକିକୁ ମଧ୍ୟ ଭିତରକୁ ଯିବାପାଇଁ ନିର୍ଦ୍ଦେଶ ଦେଇ ଧନଞ୍ଜୟ ବାବୁ କହିଲେ:

"ବୁଝିଲେ ନିରଞ୍ଜନ ବାବୁ, କାମଟା ଆପଣଙ୍କ ପାଇଁ ବିଶେଷ କଷ୍ଟକର ନୁହେଁ। କଥା କଣ କି, ଆମେ ବ୍ୟବସାୟୀ ଲୋକ। ଲକ୍ଷ୍ମୀଙ୍କ ଉପାସକ। ତେଣୁ ସରସ୍ୱତୀ ଆମ ଉପରେ ବିଶେଷ ପ୍ରସନ୍ନ ନୁହନ୍ତି। ମୋର ଏଇ ଗୋଟିଏ ବୋଲି ପୁଅ ରକି। ଦି ଦି ଥର ମ୍ୟାଟ୍ରିକରେ ଅକୃତକାର୍ଯ୍ୟ ହେଲାଣି। ଏଥର ଆପଣଙ୍କ ସ୍କୁଲରେ ତା'ର ପରୀକ୍ଷା କେନ୍ଦ୍ର ପଡିଛି। ଆପଣ ଯେତେବେଳେ ପ୍ରଧାନ ଶିକ୍ଷକ ଅଛନ୍ତି, ଚାହିଁଲେ ତାକୁ ସାହାଯ୍ୟ ନିଶ୍ଚୟ କରିପାରିବେ।" ସ୍ୱରକୁ ସାମାନ୍ୟ ନିମ୍ନ କରି ଧନଞ୍ଜୟ ବାବୁ କହିଲେ, "ରକି କହୁଥିଲା, କେହିଜଣେ ତାକୁ ପଚିଶି ହଜାର ଟଙ୍କାରେ ସମସ୍ତ ପ୍ରଶ୍ନପତ୍ରର ନକଲ ଦେଇଦେବ। ଆପଣ ତ ଜାଣି ପାରୁଥିବେ ଏତେ ଗୁଡାଏ ପାଠ ମାତ୍ର ଦୁଇ ଦିନ ମଧ୍ୟରେ ପଢିବା ଅସମ୍ଭବ। ତେଣୁ ରକି କେବଳ ଅକ୍ଳାନ୍ତ ପରିଶ୍ରମ କରି ତାହାର ଉତ୍ତର ଯୋଗାଡ କରି ସାଙ୍ଗରେ ପରୀକ୍ଷା କେନ୍ଦ୍ରକୁ ନେଇଯିବ। ଆପଣ କେବଳ ତାକୁ କପି କରିବାର ସୁବିଧା ସୁଯୋଗ ଟିକେ ଯୋଗାଇଦେବେ।"

ମୁଣ୍ଡକୁ ରକ୍ତ ଚିହିଁକି ଆସୁଥିଲେ ସୁଦ୍ଧା ନିରଞ୍ଜନ ବାବୁ ନିର୍ବାକ ରହିଗଲେ। ଏଥିରେ ଉତ୍ସାହିତ ହୋଇ ଧନଞ୍ଜୟ ବାବୁ ପୁଣି କହିଲେ:

"ବୁଝିଲେ, ଏଥିପାଇଁ ଗୋଟିଏ ନୂତନ ଉପାୟ ମଧ୍ୟ ଖୋଜିଛି। ରକି ତା'ନିଜର ଅସୁସ୍ଥତା ସଂପର୍କୀତ ଏକ କାଳ୍ପନିକ ଡାକ୍ତରୀ ପ୍ରମାଣପତ୍ର ସହ ପରୀକ୍ଷା ଦେବାକୁ ଯିବ। ଏବଂ କେନ୍ଦ୍ରର ଅଧୀକ୍ଷକ ହିସାବରେ ଆପଣ ତାକୁ ଅଲଗା କୋଠରୀରେ ବସାଇ ପରୀକ୍ଷା ଦେବାର ସୁଯୋଗ ଦେବେ। ଏବଂ ତାକୁ ପୂର୍ଣ୍ଣମାତ୍ରାରେ ନକଲ କରିବାର ସମସ୍ତ ସୁବିଧା ସୁଯୋଗ ଯୋଗାଇଦେବେ।"


http://www.imcrew.com/?r=30698

ମୁଣ୍ଡକୁ ରକ୍ତ ଚହଟି ଆସୁଥିଲେ ସୁଦ୍ଧା ମନର କ୍ରୋଧକୁ ସମ୍ବରଣ କରି ନିରଞ୍ଜନବାବୁ ନିଶ୍ଚଳ ଓ ନିର୍ବାକ ଥିଲେ। ନିରଞ୍ଜନ ବାବୁଙ୍କ ନିରବତାକୁ ସମ୍ମତିର ଲକ୍ଷଣ ଭାବି, ଖୁସି ମନରେ ଉଠି ଯାଉ ଯାଉ ଅନ୍ୟମାନଙ୍କୁ ଶୁଣାଇଲା ଭଳି ଧନଞ୍ଜୟ ବାବୁ କହିଲେ :

"ମୋ ପୁଅ ରକିର ପରୀକ୍ଷାପରେ ମୁଁ ନିଜେ ଆସି ଅର୍ଚ୍ଚନାକୁ ମୁଦି ପିନ୍ଧାଇଦେଇ ଯିବି। ତା'ପରେ ପ୍ରଥମ ଲଗ୍ନରେ ହିଁ ବିବାହ ସାରିଦେବା।"

ଅନ୍ୟମାନେ କଣ ବୁଝିଲେ ବୁଝନ୍ତୁ ବା ନ ବୁଝନ୍ତୁ, କିନ୍ତୁ ନିରଞ୍ଜନ ବାବୁ ଠିକ ବୁଝିଥିଲେ - ରକିର ପରୀକ୍ଷା ସହ ଅର୍ଚ୍ଚନାର ବାହାଘର ସମ୍ବନ୍ଧକୁ ଏବଂ ଗୋଟିଏ ସୁନ୍ଦର ସ୍ୱପ୍ନ ଭାଙ୍ଗିଯିବାର ଆଶଂକା ଯୋଗୁଁ ଦୁଃଖକୁ ନିଜ ହୃଦୟରେ ଜାକି ଧରି ରଖିଥିଲେ।

ଅନ୍ୟକ୍ତ ଯନ୍ତ୍ରଣାରେ ଛଟପଟ ହେଉଥିଲେ ନିରଞ୍ଜନ ବାବୁ। ମନ ବିଷାକ୍ତ, କେବଳ ନୀରବ ନିଥର ବିଷାକ୍ତ ମନ ଚାହୁଁଥିଲା ମାନିନେବାକୁ ଏହି ସର୍ତ୍ତ। କର୍ତ୍ତବ୍ୟର ବୋଝ, ବିବେକ ନୀରବ ପ୍ରତିବାଦ ଜଣାଉଥିଲା ସତ, ଏତେ ବର୍ଷର ନିଷ୍ଠା, ନୀତି ଓ ଆଦର୍ଶକୁ ବଳି ପକାଇବାକୁ ହଠାତ ସେ ଗ୍ରହଣ କରି ପାରୁନଥିଲେ। ଚେଷ୍ଟା କରୁଥିଲେ ଆତ୍ମବଳ ଫେରିପାଇବା ପାଇଁ। ଗୋଟିଏ ପଟେ ନୀତି ଆଉ ଅନ୍ୟପଟେ ଅନୀତି। ଗୋଟିଏ ପଟେ ଆଦର୍ଶ ଆଉ ଅନ୍ୟ ପଟରେ ଅବଶୋଷ, ଗୋଟିଏ ପଟେ ନିଷ୍ଠା ଅନ୍ୟ ପଟେ ଅକର୍ତ୍ତବ୍ୟ? ଧିରେ ଧିରେ ଜାଗି ଉଠୁଥିଲା ବିବେକ। ମନରୁ ବିଷ ପ୍ରକ୍ରିୟା କମି କମି ଆସୁଥିଲା ଆଉ ନିରଞ୍ଜନ ବାବୁ ମନକୁ ମନ କହୁଥିଲେ :

"ନା, ସେ ସୀମା ଉଲ୍ଲଂଘନ କରିବେ ନାହିଁ। ବୁଝେଇ ଦେବେ ତାଙ୍କ ସ୍ତ୍ରୀଙ୍କୁ, ଝିଅକୁ ଆଉ ସମସ୍ତଙ୍କୁ। ଏ ପ୍ରସ୍ତାବ ନୋହିଲେ ଅନ୍ୟ କେଉଁଠି ବି ହେବ। କିନ୍ତୁ ଧନଞ୍ଜୟ ବାବୁଙ୍କ ଅନୈତିକ ସର୍ତ୍ତପାଇଁ ସେ କେବେ ବି ରାଜି ହେବେ ନାହିଁ। ଏଇଟା କେବଳ ଗୋଟିଏ ସର୍ତ୍ତ ନୁହେଁ, ତାଙ୍କର ଆଦର୍ଶ, ନୀତିଗତ ଜୀବନ ଓ ତପସ୍ୟାପ୍ରତି ଏକ ବଡ ଚ୍ୟାଲେଞ୍ଜ। ବିବେକ ତାଙ୍କର ଜିତି ଯାଇଥିଲା, ମନ ଦୃଢ ହୋଇ ଆସୁଥିଲା, ଅବଚେତନ ମନରେ ସେ ଚିତ୍କାର କରି ଉଠିଲେ, ନା ଧନଞ୍ଜୟ ବାବୁ, ନା ମୁଁ ପାରିବିନି। ଆପଣଙ୍କ ସର୍ତ୍ତ ମୁଁ ରଖିପାରିବିନି।

ଚେତନା ଫେରିପାଇବା ମାତ୍ରେ ନିରଞ୍ଜନ ବାବୁ ଦେଖିଲେ ପାଖରେ ଠିଆ ହୋଇଛି ଝିଅ


http://www.imcrew.com/?r=30698

ଅର୍ଚ୍ଚନା। ଆଖିତା'ର ଲୁହରେ ଭର୍ତ୍ତି, ମୁହଁ ଥମ ଥମ, ଚେହେରା ଉଦାସ। ସତେ ଯେମିତି ସେ ବାପାଙ୍କର ମନର ବେଦନା ବୁଝି ପାରିଛି। ଠଉରେଇ ନେଇଛି ତାଙ୍କ ହୃଦୟର ଯନ୍ତ୍ରଣାକୁ। ଝିଅର କାନ୍ଦୁରୀ କାନ୍ଦୁରୀ ମୁହଁକୁ ଚାହିଁ ପାରିଲେନି ନିରଞ୍ଜନ ବାବୁ। ନିଜ ମନର ବେଦନାକୁ ଲୁଚାଇବା ପାଇଁ ଝିଅର ଦୁଇ ହାତକୁ ଟାଣି ଆଣି ତା ହାତ ପାପୁଲିରେ ମୁହଁ ଲୁଚେଇ କଇଁ କଇଁ ହେଇ କାନ୍ଦି ଉଠିଲେ ସେ। ହଠାତ ଦୃଢ ଓ ଗମ୍ଭୀର ହୋଇଗଲା ଅର୍ଚ୍ଚନା। ବାପାଙ୍କ ମୁହଁକୁ ହାତରେ ଟେକିଧରି କହିଲା:

"ଏ ବାହାଘର ଭାଙ୍ଗିଦିଅ ବାପା। ଆଉ ମୋତେ ଆଗାମୀ ଜୀବନର ଫଇସଲା ନେବାପାଇଁ ଅନୁମତି ଦିଅ। ମୋ ଉପରେ ବିଶ୍ୱାସ ରଖ ବାପା। ତୁମର ନୀତି ଓ ଆଦର୍ଶ ଓ ଏ ବଂଶର ପରଂପରାକୁ ଆଖି ଆଗରେ ରଖି ମୁ ସିଚିନ୍ତିତ ପଦକ୍ଷେପ ନେବି।"

ମୁହଁରୁ ଭାଷା ହଜିଯାଇଥିଲା ନିରଞ୍ଜନ ବାବୁଙ୍କର। ଝିଅକୁ କିଛି ନ କହି କେବଳ କରୁଣ ନୟନରେ ଚାହିଁ ରହିଲେ ସେ। ଅର୍ଚ୍ଚନା ଯେମିତି ସତେ ଠଉରେଇ ନେଇଥିଲା ତାଙ୍କ ମନର କଥା। ସେଇଥି ପାଇଁ ଟିକେ ସହଜ ହୋଇ କହିଲା:

"ବାପା, ତୁମେ ଭାବୁଛ କି, ମୁଁ ତୁମର ହୃଦୟ ଓ ମନକୁ ଗଭୀର ଭାବେ ଅନୁଧ୍ୟାନ କରି ଏ ସବୁ କହୁଛି? ନା ବାପା ନ, ମୁଁ ଜାଣିଛି ତୁମେ ଦୃଢ, ନୀତିବାନ, ତୁମର ନିଷ୍ପତ୍ତି ଅଟଳ। ତଥାପି ଗୋଟିଏ ବାପାର ହୃଦୟ ନେଇ ତୁମେ ଆଜି ଯେଉଁ ଦ୍ୱନ୍ଦର ସମ୍ମୁଖୀନ ହୋଇଛ, ତାହା ଦୂର କରିବାପାଇଁ ଏତିକି ଅନୁରୋଧ କରୁଛି। ତୁମ ମନରେ ଦୁଃଖ ଦେଇଥିଲେ ମୋତେ କ୍ଷମା କରିବ ବାପା।"

ପ୍ରକୃତିସ୍ଥ ହେଲ ନିରଞ୍ଜନ ବାବୁ। ଚକିତ ନୟନରେ ଚାହିଁ ରହିଲେ ତାଙ୍କର ଅଲିଅଳୀ ଝିଅକୁ। ମୁହଁର ଭାବ ଜଣାଇ ଦେଉଥିଲା "ତୁ ଠିକ କରୁଛୁ ମା"। ବାପା ହିସାବରେ ଆଜି ମୁଁ ଅଟଳ ନିଷ୍ପତ୍ତି ନେଇ ପାରୁନି। କର୍ତ୍ତବ୍ୟବୋଧ ମୋ ମନରେ ଦ୍ୱନ୍ଦ ସୃଷ୍ଟି କରୁଛି। ବାପାଙ୍କ ମନର କଥା ବୁଝିପାରି ଟିକେ ଆଶ୍ୱସ୍ତ ହେଲା ଅର୍ଚ୍ଚନା। ସାହସ ସଞ୍ଚୟ କରି କହିଲା:

"ବାପା ମୋତେ ସାତ ଦିନ ସମୟ ଦିଅ, ତା'ପରେ ଧନଞ୍ଜୟ ବାବୁଙ୍କୁ ନିମନ୍ତ୍ରଣ କରି ତାଙ୍କୁ


http://www.imcrew.com/?r=30698

ଆମର ଫଇସଲା ଶୁଣାଇବା।" ଦୀର୍ଘଶ୍ୱାସ ଛାଡି ନିରଞ୍ଜନ ବାବୁ କହିଲେ:

"ଦେଖ୍, ତୋର ଯାହା ଇଚ୍ଛା, ତୋରି ଖୁସିପାଇଁ ମୁଁ ଯେ କୌଣସି ନିଷ୍ପତ୍ତି ନେଇପାରିବି।"

ଝିଅ ଉପରେ ନିଷ୍ପତ୍ତିର ଭାର ଛାଡିଦେଇ ବେଶ୍ କିଛି ଦିନ ନିର୍ଦ୍ୱନ୍ଦରେ କାଟିଦେଲେ ନିରଞ୍ଜନ ବାବୁ। ଠିକ ଅଷ୍ଟମ ଦିନ ସକାଳୁ ଝିଅ ଅର୍ଚ୍ଚନା ଆସି କହିଲା:

"ବାପା ଆଜି ସନ୍ଧ୍ୟାରେ ଧନଞ୍ଜୟ ବାବୁଙ୍କୁ ଆମ ଘରକୁ ନିମନ୍ତ୍ରଣ କରନ୍ତୁ।" ତାପରେ ବାପାଙ୍କ ଅଶୀର୍ବାଦ ଭିକ୍ଷାକରି କିଛି ସମୟପାଇଁ ବାହାରକୁ ଯିବା ସକାଶେ ଅନୁମତି ଚାହିଁଲା ଅର୍ଚ୍ଚନା। ଝିଅକୁ ଖୁସି ମନରେ ଅନୁମତି ଦେଇ ନିରଞ୍ଜନ ବାବୁ ପଚାରିଲେ:

"କିନ୍ତୁ, ମୁଁ କଣ ନିଷ୍ପତ୍ତି ଶୁଣାଇବି, ସେ କଥା ତ କହିଲୁନି ମା।"

ପୁନର୍ବାର ପିତାଙ୍କ ଚରଣସ୍ପର୍ଶ କରି ଅର୍ଚ୍ଚନା କହିଲା ଆପଣଙ୍କ ନୀତି, ଆଦର୍ଶ ମୋ ପାଇଁ ବଡ। ତେଣୁ ଧନଞ୍ଜୟ ବାବୁଙ୍କ ସର୍ତ୍ତ ମାନି ନେବାର ପ୍ରଶ୍ନ ଉଠୁଛି କେଉଁଠୁ? ମନେ ମନେ ଆନନ୍ଦିତ ହେଲେ ନିରଞ୍ଜନ ବାବୁ। ଝିଅକୁ ବିଦାୟ ଦେଇ ନିଜେ ବି ଉଠିଲେ ଧନଞ୍ଜୟ ବାବୁଙ୍କୁ ନିମନ୍ତ୍ରଣ କରିବାପାଇଁ।

ଯଥା ସମୟରେ ଧନଞ୍ଜୟ ବାବୁ ମଧ୍ୟ ଆସି ପହଞ୍ଚିଲେ। ଭାବଭଙ୍ଗୀରେ ଗଡ ଜିଣିବାର ଠାଣି। ନିରଞ୍ଜନ ବାବୁଙ୍କ ପରି ଆଦର୍ଶବାନ ଓ ନୀତିବାନ ଶିକ୍ଷକଙ୍କୁ ସେ ମନେଇ ପାରିଥିବା କଥା ଭାବି ମନେ ମନେ ଅତ୍ୟନ୍ତ ଆନନ୍ଦିତ ଜଣାପଡୁଥିଲେ।

ନିରଞ୍ଜନ ବାବୁ କିନ୍ତୁ ଆଜି ଖୁବ୍ ଦୃଢ ଓ ନିଶ୍ଚଳ। ନିଜର ନୀତି ଓ ଆଦର୍ଶ ରକ୍ଷା ହୋଇ ପାରିଥିବାରୁ ସେ ଏକ ଅପୂର୍ବ ଆନନ୍ଦରେ ମସଗୁଲ। ହଠାତ ଅପୂର୍ବଠାଣିରେ ଧନଞ୍ଜୟ ବାବୁ ପଚାରିଲେ:

"ମୁଁ ତାହା ହେଲେ ରକି ପାଇଁ ସମସ୍ତ ବନ୍ଦୋବସ୍ତ କରିଦେଉଛି।"


http://www.imcrew.com/?r=30698

ଏହା ଶୁଣି ନିରଞ୍ଜନ ବାବୁ ଖୁବ ଦୃଢତାର ସହିତ କହିଲେ :

"ନା, ସେ ସବୁର ଆବଶ୍ୟକତା ନାହିଁ।"

"ମାନେ ?" ଧନଞ୍ଜୟ ବାବୁ ଅନୁସନ୍ଧିତ୍ସୁ ହୋଇପଡିଲେ। "ମୁଁ ଆପଣଙ୍କ ପ୍ରସ୍ତାବରେ ରାଜି ନୁହେଁ।" ଖୁବ ସରଳ ଭାବରେ ନିରଞ୍ଜନବାବୁ ସ୍ପଷ୍ଟ କରି କହିଲେ । "ତାହା ହେଲେ ଏ ବାହାଘର ହୋଇପାରିବ ନାହିଁ।" ଧମକପୂର୍ଣ୍ଣ ଭାବରେ ଧନଞ୍ଜୟ ବାବୁ କହିଲେ।

"ସେଇଟା ମୋ ଇଚ୍ଛା, ମୋ ଝିଅ ତଥା ପରିବାରର ଇଚ୍ଛା।" ଦୃଢଭାବରେ କହିଲେ ନିରଞ୍ଜନବାବୁ।

ହଠାତ୍ ତମତମ ହୋଇ ଧନଞ୍ଜୟ ବାବୁ ଉଠି ଚାଲିଯାଉଥିଲା ବେଳେ ରକି ଧାଇଁ ଆସି କହିଲା, "ବାପା ଅର୍ଚ୍ଚନା ଭାଉଜ କି ସୁନ୍ଦର, ରାଜେଶ ଭାଇ ଓ ଅର୍ଚ୍ଚନା ଭାଉଜଙ୍କ ଯୋଡି କେତେ ସୁନ୍ଦର ଦେଖାଯାଉଛି।"

ଧନଞ୍ଜୟ ବାବୁ କିଛି ବୁଝିବା ଅବସ୍ଥାରେ ନଥିଲେ। ବରବଧୂ ବେଶରେ ଅର୍ଚ୍ଚନା ଓ ରାଜେଶ ପ୍ରବେଶ କରିବାପରେ ସେ ପୁନର୍ବାର ବସି ପଡିଲେ, ନିର୍ବାକ ଓ ନିଶ୍ଚଳ ଭାବରେ। ନିରଞ୍ଜନ ବାବୁ ହତବାକ୍ ହୋଇପଡିଲେ। ଘରେ କୋଳାହଳ। ବରବଧୂ ସମସ୍ତଙ୍କ ପାଦଛୁଇଁ ଆଶୀର୍ବାଦ ମାଗୁଥିବା ବେଳେ ରକି କହୁଥିଲା ସେ କାଲେ ପାସ ହେଇଯିବ, କାରଣ ଅର୍ଚ୍ଚନା ଭାଉଜତାକୁ ପଢାଇବେ ବୋଲି କହିଛନ୍ତି।

ସମସ୍ତ ରାଗରୋଷ ଭୁଲି ପୁଣିଥରେ ନିରଞ୍ଜନବାବୁ ଓ ଧନଞ୍ଜୟ ବାବୁ ହାତ ମିଶାଇଥିଲା ବେଳେ ପୁଣିଥରେ ଧନଞ୍ଜୟ ବାବୁ କହୁଥିଲେ ମୁଁ ଏହି ବାହାଘରକୁ ମାନିବିନି, ମାତ୍ର ଗୋଟିଏ ସର୍ତ୍ତରେ, ସମସ୍ତେ ପୁଣି ତାଙ୍କ ମୁହଁକୁ ଚାହିଁ ରହିଥିଲେ, ସେ ସାମାନ୍ୟ ହସିଦେଇ କହିଲେ, "ବେଦୀରେ ପୁଣିଥରେ ହେବ ଏଇ ବାହାଘର।" ସମସ୍ତେ ଆନନ୍ଦରେ ହସି ଉଠୁଥିଲେ।



http://www.imcrew.com/?r=30698

# ରମ୍ୟ ରଚନା




http://www.imcrew.com/?r=30698

# "ବ୍ୟାଙ୍କ୍ ଅଫ୍ ୱାଇଭ୍ସ"

ଶିବ ପ୍ରସାଦ ମିଶ୍ର

ପରିସ୍ଥିତି ବହୁତ ଜଟିଳ। ଏକଦମ ଗଂଭୀର। ପୁରାପୁରି ଅଣାୟତ୍ତ। ଏପରି ଏକ ଅସଂଭାଳ ପରିସ୍ଥିତିକୁ ମୁକାବିଲା କରିବାପାଇଁ ମତେ କିଛି ପଇସା ଧାର କରିବା ନିହାତି ଜରୂରୀ। ନଚେତ୍ ମାମଲାଟା ଗଡବଡ ହୋଇଯିବ। କେଉଁଠାରୁ ଯାଇ କେଉଁଠି ପହଞ୍ଚିଯିବ ତାର ଇୟତ୍ତା ରହିବନି।

ଅବଶ୍ୟ କରଜର ପରିମାଣ ବହୁତ କମ୍। ମାତ୍ର ଶହେ ଟଙ୍କା। କରଜର ଅବଧି ମଧ୍ୟ ଖୁବ ଅଳ୍ପ। ମୋଟେ ଦିନେ କି ଦୁଇ ଦିନ। ହୁଏତ ମୁଁ ଆସନ୍ତାକାଲି ସବୁ ପଇସା ସୁଧ ସହ ଫେରେଇଦେବି। ତଥାପି କରଜଟା ଅପରିହାର୍ଯ୍ୟ। କାରଣ ପଇସାଟା ମୋତେ ଆଜି ଦରକାର। ଏବେ ଏଇ ମୂହୁର୍ତ୍ତରେ।

ଏହି ପ୍ରସଂଗରେ ମୁଁ ଦୁନିଆଁବାଲାଙ୍କୁ ଗୋଟେ ନୀଳ ଇସ୍ତହାରଟେ ବାଣ୍ଟିଲି। ପ୍ରତ୍ୟେକଙ୍କୁ ମୋ ଅସହାୟତାର ସୂଚନା ଦେଲି। ସେମାନଙ୍କୁ ଜଣାଇଦେଲି - "ମୋ ପାଇଁ ପଇସାର ଶକ୍ତ ଜରୁରତ ଅଛି। ଦୁନିଆର କେହି ନା କେହି ମୋରେ ସାହାଯ୍ୟ କରନ୍ତୁ।"

ଦୁନିଆ ଆଗରେ ବୁକୁଫଟା ଚିତ୍କାରଟେ ବି କଲି। ଏତେ ବଡ ଦୁନିଆରେ ନିଶ୍ଚିତ ଭାବେ କେହି ଜଣେ ସହୃଦୟ ବ୍ୟକ୍ତି ଥିବେ। ସେ ମତେ ସାହାଯ୍ୟର ହାତ ବଢାନ୍ତୁ। ମୋତେ ଚିନ୍ତା ମୁକ୍ତ କରନ୍ତୁ। ମୁଁ ଜନ୍ମଜନ୍ମାନ୍ତର ପାଇଁ ତାଙ୍କ ନିକଟରେ ଋଣୀ ହୋଇ ରହିବି।

ମୋ ଆବେଦନରେ ସାରା ଦୁନିଆଟା ସ୍ତବ୍ଧ। ମୋ ପରିବାରଟା ଅବାକ। ମୋ ପରି ଜଣେ ଆର୍ଥିକ ସ୍ୱଚ୍ଛଳ ବ୍ୟକ୍ତି ଉପରେ କେଉଁ ସଂକଟଟା ଏମିତି ମାଡି ପଡିଲା ଯେ ମୁଁ ଟଙ୍କା ଶହେଟା ପାଇଁ ତହଳ ବିକଳ ହେଉଛି। ସେଥିପାଇଁ ସମସ୍ତଙ୍କୁ ହାତ ପତଉଛି।

ଯାହା ହେଉ ମୋ ପାଇଁ ସମସ୍ତଙ୍କ ସମବେଦନା। ମୋ ଘରୁ। ଘର ବାହାରୁ ମଧ୍ୟ। ମୋ ପାଇଁ ସମସ୍ତଙ୍କ ଠାରୁ ସାହାଯ୍ୟର ସୁଅ ଛୁଟୁଛି।


http://www.imcrew.com/?r=30698

ମୋ ପଡୋଶୀ ବଦ୍ରିବାବୁ ମତେ ଏହି କ୍ଷେତ୍ରରେ ନିଧଡକ ରହିବାକୁ ପ୍ରତିଶୃତି ଦେଇଛନ୍ତି। "ଶହେ ଟଙ୍କା ତ ମୋ ପାଇଁ କିଛି ନୁହଁ। ମୁଁ କୋଟିଏ ଟଙ୍କା ମାଗିଲେ ମଧ୍ୟ ସେ ଅଜାଚିତ ଭାବେ ଦେଇଦେବି। ଧାର୍‌ରେ ହୋଇପାରେ। କିନ୍ତୁ ବିନା ସୁଧରେ ଅଥବା ଅଳ୍ପ ସୁଧରେ।

କିନ୍ତୁ ତାଙ୍କ ସାହାଯ୍ୟକୁ ମୋ ପରିବାର ପ୍ରତ୍ୟାଖ୍ୟାନ କରିଦେଇଥିଲା। ଅଗ୍ରାହ୍ୟ କରିଦେବାର ଯୁକ୍ତି ହେଲା -

ଆମ ପରିବାରରେ ଏତେ ସଦସ୍ୟ ଥାଉ ଥାଉ ବାହାରୁ କାହା ପାଖରୁ ଧାର ଆଣିବାଟା ମନା। ଦୋଷାବହ। ପ୍ରଥମେ ଏହି ପରିବାରର କାହା ସଙ୍ଗେ ଏହି ବିଷୟରେ କଥାବାର୍ତ୍ତା କରାଯାଉ। ତା'ପରେ ଅନ୍ୟ ଚିନ୍ତା।

ଧାର ଦେବାପାଇଁ ମୋ ପରିବାରରେ ସମସ୍ତେ ତତ୍ପର। ମୋ ପୁଅଝିଅ। ମୋ ସ୍ତ୍ରୀ ମଧ୍ୟ।

ସେମାନଙ୍କ ବଦାନ୍ୟତାରେ ମୁଁ ବିଶେଷ ଖୁସି। ତେବେ ଏହି ଧାର କରିବା ପ୍ରକ୍ରିୟାଟା କାହା ପାଖରୁ ଆରଂଭ କରାଯାଇପାରେ? ବଦ୍ରିବାବୁଙ୍କ ପାଖରୁ ? ମୋ ପୁଅଝିଅଙ୍କ ଠାରୁ ? ଶେଷରେ ମୋ ପତ୍ନୀଙ୍କ ଠାରୁ।

ଏହି ଅପ୍‌ସନରେ ପତ୍ନୀଜୀ ହିଁ ମୋର ପ୍ରଥମ ଓ ଶ୍ରେଷ୍ଠ ପସନ୍ଦ। କାରଣ ଏହି ସିଲସିଲାରେ ପତ୍ନୀ ମହାଶୟା ଯେତିକି ବିଶ୍ୱସ୍ତ ସେତିକି ନିରାପଦ। ପୁଣି ପଇସାର ନେଣଦେଣ କାରବାରରେ କିଛି ଗୋପନୀୟତାକୁ ମଧ୍ୟ ତାଙ୍କ ନିକଟରୁ ଆଶା କରାଯାଇପାରେ।

ପତ୍ନୀଦେବୀଙ୍କ ଠାରୁ ହିଁ ଧାର କରିବାକୁ ସ୍ଥିର କଲି। ତେଣୁ ତାଙ୍କୁ ଏହି ସଂପର୍କିତ ପ୍ରସ୍ତାବଟେ ଦେଲି। "ତମେ ମତେ ଆଜି ଶହେ ଟଙ୍କା ଧାର ଦେବ। ଆସନ୍ତାକାଲି ମୂଳ ସହିତ କିଛି ସୁଧ ମଧ୍ୟ ଫେରିପାଇଯିବ।"

ପତ୍ନୀଜୀ ଖୁସିରେ ଗଦ୍‌ଗଦ୍। ଚଟାପଟ୍ ସେ ମୋ ପ୍ରସ୍ତାବକୁ ଗ୍ରହଣ କରିନେଲେ। ସଙ୍ଗେ ସଙ୍ଗେ ଶହେ ଟଙ୍କା ମୋ ହାତକୁ ବଢେଇଦେଲେ। ହେଲେ ମୋ ପାଇଁ ତାଙ୍କ ତରଫରୁ ଅଜବ



http://www.imcrew.com/?r=30698

ସର୍ତ୍ତଟେ। "ଧାର ଦେବାପାଇଁ ତାଙ୍କର କୌଣସି ଆପତ୍ତି ନାହିଁ। କିନ୍ତୁ ପରିଶୋଧ ବେଳକୁ ସୁଧଟା ମୂଳ ସହିତ ସମାନ ହୋଇଯାଇଥିବ। ମାନେ ଶହେ ଟଙ୍କାର ମୂଳରେ ଶହେ ଟଙ୍କା ହିଁ ସୁଧ ବାବଦକୁ ଆଦାୟ କରାଯିବ।"

ଅବଶ୍ୟ ଏଥିପାଇଁ ସେ ପରିଶୋଧର ସମୟ ପାଇଁ କିଛି ରିହାତି ଦେଇପାରନ୍ତି। ଯେପରି ଟଙ୍କାଟା ଆସନ୍ତାକାଲି ନ ଦେଇ ପାଞ୍ଚ ଦିନପରେ ଫେରେଇଲେ ବି ଚଳିଯିବ। ସେଥିରେ ଯାଏ ଆସେ କିଛି ନାହିଁ। କିନ୍ତୁ ସୁଧଟା ତାଙ୍କ ମନ ମୁତାବକ ହେବ।

ପତ୍ନୀଙ୍କ ପରେ ପରେ ମତେ ପୁଣି ଥରେ ସତର୍କ କରେଇଦେଲେ। ମୁଁ ଯେପରି ସୁଧର ପରିମାଣକୁ ଭୁଲି ନ ଯାଏ।

ପତ୍ନୀଙ୍କ ରଣନୀତିରେ ମୁଁ ବେହାଲ୍। ବେହୋସ୍।

ହୁଏତ ଦୁନିଆରେ ଏପରି କୌଣସି ଅର୍ଥ ଲଗାଣ ସଂସ୍ଥା ନାହିଁ ଯାହା ଏତେ ଚଡା ଦରରେ ସୁଧ ଆଦାୟ କରୁଥିବ। ବୋଧ ହୁଏ ମୋ ସ୍ତ୍ରୀ ଦୁନିଆର ସେହି ଏକ ମାତ୍ର ଅନୁଷ୍ଠାନ ଯାହାର ରଣନୀତିରେ ଶହେ ଟଙ୍କାର ମୂଳ ପାଇଁ ସୁଧଟା ମଧ୍ୟ ଶହେ ଟଙ୍କା ପାଲଟି ଯାଏ। ପୁଣି ସ୍ୱଳ୍ପ ସମୟରେ। ସେଇଟା ଗୋଟେ ଦିନ ହୋଇପାରେ, ନତୁବା ଅତି ବେଶୀରେ ପାଞ୍ଚଟା ଦିନ। ବାପ୍‌ରେ ବାପ୍ ! ଏଇଟା କେଉଁ କିସମର ସଂସ୍ଥା କି ?

ପତ୍ନୀଦେବୀଙ୍କ ମୁଁ ଚାହିଁ ରହିଲି। ଯେପରି ମୁଁ ଜଣେ ଅବୁଝା। ଆଉ କିଛି ବୁଝିବାପାଇଁ ମୁଁ ତାଙ୍କ ନିକଟରୁ ଏକ ସ୍ପଷ୍ଟୀକରଣ ଚାହୁଁଛି।

ପତ୍ନୀ ମହାଶୟା ମଧ୍ୟ ମୋ ନିକଟରେ ସବୁ କଥାକୁ ସ୍ପଷ୍ଟ କରିଦେଉଥିଲେ।

ସେ ଋଣ ଆକାରରେ ଦେଉଥିବା ଟଙ୍କା କୌଣସି ଅଜଣା ବ୍ୟାଙ୍କର ପାଣ୍ଠି। କିନ୍ତୁ ସେହି ବ୍ୟାଙ୍କ କୌଣସି ଆଲତୁ ଫାଲତୁ ବ୍ୟାଙ୍କ ନାହିଁ। ଏକ ନିଆରା ବ୍ୟାଙ୍କ୍। ପତ୍ନୀ ମାନଙ୍କ ଏକ ସ୍ୱତନ୍ତ୍ର


http://www.imcrew.com/?r=30698

ବ୍ୟାଙ୍କ। ତାହାକୁ "ବ୍ୟାଙ୍କ୍ ଅଫ୍ ୱାଇଭ୍ସ" ବୋଲି କୁହାଯାଇପାରେ।

ପତ୍ନୀଜୀ ହସୁଥିଲେ। ମୁଁ ତାଙ୍କୁ ନିଠେଇ ଚାହୁଁଥିଲି।

ସେ ପୁଣି କହିଲେ - "ଏହି ପତ୍ନୀମାନଙ୍କ ବ୍ୟାଙ୍କ ଗୁଡାକ ସେମାନଙ୍କ ପାଣ୍ଠିକୁ ସେମାନଙ୍କ ସ୍ୱାମୀମାନଙ୍କ ପକେଟରୁ ହିଁ ସଂଗ୍ରହ କରନ୍ତି। ତେବେ ସ୍ୱାମୀ ମାନଙ୍କ ଗୋଚରରେ ନାହିଁ ବରଂ ସେମାନଙ୍କ ଅଜାଣତରେ। କେହି ଏହାକୁ ଗର୍ହିତ ଅପରାଧଟେ ବୋଲି କହିପାରେ। କିନ୍ତୁ ଆମ ନଜରରେ ତାହା ମୋଟେ ଅପରାଧ ନୁହେଁ।"

କାରଣ ଏହି ଚୋରୀ ଜରିଆରେ ତିଆରି ହୋଇଥିବା ପାଣ୍ଠିଟା ସେମାନଙ୍କ ସ୍ୱାମୀ ତଥା ପରିବାରର ମଙ୍ଗଳ ପାଇଁ ଉଦ୍ଦିଷ୍ଟ। ପରିବାରରେ ସ୍ୱାମୀମାନେ ବିପଦଗ୍ରସ୍ତ ହେବାବେଳେ ଏହି ପାଣ୍ଠି ସେମାନଙ୍କୁ ସହାୟତା କରେ। ଯଥେଷ୍ଟ ସାହାଯ୍ୟ କରେ। ତେବେ ନିଜର ସ୍ଥିତି ବଜାୟ ରଖିବା ତଥା ପରିବୃଦ୍ଧି ସକାଶେ ଚଡା ଦରରେ ସୁଧା ଆଦାୟ କରେ।

କଥାଟା ମୋ ସମଝକୁ ଆସିଯାଇଥିଲା। ଯେଉଁ ପାଣ୍ଠି ବିପଦଗ୍ରସ୍ତ ସ୍ୱାମୀମାନଙ୍କ କାମରେ ଆସେ ସେହି ପାଣ୍ଠିର ଗୁଣଗାନ କରାଯାଇପାରେ। ତାକୁ 'ଜୟ ହୋ" କୁହାଯାଇପାରେ।

ମୁଁ ସ୍ତ୍ରୀଙ୍କ ନିକଟରେ ହାତ ପତେଇଲି। ପତ୍ନୀଜୀ ମୋ ହାତକୁ ଶହେ ଟଙ୍କା ବଢେଇଦେଲେ। ପାଖରେ ପୁଅଝିଅମାନେ ଠିଆ ହୋଇଥିଲେ। ସେମାନେ ଏହି ଋଣ ଦେଣନେଣର ସାକ୍ଷୀ।

ପୁଅ କହୁଥିଲା - "ପାପା, ଋଣଟା ଶୀଘ୍ର ସୁଝିଦେବ।"

ଝିଅ କହୁଥିଲା - "ପାପା, ଶହେ ଟଙ୍କାର ମୂଳକୁ ଶହେ ଟଙ୍କା ସୁଧ ଦେବାକୁ ଭୂଲିବନି।


http://www.imcrew.com/?r=30698

# ଆମ ଗାଁ ହାଲଚାଲ




http://www.imcrew.com/?r=30698

# ଆମ ଗାଁ ହାଲଚାଲ

ଆଜି ଗାଁ ଦାଣ୍ଡ କଂପୁଛି। ହୀନଗୌଡ ମାଇକ ଲଗେଇ ଦେଇଚି ଯେ ପାଖଆଖ ସାତଖଣ୍ଡ ଗାଁ ଲୋକଙ୍କୁ ଭୀକାରିବଳ ଭଜନ ଶୁଭୁଛି। ଅବଶ୍ୟ ସକାଳୁ ସେ ଅମିତା ବଚନ ଗୀତ ଲଗେଇଥିଲା, ହେଲେ ଦିଗିତଘର ବୁଡା ବୋଇଲା, "ଭଜନାଟେ ନଗା, ଦି ଟଙ୍କା ଦେବି।" ବାସ ଭଜନ ଲାଗିଛି। କାଳିଆ ସାଆନ୍ତେ ହୋ, ଗୀତ ଦୂର ଦୂରକୁ ଶୁଭୁଛି।

ହରି ଓଡିଆ ଦୁଆରେ ଛାମୁଣ୍ଡିଆ ପଡିଛି। ସଜ ନଡିଆବାହୁଙ୍ଗା ଚାରିପାଞ୍ଚଟା ପଡିଛି। ଦୁଆରେ ଲିଚୁମାଳ ସାଙ୍ଗକୁ କଦଳୀ ବାହୁଙ୍ଗା ମଧ୍ୟ ବନ୍ଧା ହେଇଛି। ଗାଁ ବସଷ୍ଟାଣ୍ଡରୁ ଗାଁ ମଝି ପର୍ଯ୍ୟନ୍ତେ ଝରିମାଳ ଲିଚୁ ଲାଇଟି ଲାଗିଚି। ଗାଁ ସ୍କୁଲ ଭିତରେ ଖନ୍ଦା ଲଗିଛି। ହନୁ ଗୋସେଇଁ ରୋଷେଇ ଦାୟିତ୍ୱରେ ଅଛନ୍ତି। ବଡ ପୁରୋହିତଙ୍କ ପୁଏ ଯାଇ ପୂଜାପୂଜି କରିଦେଇ ଆସିଲେ। କାଠ ପକେଇ ଚୁଲି ଲାଗିଲାଣି। ଦୋପହର ବେଳକୁ ବାହାଘରଟା। ବରଯାତ୍ରୀଏ ଦିନ ଦିପହରରେ ଆସିବେ ବୋଲି ଗାଁ ସ୍କୁଲରେ ସେମାନଙ୍କ ବସିବା ପାଇଁ ବ୍ୟବସ୍ଥା ହେଇଛି। ବଡ ହଣ୍ଡାରେ ପୋଖରୀରୁ ସଫା ପାଣି ଆଣି ରସନା ତିଆରି ଚାଲିଚି।

ଘର ଭିତରୁ ଖାଲି ହୁଳହୁଳୀ ଶବ୍ଦ ଶୁଭୁଛି। କିଏ କିଏ କନ୍ଦାକଟା କରୁଥିବା ବି ଶୁଣାଯାଉଛି। ହରି ଓଡିଆ ମୁଣ୍ଡରୁ ଝାଳପୋଛି ପୋଛି ଘର ଭିତରୁ ବାହରକୁ ଯାଉଛି ଆସୁଛି। ମହାରଣା ଆଜ୍ଞା ଖନ୍ଦାଶାଳ ବୁଝୁଛନ୍ତି। ସବୁ ଠିକଠାକ ଚାଲିଛି।

ସ୍କୁଲ ଛୁଟି ବୋଲି ସବୁ ଯେମିତି ସୁରୁଖୁରୁରେ ହେଇଗଲା, ନୋହିଲେ ପିଲାଏ ସ୍କୁଲରେ ଥିଲେ ଏ ସବୁ ହେଇ ପାରନ୍ତା ନାହିଁ। ହଁ ଅବଶ୍ୟ କାର୍ଜି କରଣ ଘର କଥା ହେଲେ ନିଆରା, ତାଙ୍କ ପାଇଁ ସ୍କୁଲ ବନ୍ଦ କରିଦିଆ ଯାଆନ୍ତା। ସେ ଯା'ହେଉ ଖରାଛୁଟିଟା ପାଇଁ ସ୍କୁଲ ଖାଲି।

ବାହାରେ ଦି ଦିନ ହେଲାଣି ଟାଣ ଖରା ହେଉଥିଲା। ଝାଳ ନିଗିଡି ପଡୁଥିଲା। ଗରୀବ ଗୁରୁବା ଘର କୋଉଠୁ ଫେନ କୁଲର ଆଣିବ। ହେଲେ ବାହାଘରଟା ପାଇଁ ଦିଟା ଠିଆ ପଙ୍ଖା ଆଣିଛି। ତାକୁ ଘେରି ରହିଛନ୍ତି ଗାଁ ପିଲାଏ। ଥଣ୍ଡା ପବନ ଟିକେ ମିଳୁଚି। ହରିଆ ଓଡିଆ ପାଟି କରୁଚି।


http://www.imcrew.com/?r=30698

କାର୍ଜିଏ ପୋଖରୀ ତୁଠରୁ ସ୍ନାହାନ ସାରି ଫେରିଲେଣି। ହରିଆ ଓଡିଆ ଦୁଆରେ ଘଡିଏ ଠିଆହେଇ ପଡି କହିଲେ, "ହଇରେ ହରିଆ, ସବୁ ଠିକ ଠାକ ଚାଲିଛି ତ?"

ହରିଆ ମୁଣ୍ଡ ହଲାଇ ହଁ ଭରିଲା।

କାର୍ଜିଏ ଆଗକୁ ଯାଉ ଯାଉ ଅଟକି ଗଲେ, କହିଲେ ଶଗଡଟା ଏଇଠୁ କାଡି ଦେ, କୁଣିଆ ମଇତ୍ର ଆସିବେ, ବରଯାତ୍ରୀଏ ଆସିବେ ବସିବେ କୋଉଠି। ଯା' ଆମ ଖଳାରେ ଖଜୁରୀ ପଟି ଦିଟା ପଡିଛି ଆଣି ଏଇଠି ପକା। ନଇଲେ ପୁଅକୁ ବାଟେଇ ଦେ, ଧାଇଁ ଯାଇ ନେଇ ଆସିବ।"

ହରିଆ କୃତକୃତ୍ୟ ହୋଇପଡୁଥିଲା। ଯାହା ଆପଣ ସାହା ବୋଲି କହି ପୁଏଙ୍କୁ ଦଉଡାଇଲା। ଚାରିହଳ ପିଲାଙ୍କୁ ଧରି ହରିଆ ପୁଅ ଗଣିଆ (ଗଣେଷ କିନ୍ତୁ ଗାଁରେ ସବୁ ଗଣିଆ କହନ୍ତି) ଧାଇଁଲା। ଖନ୍ଦାଶାଳ ପାଇଁ ଯାହା ଯାଆ ସବୁ ଦରକାର ସବୁ ଅଣା ହେଇଚି ହେଲେ ଏତେବେଳ ଯାଏଁ ଆମିଷଟା ଆସିଲା ନାହିଁ। ଦୁଃଖୀ ବେହେରା ଭୋର ପାହାନ୍ତିରୁ ସାଇକେଲ ନେଇ ବାଲୁଗାଁ ଯାଇଥିଲା, ହେଲେ ଏତେବେଳ ଯାଏଁ ଆସିଲା ନାହିଁ। ଅନ୍ନ, ଡାଲି, ଖୀରି, ଆମ୍ବିଳ, ଘାଣ୍ଟ ତରକାରୀ ସରିଲାଣି। ଦିପହର ହେବାକୁ ଆଉ ଘଡିଏ ବାକି, ମହାରଣା ମାଷ୍ଟ୍ରେ ଦେଖିଲେ ଦୂରରୁ ଦୁଃଖୀ ଆସୁଚି। ଯା'ହେଉ ମାନଟା ରହିଯିବ।

ଦୁଃଖୀ ସିଧା ସାଇକେଲ ମାଡି ଚାଲିଲା, ଖନ୍ଦାଶାଳକୁ। ଦଶ କିଲୋ ସାନ ଚିଙ୍ଗୁଡି ଆଣିଥିଲା। ଆଉ ମାଛ। ଗୋସେଇଁଏ କହିଲେ ମାଛକୁ କାଟିକି ଧୋଇ ଆଣ, ଛାଣିଦେବା। ତେଣେ ଘାଣ୍ଟ ତରକାରୀ ପାଛିଆଏ ଆଣି ସେଥିରେ ଚିଙ୍ଗୁଡି ଭାଜି ଛାଡିଦେଲେଣି। ଦହି ନଡିଆ ଟିକେ ବି ହେଇଯାଇଛି। ଖାଇବା ବ୍ୟବସ୍ଥା ସଂପୂର୍ଣ୍ଣ ହେଲା। ଗୋସେଇଁ କହିଲେ, ମାଛଟା ଖାଇବା ସମୟକୁ ଛାଣିବା। ବରଯାତ୍ରୀଏ ଯାହା ଖାଇବେ। ଗାଁ ବାଲାଙ୍କ ପାଇଁ ତ ଘାଣ୍ଟ ହେଉଚି, ଆମ୍ବିଳ, ଖୀରି, ଚିଙ୍ଗୁଡି ଘାଣ୍ଟ ସବୁ ହେଇଚି। ସାନ ଗୋସେଇଁ (ଗୋସେଇଁଙ୍କ ସଚିବ, ଯିଏ ସବୁ ଭୋଜିରେ ଗୋସେଇଁଙ୍କୁ ସାହାଯ୍ୟ କରନ୍ତି) କହିଲେ, ଶାଗଟା ଆଉ ଭଜାଟା ବି ହେଇଗଲା। ସେ ଜଳଦି ଜଳଦି ବସି ଲେମ୍ବୁ କାଟିବାକୁ ଲାଗିଲେ। ପତ୍ରରେ ଲେମ୍ବୁ ଲୁଣ ନ ଲାଗିଲେ ଦୋଷ।

ଦିପହର ହେବାକୁ ଅଳ୍ପ ସମୟ ବାକି ଆକାଶ ଅନ୍ଧାର କରି ମେଘ ଆସିଲା। ଖରାଦିନିଆ


http://www.imcrew.com/?r=30698

ଖରାବେଳଟାରେ ଥଣ୍ଡା କୋହଲା ମାରି ପବନ ବହିଲା। ଯେମିତି ଦି ଚାରି ଟୋପା ପାଣି ପଡିଛି। ହୀନଗଉଡ ସବୁ ଲାଇଟ ମାଇକ ବନ୍ଦ କରିପକାଇଲା। ହରିଆ କଣ ହେଲାବୋଲି ବାହାରକ ଆସିଲା ବେଳକୁ ପାଣି ପଡିବା ଆରମ୍ଭ ହେଲାଣି। କଣ କରାଯିବ। ଯଦି ବର୍ଷା ହୁଏ ତ ମାମଲା ଅସମ୍ଭାଳ ହେଇଯିବ। ନଡିଆ ବାହୁଙ୍ଗା ବା କେତେ ପାଣି ରୋକିବ।

ହରିଆ ଦଉଡିଲା କୋଠଘରକୁ, ମହନ୍ତ ଆଜ୍ଞାଙ୍କ ଗୋଡ ତଳେ ସାଷ୍ଟାଙ୍ଗ ହେଇ କହିଲା ଆଜ୍ଞା ବର୍ଷାଟା ଆସିଲାଣି, ଝୁଅକୁ ବାଟେଇବି ବୋଲି ସବୁଯୋଗାଡ କରିଚି ଯେ ପାଣି ପଡିଲେ କିସ କରିବି ଆଜ୍ଞା। ମହନ୍ତ ଆଜ୍ଞା ସବୁ ବୁଝିଲେ, ତୁରନ୍ତ କୋଠଘରୁ ଜରିଟେ ନେଇ ଯା ଆଉ ଛାମୁଣ୍ଡିଆରେ ପକେଇ ଦେ ବୋଲି ନିର୍ଦ୍ଦେଶ ଦେଲେ। ଦଉଡା ଦଉଡି କରି ଛାମୁଣ୍ଡିଆ ଉପରେ ଜରି ପଡିଲା। ଅନ୍ତତଃ ବେଦୀଟା ଆଉ ଓଦା ହେଲାନି। କରଣ ଆଜ୍ଞା ଗାଁ ବାହାରକୁ ଯାଇଥିଲେ ବୋଧେ, ଫେରିବା ବାଟରେ କହିଲେ, "ହଇରେ ହରିଆ, ଦେଖ ତୋ ଝିଆ ବାହାଘରକୁ ଦେବତାମାନେ ଆଶୀର୍ବାଦ କଲେଣି, ନହେଲେ ଏ ଖରାଦିନେ କି ବର୍ଷା ?"

ସବୁ ଯୋଗାଡ ଯନ୍ତ୍ର ସରିଲା। ଏବେ ଖାଲି ଅପେକ୍ଷା ବରର। ଦିପହର ହେଲାଣି। କାର୍ଜିଏ ଦୁଆରେ ସଫାଲୁଗା ପିନ୍ଧି ବସିଛନ୍ତି, କେତେବେଳେ ଡାକରା ଆସିବ, ସେ ସ୍କୁଲକୁ ଯାଇ ଭୋଜିରେ ବସିବେ। ଗାଁ ପିଲାଏ ଡାଲ ଗିଲାସ ଧରି ବୁଲୁଛନ୍ତି। ଟେଣ୍ଡାକଳରେ ଧୁଆଧୋଇ କରି ଡାଳେ ଡାଳେ ପାଣିଧରି ଜଗିଛନ୍ତି। ଭାଲୁ ଭଣ୍ଡାରୀର ଡାକକୁ। କେତେବେଳେ ସେ ଡାକଦେବ ଆଉ ସବୁ ଧାଇଁବେ ସ୍କୁଲକୁ ଭୋଜି ଖାଇବାପାଇଁ।

ଦିପହର ଗଡି ଘଡିଏ ହେଲାଣି। କାର୍ଜିଏ କହିଲେ, "ହଇରେ ହରିଆ, କାହାକୁ ଗୋଟେ ବାଟେଇ ଦେ, ଯାଇ ଦେଖିଆସିବ, ବରଯାତ୍ରୀଏ ବାହାରିଲେଣି ନା ନାହିଁ।" ତେଣେ ସ୍କୁଲରୁ ମହାରଣା ମାଷ୍ଟ୍ରେ କଥା ପଠାଇଲେ ଯେ ବରଯାତ୍ରୀଏ ଆସିଲେ ପରେ ଖାଇବେ, ଆଗ ଗାଁ ବାଲାଙ୍କୁ ଖୁଆଇ ଛାଡିଦେବା। ଏଇମିତି କଥାବାର୍ତ୍ତା ଭିତରେ ବରଯାତ୍ରୀ ଆସୁଛନ୍ତି ବୋଲି କିଏ ଗୋଟେ ଧାଇଁ ଆସି କହିଲା। ସବୁ ପ୍ରସ୍ତୁତ ହେଇଗଲେଣି।

ବରଯାତ୍ରୀଙ୍କୁ ରାସନା ପାଣି ଦିଆଯାଇ ଆପ୍ୟାୟିତ କରାଗଲା। ବର ବେଦୀକୁ ଗଲାଣି।



http://www.imcrew.com/?r=30698

ବରଯାତ୍ରୀଏ ସ୍କୁଲକୁ ଗଲେଣି, ଭୋଜି ଆରମ୍ଭ ହେଇଚି। ଗାଁ ବାଲାଏ ବାହାରେ ଅପେକ୍ଷା କରିଛନ୍ତି, ଯେ ବରଯାତ୍ରୀଏ ଖିଆ ସମାପିଲେ ଏମାନେ ଭିତରକୁ ପ୍ରବେଶିବେ। ଏହି ସମୟରେ ହରିଆ ଓଡିଆ ଘର ଅଗଣାରୁ ପାଟିତୁଣ୍ଡ ଶୁଭିଲା।

ଟିକେ ପାଖକୁ ଯାଇ ଶୁଣିଲା ବେଳକୁ ହରିଆ ଓଡିଆ ନେହୁରା ହୋଇ କହୁଥିଲା, "ମୋର ଗୋଟେ ବୋଲି ଝିଅ, ତମେ ଏବେ ଅଡିବସିଲେ ମୁଁ କୋଉଠୁ ଟଙ୍କା ଆଣିଦେବି ସମୁଦି। ବାହାଘରଟା ସାରିଦିଅ, ପରେ ନୋହିଲେ ଯାଇ ଦେଇ ଆସିବି।" ବୋଧହୁଏ ଅନ୍ୟଜଣକ ହରିଆର ସମୁଦିଥିଲେ, ସେ କହୁଥିଲେ, "ଗୋଟେ ବୋଲି ଝିଅ ତ ତେଣୁ ଖାଲି ହାତରେ ପାଟରାଣୀ କରିବା ପାଇଁ ପଠେଇ ଦେଉଥିଲା ନା କଣ? ମୋ ପୁଅକୁ କଣ ବୋଲି ପାଇଲ କି ? ସହରରୁ ବଡ ବଡ ପ୍ରସ୍ତାବ ଆସୁଥିଲା। ଗାଡି ଦେବେ ଘୋଡା ଦେବେ ବୋଲି କହୁଥିଲେ। ହେଲେ ତୁମ ଝିଅକୁ ଦେଖି ଭାବିଥିଲି ଘରକୁ ସୁନ୍ଦର ବୋହୁଟେ ଆଣିବି ବୋଲି। ହେଲେ କଣ ନା ଦେବାକୁ କିଛି ନାହିଁ।" ଏଇମିତି ଝିଙ୍କା ଓଟରା ଚାଲୁଥିଲା ବେଳେ କରଣେ ଆସି ମାମଲାର ସମାଧାନ କରିବାକୁ ଚେଷ୍ଟା କରୁଥିଲେ।

ବରଘର ଓ କନ୍ୟାଘର ମଧ୍ୟରେ ଟଣାଓଟରା ଆଉ ଅନ୍ୟମାନଙ୍କୁ ଅଛପା ହୋଇ ରହିନଥିଲା। ନାଲିପାଣି ପିଇଥିବା କେତେଟା ଉଦ୍ଧତ ଯୁବକ ବରଯାତ୍ରୀର ଆଳରେ ଆସି ବାହା ବେଦୀ ପାଖରେ ପହଞ୍ଚି ହରିଆ ଉପରେ ଚଡଉ କରିବା ଆରମ୍ଭ କରିଦେଲେ। ହରିଆ ନିରୁପାୟ ହେଇ ଏପାଖ ସେପାଖ ଦେଖୁଥିଲା। ଜଣେ କିଏ ବରର ହାତଧରି କହିଲା, "ଉଠ୍ ଟୁନା, ତୋତେ କଣ ଝିଅ ମିଳୁନାହାନ୍ତି ଯେ ଏଇ ଭିଖାରୀ ଘରେ ବାହା ହେବୁ?" ବରଟି ଉପାୟ ଶୂନ୍ୟ ହେଇ ଉଠି ପଡିଲା ବେଳେ କରଣେ କହିଲେ, "ରୁହ, ଏମିତି କଣ ବ୍ୟବହାର କରାଯାଏ, ଦିନେ କା ଓଳିଏ ହୋ, ଜୀବନ କାଳକୁ ବନ୍ଧୁ ବାନ୍ଧିବାକୁ ଆସିଛ ଆଉ ପ୍ରଥମ ଦିନରୁ ଝଗଡାଝାଟି କାହିଁକି ?"

କରଣଙ୍କ କଥା ଶୁଣି ଜଣେ ମଦ୍ୟପ କହିଲା, "ତୁମେ କିଏ ହୋ ଭଦ୍ରଲୋକୀ ଦେଖଉଚ? ଯଦି ଏତେ ଚିନ୍ତା ଘାରୁଚି, ଘରୁ ଆଣି ଦେଇ ଦେଉନ?" ତାକୁ ସମର୍ଥନ କରି ଆଉଜଣେ ମଧ୍ୟ ସେହି ଏକାକଥା କହିଲା। କରଣେ ଚୂପଥିଲେ, ଆଉ ମନ୍ଦ ମନ୍ଦ ହସୁଥିଲେ। କରଣଙ୍କ ହସ ଦେଖି ଜଣେ ଉତ୍ୟକ୍ତ ହେଇ, ଅଶ୍ରାବ୍ୟ ଭାଷାରେ ଗାଳି ଦେଉଥିଲା ଆଉ ବରକୁ ହାତ ଧରି ଟାଣି ନେଉଥିବା ବେଳେ, କାର୍ଜିଘର ବଡପୁଏ ତା ହାତକୁ ମୋଡି ଦେଇ ବରକୁ ଟାଣି ଆଣି କହିଲା, "ବର ଏଇଠି


http://www.imcrew.com/?r=30698

ବସିବ, ଆଉ ବାହାଘର ହେବ। ଦେଖିବା କିଏ ତାକୁ ଏଇଠୁ ନେଇ ଯାଉଚି।"

କଥାଟା ସାମାନ୍ୟରୁ ଅଧିକ ଆଡକୁ ଗତିକଲାଣି ଦେଖି ବରଯାତ୍ରୀଏ ପାଟିତୁଣ୍ଡ କରିବା ଆରମ୍ଭ କରିଦେଲେ। ହରିଆ ମୁଣ୍ଡପୋତି ଠିଆ ହେଇଥିଲା। ସମୁଦି ଜଣକ ବଡ ପାଟିରେ ଅନର୍ଗଳ କଥା ସବୁ କହିଯାଉଥିଲେ। ସାନ କାର୍ଜିଏ କରଣ ଆଜ୍ଞାଙ୍କୁ ଦେଖିଲେ। କରଣେ କହିଲେ "ଛାଡିଦେ।" ସାନ କାର୍ଜିଏ ବରର ହାତ ଛାଡିଦେଲେ। କରଣେ କହିଲେ, "ଯାଅ। ଯଦି ତୁମେ ଏହି ବାହାଘରରେ ରାଜି ନୁହଁ ଯାଅ।" ହରିଆ ଆଁଟା କରି ଆଜ୍ଞାଙ୍କୁ ଚାହିଁଥିଲା। ହରିଆର ସମୁଦି କଣ କହିବେ ବୁଝି ପାରୁନଥିଲେ। ସେ ଥତମତ ହେଇ କହିଲେ, "ଟୁନା, ଚାଲ। ଆମକୁ ଏଇ ବାହାଘର ଦରକାର ନାହିଁ।" ସେ ଟୁନାର ହାତ ଧରି ଆଗକୁ ବଢିଯାଉଥିଲେ। ଟୁନା କିନ୍ତୁ ସେଇଠି ସେମିତି ଠିଆ ହୋଇରହିଲା। ବାପା ତାର ପଛକୁ ବୁଲି କହିଲେ, "ଚାଲ୍"। ସେ ବାପାପାଖକୁ ଯାଇ କହିଲା, "ନାଇଁ ବାପା, ଏଇଟା ଠିକ ନାହିଁ।"

ହରିଆ, କରଣଙ୍କୁ ଚାହିଁ ରହିଥିଲା। ଝିଅର ଜୀବନଟା ନଷ୍ଟ ହେଇଯିବ ବୋଲି କହିବାକୁ ଚାହୁଁଥିଲା, ହେଲେ କରଣଙ୍କ ଆଗରେ ଜୀଭ ଲେଉଟିଲା ନାହିଁ। ସମସ୍ତେ ଅବାକ ହେଇ ଅନାଇ ରହିଥିଲେ। ବରପିତା ବରକୁ ଟାଣି ନେବାକୁ ଚେଷ୍ଟା କରୁଥିଲେ। ବରଯାତ୍ରୀ ମାନେ ପାଟିତୁଣ୍ଡ ଜାରୀ ରଖିଥିଲେ।

ବର ପିତାଙ୍କ କାନ ପାଖକୁ ଯାଇ ଧିରେ ଧିରେ କହିଲା, "ବାପା, ଆମେ ଏଇଠୁ ଯାଇପାରିବା ନାହିଁ।" ତା'ବାପା ହସିଦେଇ କହିଲେ, "ତୋ ବାପାକୁ ଅଟକାଇବା ଲୋକ ଦୁନିଆରେ ତିଆରି ହେଇନି, ବୁଝିଲୁ, ତୁ ଚାଲ।" ତଥାପି ଟୁନା ନିରବ ଥିଲା। ବରଯାତ୍ରୀଏ କିଛି ପାଖକୁ ଆସି କଣ ହେଉଚି ଜାଣିବାକୁ ଚେଷ୍ଟା କରୁଥିଲେ। ବର ବାପା ସେମାନଙ୍କୁ ସବୁକଥା କହୁଥିଲା। ଟୋକାଟାକଳିଆ ବରର ବନ୍ଧୁ ମାନେ କହିଲେ, "ଆମେ ଦେଖିବା କିଏ ଆମକୁ ଏଇଠି ରଖିବ। ଚାଲରେ ଟୁନାକୁ ଧରି ଚାଲ।"

ବର କିନ୍ତୁ ଯିବାକୁ ନାରାଜ। ବରପିତା କହିଲେ, କାଳେ କନ୍ୟାଘର ମନ୍ତ୍ରେଇ ଦେଇ ପୁଅକୁ ମହନି କରିଦେଲେ। ସେଇଥିପାଇଁ ବର ଯିବାକୁ ନାରାଜ। ଏହି ସବୁ କୋଳାହଳ ଭିତରେ ବରଯାତ୍ରୀ


http://www.imcrew.com/?r=30698

ଗୋଷ୍ଠୀରେ ଆସିଥିବା କିଛି ବୟୋଜ୍ୟୋଷ୍ଠ ବ୍ୟକ୍ତି କହିଲେ, "ବାହାଘରଟା ସାରିଦିଅ, ସେମାନେ ତ କହୁଛନ୍ତି ପରେ ତୁମ ଦାବୀ ମୁତାବକ ଜିନିଷ ଦେଇଦେବେ ବୋଲି । ନହେଲେ ଝିଅ ଟା ବାଡୁଅ ରହିଯିବ ନା।" ଏଇମିତି କଥାବାର୍ତ୍ତା ଚାଲୁଥିବା ବେଳେ କରଣେ କହିଲେ, "ହରିଆ, ତୋ ଝିଅକୁ ବେଦୀରୁ ଉଠେଇ ଘରକୁ ନେଇଯା।"

ହରିଆ କାନ୍ଦି ପକାଇ କହିଲା, "ଆଜ୍ଞା ମୋ ଝୁଅଟା ବାଡୁଅ ରହିଯିବ। କେହି ବାହା ହେବେନି।"

କରଣେ କହିଲେ, "ତୁ ବି ଭିତରକୁ ଯା। ଆଉ ଏଇ ଲୋକମାନଙ୍କୁ କହି ଦେ ସେମାନେ ବି ଚାଲିଯିବେ।"

ମନ ମାନୁନଥିଲେ ସୁଦ୍ଧା ବଡଲୋକଙ୍କୁ କଣ କହିବ ହରିଆ ବୁଝି ପାରୁନଥିଲା। ମୁଣ୍ଡ ହଲାଇ ତା ସ୍ତ୍ରୀକୁ କହିଲା ଝିଅକୁ ଘର ଭିତରକୁ ନେଇଯିବାପାଇଁ। ଅନିଚ୍ଛା ସତ୍ତ୍ୱେ ହରିଆ ସ୍ତ୍ରୀ ଝିଅକୁ ଉଠେଇ ଘର ଭିତରକୁ ନେଇଯାଉଥିଲା। ବର ପିଲା ଆସି ମନାକଲା। କହିଲା ସେ ବାହାହେବ। ହରିଆ ସ୍ତ୍ରୀ କରଣ ଆଡକୁ ଦେଖାଇ ଦେଇ କହିଲେ, "ଆଜ୍ଞାଙ୍କୁ କୁହ। ସେ ବୋଇଲେ ବାହାଘର ହେବ ନୋଇଲେ ନାଇଁ।" ବର ପିଲା କରଣ ଆଗରେ ମୁଣ୍ଡ ନୁଆଁଇ କହିଲା, "ଆଜ୍ଞା ମୁଁ ବାହା ହେବି। ବାପାଙ୍କ ମତିଭ୍ରମ ହେଇଚି।"

ବର ପିତା କ୍ରୋଧିତ ହୋଇ ବର ଆଡକୁ ମାଡି ଆସୁଥିଲା ବେଳେ କିଛି ବୟସ୍କବ୍ୟକ୍ତି ତାଙ୍କୁ ଧରି ପକାଇଲେ। କହିଲେ ଚାଲ ଏକାଠି ବସି ନିଷ୍ପତ୍ତି କରିବା।

ବାହାର ପାଖ ବାରଣ୍ଡାରେ ସବୁ ବସିଲେ। ବରପିତା ମାଡ ଖାଇଥିବା ନାଗ ସାପ ଭଳିଆ ଫଁ ଫଁ ହେଉଥାଏ। ବର ପାଖରେ ନିର୍ବାକ ଠିଆ ହେଇଥାଏ। ବରପାର୍ଟିରୁ କିଏ ଜଣେ କହିଲା, "ଛାଡ ଭାଇନା, ବାହାଘର ନିର୍ବନ୍ଧ ବେଳେ କିଛି ଯଦି କହିନଥିଲେ ଏବେ ମାଗିଲେ ସେ ଦେବେ କୁଆଡୁ ? ଝିଅଟା ତ ସୁନ୍ଦର ଅଛି, ଟିକେ ପାଠଶାଠ ପଢିଛି। ବାହାଘରଟା କରିଦିଅ। ଗୋଟେ ବୋଲି ଝିଅ, ବୁଡାବୁଡୀ ଯେତେହେଲେ ବି ଅସମ୍ମାନ ତ କରିବେ ନାହି ନାଁ ?" ଆଉ ଜଣେ କହିଲା, "ସେ କଥା ହେଇ ପାରିବ ନାହିଁ। ବାହାଘରେ ପୁଣି ବରଘରର ଇଜ୍ଜତ ମାଟିରେ ମିଶିଯିବ, ନା


http://www.imcrew.com/?r=30698

ସେଇଟା ହେଇପାରିବ ନାହିଁ।" କିଏ କହିଲା, "କକା ଠିକ କହୁଛନ୍ତି, ବାହାଘରଟା କରିଦିଅ।" କିଏ କହିଲା, "ହେଇ ପାରିବନି।"

ତେଣେ ଅଗଣା ବେଦୀପାଖରେ ମୁଣ୍ଡରେ ହାତଦେଇ ବସିଚି ହରିଆ। କାର୍ଜି କରଣେ କଣ ସବୁ ଗୁଣୁଗୁଣୁ ହେଇ କଥା ହେଉଛନ୍ତି। ସାନ କାର୍ଜିଏ କରଣଙ୍କୁ କହୁଛନ୍ତି, "କକା, ତୁମେ ଅଟକେଇ ଦେଲ, ନୋଇଲେ ସବୁ ଗୁଡାକର ଅଣ୍ଟା ଭାଙ୍ଗିଦେଇଥାନ୍ତି।" କରଣେ ତାଙ୍କୁ ବୁଝେଇ କହୁଛନ୍ତି, "ହୁଁ, ବଡ ଭଲ କାମଟେ କରି ପକେଇଥାନ୍ତୁ। ବୋପା ଦଦା ଯାହା ନାଁ କମେଇଛନ୍ତି ସବୁ ଏଇମିତି କରି ଯଦି କମେଇଥାନ୍ତେ ନା ପୁଅ, ବୋଇଲେ ଆଜି ଗାଁ ଦାଣ୍ଡରେ ଠିଆ ହେଇ ପାରନ୍ତୁ ନି। ବୁଝିଲୁ। କାର୍ଜିଘରର ପିଲା, ମୁଣ୍ଡ ଖଟେଇ କଥା କହ।" ସାନ କାର୍ଜିଏ ଥଣ୍ଡା ପଡିଗଲେ।

ହରିଆ କାର୍ଜି କରଣ ମୁହଁଙ୍କୁ ଚାହିଁଛି। ତେଣେ ଖନ୍ଦାରେ ରନ୍ଧା ଥଣ୍ଡା ହେଲାଣି। ଗାଁ ଯୁଆନ ଦଳ ସାନ କାର୍ଜିଙ୍କ ନିର୍ଦ୍ଦେଶକୁ ଜଗି ବସିଚନ୍ତି। ଖାଲି ଇଶାରାଟେ ମିଳିଗଲେ, ଯୁଆଳି ବାଡି, ଶଗଡ ଅଖ, ଠେଙ୍ଗା, ବାଡି ସବୁ ଚାଳିବ ବୋଲି କହି ସାରିଲେଣି।

ଦାଣ୍ଡ ପିଣ୍ଡାରେ ବର ଉଚ୍ଚ ସ୍ୱରରେ କହିଲା, "ମୁଁ ଏହି ବାହାଘର କରିବି। ବାପା ଯଦି ରାଜି ନ ହୁଅନ୍ତି ତେବେ ବି କରିବି।" ନୂଆ ନୂଆ ଗାଁ ସ୍କୁଲରେ ମାଷ୍ଟ୍ର ଚାକିରୀ କରିଥିବା ବରପିଲା ପାଇଁ ତା ବାପା ନୂଆଁ ରାଲେ ସାଇକେଲ, ସୁନା ମୁଦି, ଚେନ ଆଉ ନଗଦ ପାଞ୍ଚ ହଜାର ଟଙ୍କା ଯୌତୁକ ଦାବୀ କରିଥିଲେ। ହେଲେ ବାହା ବେଦୀରେ ବସୁ ବସୁ ଯଉତୁକ ଦାବୀଟା ବଡେଇ ଦେଲେ। ସାଇକେଲ ନାଇଁ ଲୁନାଟେ ଦରକାର ବୋଲି କହିଲେ। ଆଉ ନଗଦ ଟଙ୍କା କୋଡିଏ ହଜାର। ବିଚରା ହରିଆର ମୁହଁ ନାଲି ପଡିଯାଇଥିଲା।

ବାହା ବେଦୀରେ ପାଟିତୁଣ୍ଡ ହେବା ସମୟରେ ବରପିଲା କଣ କରିବ ନିଷ୍ପତ୍ତି ନେଇ ପାରୁନଥିଲା। ଭାବୁଥିଆ ସବୁ ଠିକ ହେଇଯିବ। ଏପାଖ ସେପାଖ କରି କୌଣସି ଗୋଟିଏ ନିଷ୍ପତ୍ତିରେ ଉଭୟ ପକ୍ଷ ରାଜି ହେଇଯିବେ। କିନ୍ତୁ ମାମଲା ତେଜ ହେଇଗଲା। ଯେତେବେଳେ ତାକୁ ବେଦୀରୁ ଝିଙ୍କା ହେଇ ଉଠାହେଇଗଲା ସେତେବେଳେ ସେ ଡରିଗଲା।

ବର ଘର ମିଟିଂ ଚାଲୁଥିଲା। ବରପିତାଙ୍କ କ୍ରୋଧ ଉଚ୍ଚରେ ଥିଲା। ବରର କୌଣସି କଥା


http://www.imcrew.com/?r=30698

ତାଙ୍କ କାନରେ ପଶୁନଥିଲା। ଅଗତ୍ୟା, ଅନେକ ସମୟ ବସିବା ଭିତରେ କିଛି ବରଯାତ୍ରୀ ମନେ ମନେ ଚିନ୍ତାକଲେ ଏମାନଙ୍କ ଝିଞ୍ଜଟ ସରିବା ଭିତରେ ପେଟ ପୂଜାଟା କରିଦେବା ଭଲ ଭାବି ସ୍କୁଲ ପାଖକୁ ଚାଲିଗଲେ। ହେଲେ ସେଠାରେ ଉପସ୍ଥିତ ମହାରଣାମାଷ୍ଟ୍ରେ ସେମାନଙ୍କୁ ଭିତରକୁ ପୁରେଇ ଦେଲେ ନି। କହିଲେ, ମାମଲାର ସମାଧାନ ହେବାପରେ ଯାଇ କେହି ଭିତରକୁ ଆସିବ। ନହେଲେ ଆଜି ଭୋକରେ ଫେରିବ। ସେଇଠୁ ପେଟ ରାଗ ବଢିଲା। ବରଯାତ୍ରୀ ଆଉ ଭୋଜିରେ ଥିବା ଲୋକଙ୍କ ଭିତରେ କଥା କଟାକଟି ହେଉ ହେଉ ମୁଣ୍ଡ ଫଟାଫଟି ଯାଏଁ କଥାଗଲା। ଦି ଚାରିଜଣ ବରଯାତ୍ରୀଙ୍କୁ ଗାଁ ବାଲାଏ ମିଶି ଅତି ଉତ୍ତମ ଧରଣର ଉତ୍ତମ ମଧ୍ୟମ ବି କରିଲେ। ବାସ, ବରପିତାଙ୍କ କ୍ରୋଧ ବଢିଲା। ସେ ଘୋଷଣା କରିଦେଲେ ଯେ ଏହି ବିବାହ ହେଇ ପାରିବ ନାହିଁ।

ହରିଆ ଏଇ କଥା ଶୁଣି ଚେତା ହରେଇଲା। ହରିଆ ସ୍ତ୍ରୀ ଘର ମୁହଁରେ ବେହୋସ ହେଇଗଲା। ଅଗଣାରେ ବସିଥିବା କରଣ କାର୍ଜିଏ ପାଣି ମାରି ଦୁଇଜଣକୁ ସାଷ୍ଟାଙ୍ଗ କରି ପଚାରିଲେ, "ସେମାନେ ମାଗୁଥିବା ଜିନିଷ ତୁ ଦେଇ ପାରିବୁ କି? ଯଦି ହଁ, ବୋଇଲେ ବାହାଘର ଟା ସାରିଦେବା, ନୋହିଲେ ସେମାନେ ଯାଆନ୍ତୁ। କିନ୍ତୁ ମନେ ରଖିଥା ଆଜି ଯଦି ତୁ ଲୁନା ଗାଡି ଦେବୁ କାଲି ସେମାନେ ବଜାଜ ସ୍କୁଟର ମାଗିବେ, ଦେଇ ପାରିବୁତ? ଆଉ ଯଦି ନ ଦେବୁ ସେମାନେ ତୋ ଝିଅକୁ ନିଆଁରେ ପୋଡିଦେବେ, ନଇଲେ ତଣ୍ଟି ଚିପି ମାରିଦେବେ। ତୁ ରାଜି ତ?"

ହରିଆ, କିଛି ସମୟ କଣ ଭାବିଲା, ତା'ପରେ କହିଲା, "ଥାଉ ଆଜ୍ଞା, ମୋ ଝିଅ ପଛେ ବାହା ନ ହେଉ, ମୋ ଘରେ ରହିବ। ମୋ ଆଖି ଆଗରେ ରହିବ। ଏମିତିକା ଲୋକ ଲୋଡା ନାହିଁ। କି ସମ୍ବନ୍ଧ ଲୋଡା ନାହିଁ।" ପୁଅ ଆଡକୁ ଦେଖି କହିଲା, "ଯା ସେମାନଙ୍କୁ କହିବୁ, ଶୀଘ୍ର ଏ ଗାଁ ଛାଡି ପଳେଇବେ, ନଇଲେ ସେମାନଙ୍କୁ କିସ ହେଲେ ଆମେ ଦାୟୀ ହେବାନି।"

ହରିଆ ପୁଅ ବାହାରକୁ ଆସି କହିଲା, "ନନା କହିଲେ, ତେମେ ସବୁ ଏଇଠୁ ପଳ, ନଇଲେ ଛାଡିବେନି।"

ବର ପିତା ଚିନ୍ତା କରିଥିଲେ, ଯେ ଡରାଇ ଧମକାଇ ପ୍ରସ୍ତାବରେ ରାଜି କରାଇଦେବେ ବୋଲି, ହେଲେ ତାଙ୍କର ପାଞ୍ଚ ଓଲଟା ପଡିଲା। ସେ କହିଲେ, "ଆମକୁ ଡାକି ଅପମାନ କରି ପଠାଉଛ, କିଛି


http://www.imcrew.com/?r=30698

ଭଲ ହେବନି।"

ହରିଆ ଓଡିଆ ଚାଳିଆ ଲାଗିଥିବା ବଳଦ ବାଡିଟା ଧରି ବାହାରକୁ ଆସି କହିଲା, "ସିଧା ସିଧା ଯିବ, ନାଁ ବଳଦ ଭଳିଆ ପିଟି ପିଟି ନେଇଁ ଗାଁ ମୁଣ୍ଡରେ ଛାଡି ଆଇବି।" ବରଯାତ୍ରୀ ଯେମିତି ଆସିଥିଲେ ସେମିତି ଫେରିଲେ। ମଦ ନିଶା ଛାଡିଯାଇଥିଲା ଅନେକଙ୍କର। ମୁଣ୍ଡ ମାଡ ହେଇଥିବା ବରଯାତ୍ରୀ କେଇଜଣ କହୁଥିଲେ, "କକା ଆମକୁ ଅପମାନ କରିବା ପାଇଁ ଏଇଠିକି ନେଇ ଆସିଥିଲ କି? ଶଃ ଖାଇବାକୁ ମୁଠେ ବି ଦେଲେନି, ଓଲଟା ମୁଣ୍ଡଫଟା ମାଡ ମାରିଲେ।" ବରଟି ବହୁତ ଦୁଃଖ କରୁଥିଲା। ହେଲେ କଣ କରାଯିବ। ବାପା ଦଦା ଯେତେବେଳେ ଉଠିଲେଣି ସେ ବା କିଏ। ସେ ଉଠି ଯାଉ ଯାଉ କଣ ଗୋଟେ ଭାବି ଯାଇ କାର୍ଜିଙ୍କ ଗୋଡତଳେ ପଡି କହିଲା, "ଆଜ୍ଞା ବାପାଙ୍କୁ କ୍ଷମା କରିଦିଅନ୍ତୁ। ସେ କ୍ରୋଧରେ କଣ କହୁଛନ୍ତି ଜାଣି ପାରୁନାହାନ୍ତି। ମୁଁ ବାହା ହେବାକୁ ରାଜି।"

କାର୍ଜିଏ କହିଲେ, "ତୁମେ ରାଜି ହେଲେ କଣ ହେବ। ବାହା ହେବାପରେ ଝିଅ ତ ପୁଣି ସେଇ ଘରେ ଯାଇ ରହିବ ନା।' କାଲି ଯଦି ତୁମେ ପରିବାର ମିଶି ଆମ ଝିଅକୁ ହଇରାଣ କରିବ?"

ବର କହିଲା, "ସେମିତି ହେବ ନି। ମୁଁ ବାପାଙ୍କୁ ବୁଝେଇବି।"

ଫେରିବାପାଇଁ ଉଦ୍ୟତ ହେଉଥିବା ବରଯାତ୍ରୀରେ ମୁଣ୍ଡପୋତି ଠିଆ ହୋଇଥିଲେ ବରପିତା। ସବୁ ମାନସମ୍ମାନ ତଳେ ପଡିଯାଇଥିଲା। ବର ଯାଇ କହୁଥିଲା, "ବାପା ଏବେ ବି ସମୟ ଅଛି। କହିଲେ କଥାଟା ସମାଧାନ ହେଇଯିବ। ନହେଲେ କାଳକାଳକୁ କଥା ରହିଯିବ। ତୁମ ପୁଅ ଶିଶୁପାଳ ହେଲା ବୋଲି ଦୁନିଆ କହିବ। ଆଉ ଭାବନ୍ତୁ ତ ଆମର ବି ତ ଘରେ ଦୁଇଟା ଝିଅ ଅଛନ୍ତି, କାଲି ଯଦି କେହି ଆମ ସହିତ ଏଇମିତି ବ୍ୟବହାର କରିବେ, ଆମେ କଣ କରିବା ?"

ସେ ଯା'ହେଉ ଆଉ ଘଡିଏ ଡେରି ହେଇଥିଲେ ବୋଧେ ଶୁଭ କାଳଟା ପଳେଇଥାନ୍ତା। ବାହାଘରଟା ସୁରୁଖୁରୁରେ ହେଇଗଲା। ପୁରୋହିତେ ବେଦୀରେ ମନ୍ତ୍ର ବୋଲି ବାହାକାମ ସରାଇଲେ। ଗାଁ ସ୍କୁଲରେ ବରଯାତ୍ରୀଙ୍କୁ ସସମ୍ମାନେ ଖାଇବାକୁ ଦିଆଯାଇଥିଲା। ବେଦୀ ପାଖରେ ବସିଥିବା ବରପିତା କହୁଥିଲେ, "ବାହାଘର ବେଳେ ଏମିତି ବେଳେ ବେଳେ ରାଗରୁଷା ହେଇଯାଏ, ତାକୁ କଣ ମନକ


http://www.imcrew.com/?r=30698

ନେବା କଥା ?"

ଗାଁ ତୁଠରେ ସଞ୍ଜବେଳେ ବସି କଥା ହେଉଥିବା ବେଳେ ଅଗାଧୁ ଗୋସେଇଁ କହୁଥିଲେ ଆଜି କାଲେ ଦିପହରକୁ ରାହୁକାଳ ଥିଲା, ସେଇଥିଲାଗି ସବୁ ଗଡବଡ ହେଇଗଲା। ଦେଖିବ ଝିଅଟା ରାଣୀ ଭଳିଆ ରହିବ। କାର୍ଜିଏ କହିଲେ, "ବର ପିଲାଟା ଭାରୀ ସିଆଣିଆଟେ ହେଇଛି, ଝିଅ ଆମର ଭଲରେ ରହିବ।" କରଣେ ମଧ୍ୟ ମୁଣ୍ଡ ଟୁଙ୍ଗାରି ହଁ କହୁଥିଲେ। ହରିଆ ଆଖିରୁ ଖୁଶିରେ ଲୁହ ଧାରେ ବହିଯାଉଥିଲା।



http://www.imcrew.com/?r=30698

# ପ୍ରବନ୍ଧ ବିଭାଗ





http://www.imcrew.com/?r=30698

# ଉପନ୍ୟାସ ସାହିତ୍ୟର ଗତି ଓ ପ୍ରକୃତି

ଡକ୍ଟର ମେଜର ଗୌରୀ ପ୍ରସାଦ ମହାପାତ୍ର,
ଏମ ଏ, ଏଲ ଏଲ ବି, ପି ଏଚ୍‌ଡି

ମଣିଷ ଜୀବନର ସୁଖ ଦୁଃଖର କାହାଣୀ, ସେହି ମଣିଷର କହିବା କଥାରେ ରୂପାନ୍ତରିତ ହୁଏ। ଆମ୍ଭ ଜୀବନର ବିଭିନ୍ନ ସମସ୍ୟା ଓ ସମସ୍ୟାଗୁଡିକୁ କେନ୍ଦ୍ରକରି ଘୁରିବୁଲୁଥିବା ମୁଁ, ଆମ୍ଭେ ଓ ଆମ୍ଭମାନଙ୍କ ପରି କେତେକ ଚରିତ୍ରର ଆତ୍ମକଥନକୁ ସଂଗଠିତ ଭାବେ ଉପସ୍ଥାପନ କରିବା ଦ୍ୱାରା ଉପନ୍ୟାସର ଉତ୍ପତ୍ତି ହୁଏ। ମଣିଷର କଥା ଆଜି ଉପନ୍ୟାସ ଯେତେ କହିପାରୁଛି, ସାହିତ୍ୟର ଅନ୍ୟ କୌଣସି ବିଭାଗ ସେହିଭଳି ସେତିକି କହିବାରେ ସକ୍ଷମ ହୋଇପାରିନାହିଁ। ଉପନ୍ୟାସର ଦିଗନ୍ତ ସୁଦୂରପ୍ରସାରୀ ହୋଇଥିବାରୁ; ସେଠାରେ ଲେଖକକୁ ଅଧିକ ସହଜ ଓ ମୁକ୍ତ ହେବାର ସୁଯୋଗ ମିଳିପାରୁଛି। ଉପନ୍ୟାସର ସୁବିସ୍ତୃତ କ୍ଷେତ୍ରରେ କାହାକୁ ଗ୍ରହଣ କରାଯିବ, କାହାକୁ ଗ୍ରହଣ କରାଯିବନାହିଁ, କେଉଁ କଥା, କେଉଁ ସମସ୍ୟା ଓ କେଉଁ ପ୍ରକାରର ବର୍ଣ୍ଣନା କରାଯିବ ବା ନାହିଁ ତାହାର ସୁବିଚାର ହୋଇପାରିଲେ ଔପନ୍ୟାସିକର ସୃଷ୍ଟି ସଫଳ ହୁଏ।

ଜୀବନ ସହିତ ଉପନ୍ୟାସର ସଂପର୍କ ଯେତିକି ନିବିଡ, ସାମାଜିକ ରୂପରେଖ ଓ ପରିସ୍ଥିତିର ଉପସ୍ଥାପନ ପାଇଁ ଉପନ୍ୟାସ ସେତିକି ଅଧିକ ପ୍ରଶସ୍ତ। କିନ୍ତୁ; ଯେକୌଣସି ଚରିତ୍ର, ଘଟଣା ଅଥବା ଅନୁଭୂତିର ବର୍ଣ୍ଣନା କରିଦେଲେ ଉପନ୍ୟାସ ହୋଇ ଯିବନାହିଁ। ଯାହା ବାସ୍ତବତାର ଚିତ୍ର ଦିଏନାହିଁ; ରସାପ୍ଲୁତ କରି ପାରିବନାହିଁ; ତାହା ଉପନ୍ୟାସରେ ପ୍ରବେଶ କରିବା ସେତେଟା ସହଜ ନୁହେଁ। କେତେକ କ୍ଷେତ୍ରରେ ଘଟଣା ପ୍ରଧାନ ହୋଇଥାଏ, କିନ୍ତୁ; ପ୍ରତ୍ୟେକ ଚରିତ୍ର ବା ପ୍ରତ୍ୟେକ ଘଟଣାର ସୁସଂଯୋଜନା ଯଦି ନ ରହେ, ତେବେ, ଔପନ୍ୟାସିକର ମୃତ୍ୟୁ ହୁଏ।

ଉପନ୍ୟାସ ସାହିତ୍ୟର ଗତିଧାରା ଓ ପ୍ରକୃତି ଉପରେ ଆଲୋଚନାକଲେ ଦେଖାଯାଏ, ଆଧୁନିକ ଉପନ୍ୟାସର ପ୍ରଥମ ମୂଳଦୁଆ କେବଳ ଫକୀର ମୋହନ ସେନାପତି ହିଁ ପକାଇଥିଲେ। ଅବଶ୍ୟ ଫକୀର ମୋହନଙ୍କ ସୃଷ୍ଟିର ପରବର୍ତ୍ତୀକାଳରେ ଓଡିଆ ଉପନ୍ୟାସ ସାହିତ୍ୟରେ ଜୀବନର ବିଭିନ୍ନ ଦିଗ ଉପରେ ତୀବ୍ର ଦୃଷ୍ଟି କେନ୍ଦ୍ରୀଭୂତ କରାଯାଇଛି ଏବଂ ଯନ୍ତ୍ର ସଭ୍ୟତାର ସ୍ପନ୍ଦନକୁ ଉପନ୍ୟାସର ଘଟଣା, ଚରିତ୍ର ତଥା ମାନସିକ ଅବସ୍ଥାର ମାଧ୍ୟମରେ ବୈପ୍ଳବିକ ଚିତ୍ର ଦିଆଯାଇଛି। "ମାଟିର


http://www.imcrew.com/?r=30698

ମଣିଷ" ଓ "ଲୁହାର ମଣିଷ" ଭିତରେ ଅନେକ ତଫାତ ଦେଖିବାକୁ ମିଳିଛି।

ଯୁଗର ପରିବର୍ତ୍ତନ ଫଳରେ ସମୟର ସ୍ୱର ତୋଳି ପୃଥିବୀର ପ୍ରତ୍ୟେକ ସଭ୍ୟତା ଓ ସଂସ୍କୃତି ବଦଳିଛି। ଓଡିଆ ଲେଖକ ଏବଂ ଓଡିଆ ପାଠକ ମନ୍ଥର ଗତିରେ ହେଲେ ବି ସେହି ପରିବର୍ତ୍ତନର ପ୍ରଭାବରୁ ବଞ୍ଚିନାହାନ୍ତି। ମଧ୍ୟ ଯୁଗର ସାହିତ୍ୟରେ ମଣିଷ ଅପେକ୍ଷା ଦେବତାର କଥା ଅଧିକ କୁହାଯାଉଥିଲା। କାଳ୍ପନିକ ଓ ଅଲୌକିକ କଥା ବସ୍ତୁକୁ ଗ୍ରହଣ କରି ପ୍ରାଚୀନ ଯୁଗର ଲେଖକ ମାନେ ଲେଖନୀ ଚାଳନା କରୁଥିଲେ। କିନ୍ତୁ, ଇଂରାଜୀ ସଭ୍ୟତା ଓ ଶିକ୍ଷାର ପ୍ରଭାବରେ, ସାହିତ୍ୟର ଗତିଧାର - ଔପନ୍ୟାସିକ ଫକୀର ମୋହନଙ୍କ ଦ୍ୱାରା ଅଧିକ ସହଜରେ ବଦଳି ଯିବାକୁ ଲାଗିଲା। ପରେ ପରେ ଦେଖିବାକୁ ଗଲେ, ଆଜିର ଉପନ୍ୟାସ କେବଳ ଚରିତ୍ର ପ୍ରଧାନ ବା ଘଟଣା ମୂଳକ ନ ହୋଇ ମନର ବିଭିନ୍ନ ସମୟରେ ଉଙ୍କି ଉଠିଥିବା ଚିନ୍ତା ଓ ଦୁଃଶ୍ଚିନ୍ତାର ବାସ୍ତବ ତଥା ଉଲଗ୍ନତାକୁ ପ୍ରକାଶ କରିବାକୁ ପଛାଇ ନାହିଁ। ଔପନ୍ୟାସିକ ତା'ସୃଷ୍ଟି ଭିତରେ ନିଜକୁ ଖୋଜିଛି ଏବଂ ନିଜକୁ, ପାଠକ ନିକଟରେ ଫିଙ୍ଗିଛି। ଅନେକ ସମସ୍ୟାର ଶୂନ୍ୟଚିନ୍ତା ମଧ୍ୟରେ ବେଳେ ବେଳେ ସେ' ଦୁର୍ବୋଧ୍ୟ ହୋଇ ଉଠିଛି। ଉପନ୍ୟାସର ଚରିତ୍ର ଭିତରେ ଶୋଷିତ ହାଡିଆଣୀ ଝିଅର ଉନ୍ମୁକ୍ତ ଯୌବନ ଖିନ୍ ଭିନ୍ କରି ଲଙ୍ଗଳ ସ୍ତନରେ ଔପନ୍ୟାସିକ ଆଜି ସମସ୍ୟା ବ୍ୟାଧିର ଜୀବାଣୁକୁ ଖୋଜିଛି ଏବଂ ତତ୍ସଙ୍ଗେ ସଙ୍ଗେ, କୌଣସି ଏକ ହୋଟେଲର ଡନ୍‌ଲପ୍ ଗଦି ଉପରେ ଆଜିର ଭଦ୍ର ସମାଜକୁ ବେଶ୍ୟାର ସ୍ତନରେ ମୁହଁ ଗୁଞ୍ଜି ଶୋଇବାର ନଗ୍ନ ରୂପ ଦେବାକୁ ପଛାଇନାହିଁ। ଏହି ସଂପ୍ରସାରିତ ନଗ୍ନ ବର୍ଣ୍ଣନାବେଳେ ଶ୍ଲୀଳ ଓ ଅଶ୍ଳୀଳତାର ପ୍ରଶ୍ନମାନ ଅନେକ ସମୟରେ ଔପନ୍ୟାସିକକୁ ଚିଆଁ ମାରିଛି। ତଥାପି ଆଜିର ଔପନ୍ୟାସିକ ଚିଆଁ ଦାଗକୁ ଚୁମ୍ବନ ଦେଇ ବାସ୍ତବତାର ମଧୁରତାରେ ଖୋଜିଛି ଜୀବନକୁ ଓ ଜୀବନର ବାସ୍ତବତାକୁ। ଆଦର୍ଶର ଆଢୁଆଳ ଭିତରୁ ବାସ୍ତବତାକୁ ଟାଣି ଆଣି ଅନେକ କଲବଲ ବି କରିଛି। ଦୁନିଆର ଆଲୋକରେ ଆଦର୍ଶକୁ ବସ୍ତ୍ରହୀନ କରାଇ ତା'ଦେହରୁ କଳଂକର ମାତ୍ରା ଖୋଜିଛି। ଅତଏବ, ଆଜିର ଉପନ୍ୟାସ ସାହିତ୍ୟରେ ଯୌନ ଚେତନା ମଣିଷ ମନ ଭିତର ବ୍ୟର୍ଥତା ବୋଧ ଓ ବିଭ୍ରାନ୍ତିକର, ସ୍ୱାଭାବିକ ପ୍ରତିକ୍ରିୟାକୁ ନେଇ ଉପନ୍ୟାସର ଗତିଧାରାକୁ ଅନ୍ୟ ଏକ ପକ୍ଷକୁ ଟାଣି ନେଇଛି।

ଆଧୁନିକ ମଣିଷର ମାନସିକ ଅବସ୍ଥାର ଚିତ୍ରଣ ଦେବା ବେଳେ ଯୌନ ବିଶ୍ଳେଷଣ ବେଳେ ବେଳେ ସ୍ୱତଃ ଆସିପାରେ। ହୁଏତ ସାଧାରଣ ଜୀବନର ଏଇ ଉନ୍ମୁକ୍ତ ସତ୍ୟ ଗ୍ରହଣ ଯୋଗ୍ୟ


http://www.imcrew.com/?r=30698

ହୋଇନପାରେ, କିନ୍ତୁ ଏହାର ଉପସ୍ଥାପନା ଯଦି ନ୍ୟାୟୋଚିତ୍ ଚରିତ୍ର ମାଧ୍ୟମରେ କରାଯାଇଥାଏ, ତେବେ ସେଇ ସାହିତ୍ୟ ବା ଉପନ୍ୟାସ ଜୀବନ ଓ ସମାଜର ପ୍ରତିବିମ୍ବ ହୋଇ ଯୁଗେ ଯୁଗେ ସଭ୍ୟତାର ପରିମାପକ ରୂପେ ପରିଲକ୍ଷିତ ହେବ। କୋଣାର୍କ ଓ ପୁରୁଣା ଦେଉଳ ମାନଙ୍କର ନଗ୍ନ ଚିତ୍ର ବି ବାସ୍ତବ ଜୀବନର ମଧୁରତାକୁ ଉପସ୍ଥାପିତ କରିପାରୁଛି ବୋଲି ସଭ୍ୟତାର ନିଦର୍ଶନ ରୂପେ ସୁରକ୍ଷିତ ହୋଇ ରହିପାରୁଛି। ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କର "ନରକିନ୍ନର" ଓ "ଶତାବ୍ଦୀର ନଚିକେତା"; ଗୋବିନ୍ଦ ଦାସଙ୍କ "ଅମାବାସ୍ୟାର ଚନ୍ଦ୍ର" ଉପନ୍ୟାସର ଗତିକୁ ବଦଳାଇ ନଗ୍ନ ସତ୍ୟର ସଂଧାନ ଦେଇଛି। "ନରକିନ୍ନର"ର ବୁଢ଼ୀ ଚରିତ୍ର ଏକ ବୈପ୍ଲବିକ ପଦକ୍ଷେପ। ପୁଅ ପରି ସ୍ନେହ ପାଇ ପୁରୁଷ ଛୁଆ ବଡ ହୋଇ ସ୍ୱାମୀର ବ୍ୟବହାର ଦେଖାଇଛି।

ଐତିହାସିକ ଉପନ୍ୟାସ ଭାବେ ସୁରେନ୍ଦ୍ର ମହାନ୍ତିଙ୍କ 'ନୀଳ ଶୈଳ" ଏବଂ ସ୍ୱାଧୀନତାର ପୃଷ୍ଠଭୂମି ଉପରେ "ଅଂଧ ଦିଗନ୍ତ" ଅନ୍ୟ ଏକ ଭିନ୍ନ ପ୍ରକାରର ପଦକ୍ଷେପ। ଅନ୍ୟାନ୍ୟ ଔପନ୍ୟାସିକ ମାନଙ୍କ ମଧ୍ୟରେ ଅନନ୍ତ ପ୍ରସାଦ ପଣ୍ଡା, ହରେକୃଷ୍ଣ ମହତାବ, ମହାପାତ୍ର ନୀଳମଣୀ ସାହୁ, ରାଜକିଶୋର ପଟ୍ଟନାୟକ, ବସନ୍ତ କୁମାରୀ ପଟ୍ଟନାୟକ, ହରିହର ବାହିନୀପତି ଏବଂ ବିଭୁତି ପଟ୍ଟନାୟକ ପ୍ରମୁଖଙ୍କ ଭୂମିକା ଉଲ୍ଲେଖଯୋଗ୍ୟ।

କିନ୍ତୁ ଧାରାବହିକ ଭାବେ ଅନେକ ସଫଳ ଉପନ୍ୟାସ ଲେଖି ଶ୍ରୀ କାହ୍ନୁ ଚରଣ ମହାନ୍ତି ଓ ଗୋପୀନାଥ ମହାନ୍ତି ସାମାଜିକ ଚେତନା, ମନସ୍ତାତ୍ତ୍ୱିକ ଦ୍ୱନ୍ଦର ସୁକ୍ଷ୍ମାତିସୂକ୍ଷ୍ମ ବିଶ୍ଲେଷଣ, ମାନବିକ ମୂଲ୍ୟବୋଧର ବିପର୍ଯ୍ୟୟ ଜନିତ କାରୁଣ୍ୟ ଓ ଆତ୍ମଗ୍ଲାନିକୁ ନେଇ ସଂଯୋଜନା ଓ ପରିବେଶର ସଫଳ ରୂପାୟନ; ବାସ୍ତବ ଚରିତ୍ରର ସୃଷ୍ଟି କରି ଓଡିଆ ଉପନ୍ୟାସ ସାହିତ୍ୟର ଗତି ଓ ପ୍ରକୃତିର ଏକ ରୂପରେଖ ଦେଲାବେଳେ, ଗୋଟିଏ ଗୋଟିଏ ମାଇଲଖୁଣ୍ଟ ସୃଷ୍ଟି କରିଛନ୍ତି।

ଗୋପୀବାବୁ, ଉପନ୍ୟାସର ଚରିତ୍ର ବାଛିବା ବେଳେ ବିଶେଷ ସତର୍କତା ଅବଲମ୍ବନ କରିଥିବା ମନେ ହୁଏ। କିନ୍ତୁ ତାଙ୍କର ପ୍ରତ୍ୟେକ ଉପନ୍ୟାସ ବିଶେଷ ବର୍ଣ୍ଣନାତ୍ମକ। ଓଡିଆ ଉପନ୍ୟାସ ସାହିତ୍ୟର ଜନକ ଫକୀର ମୋହନ ବର୍ଣ୍ଣନାରେ ଅଧିକ ଦକ୍ଷତା ଦେଖାଇଥିଲେ ମଧ୍ୟ ଗୋପୀବାବୁଙ୍କ ସ୍ଥାନ ଉଲ୍ଲେଖଯୋଗ୍ୟ। ଏତଦ୍ ବ୍ୟତୀତ ସମଗ୍ର ଓଡିଶାକୁ ଆଖି ଆଗରେ ରଖି ସଂବଲପୁରୀ ଭାଷାଠାରୁ ଆରମ୍ଭ କରି ଦକ୍ଷିଣର କୋରାପୁଟ ଏବଂ ଜଙ୍ଗଲର ଆଦିବାସୀ ଭାଷା, ଚରିତ୍ର ଓ ପରିବେଶକୁ


http://www.imcrew.com/?r=30698

ବାସ୍ତବ ରୂପରେଖ ଦେଇ ସେ ଆଜି ଗଣ ସାହିତ୍ୟିକ ହୋଇପାରିଛନ୍ତି।

ଅତଏବ ୧୮୮୮ ମସିହାରେ ଲିଖିତ "ପଦ୍ମମାଳୀ"ର ଔପନ୍ୟାସିକ ଶ୍ରୀ ଉମେଶ ଚନ୍ଦ୍ର ବା ୧୮୯୧ ମସିହାରେ ରଚିତ "ବିବାସିନୀ"ର ଔପନ୍ୟାସିକ ଶ୍ରୀ ରାମ ଶଂକରଙ୍କ ଠାରୁ ଓଡିଆ ସାହିତ୍ୟର ଗତି ଓ ପ୍ରକୃତି, ମନ୍ଥର ଗତିରେ ହେଲେ ବି ସମୟର ମୋଡ ଭିତରେ ବୁଲି ବୁଲି ଆଜିର ରୂପରେଖ ନେଇଛି। 'ସାହିତ୍ୟରେ- ବିଭିନ୍ନ ସମୟର ସାମାଜିକ ସ୍ଥିତି ଓ ଲେଖକର ମାନସିକ ଅବସ୍ଥାକୁ ନେଇ ନୂତନରୁ ନୂତନତର ଏବଂ ପୁରୁଣାକୁ ଅଧିକ ପୁରୁଣା ଅବସ୍ଥାର ପ୍ରତିଛବି ଉପସ୍ଥାପିତ କରିପାରୁଥିବାରୁ - "ଉପନ୍ୟାସ ସାହିତ୍ୟ"ର ବିଶେଷତ୍ୱ ଅଧିକ ଉପଲବଧି କରାଯିବାର ଯଥାର୍ଥତା ରହିଛି।


http://www.imcrew.com/?r=30698

# ସୁଖ, ଶାନ୍ତିର ଆଧାର ପ୍ରେମ

ଶିବ ସୁନ୍ଦର ରଥ

ପ୍ରେମ ଏଭଳି ଏକ ପ୍ରବୃତ୍ତି ଯାହାଦ୍ୱାରା ପ୍ରାଣ ସରସ ହୋଇଥାଏ। ପ୍ରାଣରେ ଉନ୍ମାଦନା ଆସେ। ପ୍ରେମ ଭାବର ଆରମ୍ଭରେ ଆନନ୍ଦ, ମଧ୍ୟରେ ଆନନ୍ଦ ଏବଂ ଶେଷରେ ମଧ୍ୟ ଆନନ୍ଦ ଅନୁଭବ ହୋଇଥାଏ। ପ୍ରେମ ସଦା ଆନନ୍ଦମୟ। ଏଣୁ ପ୍ରେମର ସାଧନ ମଧ୍ୟ ଆନନ୍ଦମୟ। ଆନନ୍ଦମୟଙ୍କ ସ୍ୱରୂପ ଆନନ୍ଦ ରସରେ ବୁଡି ଯେଭଳି ଉପଲବ୍ଧି କରିହୁଏ ସେଭଳି ଆଉ କୌଣସି ପଦାର୍ଥରେ ହୋଇନଥାଏ। ସେଥିପାଇଁ ହିଁ 'ପ୍ରେମ'ର ସାଧନା ଯେଭଳି ରସପୂର୍ଣ୍ଣ ଅନ୍ୟ କୌଣସି ସାଧନା ଏଭଳି ରସପୂର୍ଣ୍ଣ ନାହିଁ। ଏଣୁ କବି, ଲେଖକ, କଳାକାର, ଚିତ୍ରଶିଳ୍ପୀଗଣ ପ୍ରେମକୁ ଭିତ୍ତିକରି ହିଁ ସାଧନା ଚଳାଇଥାନ୍ତି।

ପ୍ରେମ କହିଲେ ବିଶେଷ ଭାବେ ଅନୁରାଗ ବା ଭଲପାଇବା ପ୍ରବୃତ୍ତିକୁ ବୁଝାଇଥାଏ। ପ୍ରେମିକ ଓ ପ୍ରେମିକା ପ୍ରଥମ ଦର୍ଶନରୁ ହିଁ ପରସ୍ପର ପ୍ରତି ଆକୃଷ୍ଟ ହେବାରେ ଲାଗନ୍ତି। ଜଣକ ପ୍ରତି ଜଣକର ଆକର୍ଷଣ ଏହାର ନାମ ଅନୁରାଗ। ପ୍ରଥମ ଅନୁରାଗର ଭାଷା ନଥାଏ। ଭାବ ବିନିମୟ ନଥାଏ କେବଳ ଉଭୟ ଉଭୟଙ୍କୁ ଦେଖା, ଉଭୟଙ୍କ ପ୍ରତି ଉଭୟଙ୍କର ପ୍ରାଣର ଆବେଗ ଏହାର ନାମ ହିଁ ପ୍ରେମ। ଏହି ପ୍ରାଣର ଆବେଗ କ୍ରମଶଃ ବୃଦ୍ଧି ପାଇଲେ ପରସ୍ପର ମିଳନ ପାଇଁ ବ୍ୟାକୁଳିତ ହେବାକୁ ଲାଗନ୍ତି। ସେତେବେଳେ ପରସ୍ପର ପରସ୍ପରଙ୍କୁ ନିଜ ମନ କଥା ଖୋଲି କହିବାରେ କୁଣ୍ଠାବୋଧ କରନ୍ତି ନାହିଁ। ଏଭଳି ଭାବରେ ଉଭୟ ମନର ମିଳନ ହେଲେ ତାହା ଭଲ ପାଇବାରେ ପରିଣତ ହୋଇଯାଇଥାଏ। ଏହି ସ୍ତରରେ ପରସ୍ପର ପ୍ରତି ପରସ୍ପରର ବିଶ୍ୱାସ ଜନ୍ମିଗଲେ ଲାଗେ, ସେତିକିବେଳେ ପ୍ରେମୀ ଯୁଗଳ ଉନ୍ମୁକ୍ତ ହୋଇଯାଆନ୍ତି। ଏହି ସମୟରେ ପରସ୍ପର ପରସ୍ପରକୁ ଭାରି ସୁନ୍ଦର ଦିଶିବାରେ ଲାଗନ୍ତି। ଏହିପରି ସୁନ୍ଦର କିଛି ସମୟ ପାଇଁ ସମଗ୍ର ପୃଥିବୀକୁ ମଧ୍ୟ ମନୋରମ କରି ଦେଇଥାଏ। ସେତେବେଳେ ପ୍ରେମୀ ଯୁଗଳଙ୍କ ଆଖିକୁ ପୃଥିବୀର ସମସ୍ତ ବସ୍ତୁ ସୁନ୍ଦର ଦେଖାଯାଏ। ସେତିକିବେଳେ ସେମାନଙ୍କ ବାକ୍ୟ ମଧୁର ହୋଇଯାଏ। ତାଙ୍କ ଚାଲ ହାବଭାବ ସବୁ ମଧୁର ହୋଇଯାଏ। ପ୍ରେମିକ ସବୁବେଳେ ପ୍ରେମିକର ବନ୍ଧୁ , ତାର ପ୍ରାଣର ପ୍ରାଣ। ହୃଦୟର ହୃଦୟ। ଜଣକର ଅଭାବରେ ଜଣେ କ୍ଷଣମାତ୍ର ବଞ୍ଚିବାର ସାହାସ କରେନାହିଁ କାରଣ ସେ ତାକୁ ପ୍ରାଣ ଦେଇ ଭଲ ପାଇଥାଏ। ନିଜର


http://www.imcrew.com/?r=30698

ମନ ପ୍ରାଣ ସବୁ ତାକୁ ହିଁ ସମର୍ପି ଦେଇଥାଏ। ଇଚ୍ଛା ହେଉଥାଏ ନିଜର ପ୍ରାଣ ସଙ୍ଗରେ ତାର ପ୍ରାଣ ମିଶାଇ ଦେବାପାଇଁ।

ପ୍ରଥମେ ଅନୁରାଗ, ତା'ପରେ ଭଲ ପାଇବା। ଏହି ଅନୁରାଗ ବା ଭଲପାଇବା ସ୍ୱାର୍ଥଗନ୍ଧ ଯୁକ୍ତ ହେଲେ ତାକୁ 'କାମ' କୁହାଯାଏ। ଯେପରି ଏକ ସୁନ୍ଦରୀ ନାରୀପ୍ରତି ଆସକ୍ତି ହେବା। ଏହା ସ୍ୱାର୍ଥ ଯୁକ୍ତ ହୋଇଥାଏ। ନିଜର ଇନ୍ଦ୍ରିୟ ସୁଖପାଇଁ ନିଜର ଭୋଗପାଇଁ କୌଣସି ପଦାର୍ଥକୁ ଭଲ ପାଇବା କାମଯୁକ୍ତ ହୋଇଥାଏ। କାମନାହୀନ ନିଃସ୍ୱାର୍ଥ ଭଲ ପାଇବା ହେଉଛି ପ୍ରେମ। ମୁଁ ତାକୁ ଭଲପାଏ, ତାର ପ୍ରତିଦାନ ଚାହେଁ ନାହିଁ। ତାକୁ ଭଲପାଇ ସୁଖୀ କରାଇବି ତାକୁ ଆସୁଥିବା ସମସ୍ତ ବିପଦର ମୁଁ ସମ୍ମୁଖୀନ ହେବି, ଏହାକୁ କାମନାହୀନ ପ୍ରେମ କୁହାଯାଏ। ମୁଁ ତାକୁ ଭଲ ପାଇ ସୁଖୀ କରାଇବି, ମୋର ସୁଖ ଆବଶ୍ୟକ ନାହିଁ, ତାର ସୁଖ ହିଁ ମୋର ସୁଖ, ମୋର ଶତ କଷ୍ଟ ହେଉ ସେଥିରେ ମୋର ଦୁଃଖ ନାହିଁ। ମାତ୍ର ସେ କଷ୍ଟ ନ ପାଉ ଏହାହିଁ ମୋର ଈଶ୍ୱରଙ୍କ ଠାରେ ପ୍ରାର୍ଥନା। ମୋର ମନ ପ୍ରାଣ ସବୁ ମୁଁ ତାକୁ ସମର୍ପି ଦେଇଛି। ପ୍ରେମୀ ଯୁଗଳଙ୍କ ଏପରି ଭାବକୁ 'ଶାଶ୍ୱତ ପ୍ରେମ' କୁହାଯାଏ।

'କାମ' ଓ 'ପ୍ରେମ' ଦୁଇଟି ଠିକ ବିପରୀତ। 'କାମ' ସଦା ପୁତିଗନ୍ଧମୟ ଯୁକ୍ତ ହୋଇଥାଏ। କିନ୍ତୁ ପ୍ରେମ ସର୍ବଦା ନିର୍ମଳ। 'କାମ' ସଦା ନାରକୀୟ ହୋଇଥାଏ। କିନ୍ତୁ 'ପ୍ରେମ' ସଦା ସ୍ୱର୍ଗୀୟ। 'କାମ' ସଦା ଭୋଗ ଚାହେଁ କିନ୍ତୁ ପ୍ରେମ ସଦା ତ୍ୟାଗ ଚାହେଁ। କାମ ସ୍ୱାର୍ଥପର ମାତ୍ର ପ୍ରେମ ସ୍ୱାର୍ଥହୀନ। କାମ ପଶୁତୁଲ୍ୟ ହୋଇଥାଏ କିନ୍ତୁ ପ୍ରେମ ଦେବତୁଲ୍ୟ ଅଟେ। କାମ ଆବଦ୍ଧ କରେ ମାତ୍ର ପ୍ରେମ ମୁକ୍ତ କରେ। କାମର ତୃପ୍ତି ଭୋଗରେ ଥାଏ। ମାତ୍ର ପ୍ରେମର ତୃପ୍ତି ସଂଯମରେ ଥାଏ। କାମର ଶେଷ ପରିଣତି ଅନୁତାପ ଓ ଦୁଃଖ ମାତ୍ର ପ୍ରେମର ଶେଷ ପରିଣତି ସୁଖ ଓ ଆନନ୍ଦ। 'କାମ' ସଦା ଚିତ୍ତକୁ ଦୂଷିତ କରିଥାଏ। କିନ୍ତୁ ପ୍ରେମ ଚିତ୍ତକୁ ସଦା ପବିତ୍ର ରଖିଥାଏ। କେଦାରଗୌରୀ, ଲୈଲା ମଜନୁ, ରୋମିଓ ଜୁଲିଏଟ, ଏହାର ଜ୍ୱଳନ୍ତ ପ୍ରମାଣ। ପ୍ରେମ ସଦା ପରଶମଣି ସଦୃଶ ହୋଇଥାଏ। ସେ ଲୁହାକୁ ସ୍ପର୍ଶ କଲେ ତାହା ସୁନା ପାଲଟି ଯାଏ।

ମାନବ ହୃଦୟରେ ଏହି ପ୍ରେମ ଯେତେବେଳେ ଭଗବାନଙ୍କ ପ୍ରତି ଧାବିତ ହୁଏ ସେତେବେଳେ ଏହାକୁ ଭଗବତ୍ ପ୍ରେମ କୁହାଯାଏ। ସେତେବେଳେ ଏହି ପ୍ରେମ ବିଶ୍ୱ ଜନତାଙ୍କ ପ୍ରତି ଧାବିତ ହୁଏ,


http://www.imcrew.com/?r=30698

ସେତେବେଳେ ଏହାକୁ ବିଶ୍ୱପ୍ରେମ କୁହାଯାଏ। ସେ ଦିନ ସନ୍ଥକବି ଭୀମଭୋଇ ଏହି ବିଶ୍ୱପ୍ରେମରେ ଆବଦ୍ଧ ହୋଇ ତାଙ୍କ କବିତାରେ ଲେଖିଥିଲେ;

ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ
ଦେଖୁ ଦେଖୁ କେ'ବା ସହୁ
ମୋ ଜୀବନ ପଛେ ନର୍କେ ପଡିଥାଉ
ଜଗତ ଉଦ୍ଧାର ହେଉ।।

ଏହି ଭଗବତ୍ ପ୍ରେମ ଯେତିକିବେଳେ ବିଶ୍ୱମୟ ଭଗବାନଙ୍କର ସତ୍ତା ଉପଲବ୍ଧି କରି ସମସ୍ତ ବିଶ୍ୱରେ ବିସ୍ତାରିତ ହେବାରେ ଲାଗେ ସେତିକିବେଳେ ଏହା ବିଶ୍ୱପ୍ରେମରେ ଆଖ୍ୟା ନେଇଯାଏ। ଏହି ବିଶ୍ୱ ପ୍ରେମ ଓ ଭଗବତ୍ପ୍ରେମରେ ମନୁଷ୍ୟର ସମସ୍ତ ବୃତ୍ତି, ସମସ୍ତ ଇନ୍ଦ୍ରିୟ, ସମସ୍ତ କର୍ମ, ସମସ୍ତ କର୍ମ, ସମସ୍ତ ଜ୍ଞାନ ଓ ସମଗ୍ର ଶରୀର ଈଶ୍ୱରଙ୍କୁ ଅର୍ପିତ ହୋଇଯାଏ। ଏହି ଭଗବତପ୍ରେମ ଅଭ୍ୟାସ କରିବା ଦ୍ୱାରା ମନୁଷ୍ୟର ବହୁତ ଲାଭ ହୁଏ। ଏହାର ପ୍ରବାହରେ ଗୁରୁଭକ୍ତି, ପିତାମାତାଙ୍କ ପ୍ରତି ଭକ୍ତି, ଦେବାଦେବୀଙ୍କ ପୂଜା, ଅର୍ଚ୍ଚନା, ବ୍ରତ ନିୟମାଦି ପାଳନ ଚିନ୍ତା, ଏହା ଛଡା ଦେଶ ଓ ବିଶ୍ୱର ଉନ୍ନତି ଚିନ୍ତା ଦଳିତପତିତ ଜନତା ପ୍ରତି ମମତା, ଜୀବଙ୍କ ପ୍ରତି ଦୟା, ସତ୍ସଙ୍ଗ ପ୍ରତି ଆଗ୍ରହଏହି ପବିତ୍ର ଭାବମାନ ହୃଦୟ ମଧ୍ୟରେ ଜାଗ୍ରତ ହେବାରେ ଲାଗେ। ଭଗବାନଙ୍କ ପ୍ରତି ପୂର୍ଣ୍ଣମାତ୍ରାରେ ବିଶ୍ୱାସ ଜନ୍ମିବାରେ ଲାଗେ।


http://www.imcrew.com/?r=30698

# ଅସଲି ନକଲି

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

କଥା ଆଳରେ ମୋର ଜଣେ ବନ୍ଧୁ କହିଲେ ତୁମେ ଛଅ ବର୍ଷ ମେଡିକାଲ କଲେଜରେ ପାଠ ପଡି କଣଟେ ଅଧିକ କରି ପକାଇଲ, ଆମ ଗାଁ ଛକରେ ତିନି ତିନି ଜଣ ବଙ୍ଗାଳୀ ଡାକ୍ତର ବସୁଛନ୍ତି, ଦିନକୁ କମସେ କମ ହଜାରେ କମଉଛନ୍ତି। ତୁଛାଟାରେ ତୁମେ ଛଅ ବର୍ଷ ନଷ୍ଟକଲ।

କଥାଟାର ତାତ୍ପର୍ଯ୍ୟ ରହିଛି ନିଶ୍ଚୟ। ବିଷୟଟିକୁ ଟିକେ ଅଧିକ ଅଧ୍ୟୟନ କଲେ ଜାଣିବେ ଯେ ବନ୍ଧୁ କହୁଥିବା ସେହି ବଙ୍ଗାଳୀ ଡାକ୍ତର ମାନେ କିଏ ଏବଂ କିପରି ସେମାନେ ଏଠାରେ ଆବିର୍ଭାବ ହେଲେ। ଅତୀତରେ ସରକାର ଆରଏମପି (ରେଜିଷ୍ଟାର୍ଡ ମେଡିକାଲ ପ୍ରାକ୍ଟିସନର) ବୋଲି ଏକ ପାଠ୍ୟକ୍ରମ ଚଳାଉଥିଲେ। ଭେଷଜ ବିଜ୍ଞାନର ଆବିର୍ଭାବ ହେବାପରେ ଏହି ଆରଏମପି ବ୍ୟବସ୍ଥା ସ୍ଥାଣୁ ହୋଇଯାଇଥିଲା। ଏବଂ ଏହାର ଚାହିଦା କମିଯାଇଥିଲା। ସେହି ସମୟରେ କିଛି ଆରଏମପି କରିଥିବା ବ୍ୟକ୍ତି ସରକାରଙ୍କୁ ଧମକାଇ ପାଠ ନପଢି ମଧ୍ୟ ଏମବିବିଏସ ଖଣ୍ଡିଏ ଖଣ୍ଡିଏ ହୋଇଥିବାର ଦୃଷ୍ଟାନ୍ତ ରହିଛି।

ଯଦିଓ ଏମବିବିଏସ ଶିକ୍ଷାପ୍ରସାର ଫଳରେ ଡାକ୍ତରମାନେ ବର୍ଷକୁ ବର୍ଷ ସରକାରୀ କଲେଜ ମାନଙ୍କରୁ ବାହାରିଲେ, ସେହି ସମୟରେ ଆରଏମପି ଶିକ୍ଷା ଦେଉଥିବା କିଛି ଶିକ୍ଷାନୁଷ୍ଠାନ (ବିଶେଷତ: କଲିକତାରେ) ତଥାପି କାର୍ଯ୍ୟକ୍ଷମ ଥିଲେ। ଏହି ସବୁ ଶିକ୍ଷାନୁଷ୍ଠାନ ମାନଙ୍କରେ ପାଠ୍ୟକ୍ରମର ଖସଡା ନିର୍ମାଣ ହେଉ ଅବା ନ ହେଉ ସେ ସବୁ ଦେଖିବାପାଇଁ ସରକାରଙ୍କ ପାଖରେ ସମୟ ନଥିଲା। ଆଉ ଏହି ସବୁ ଶିକ୍ଷାନୁଷ୍ଠାନମାନେ ଆରଏମପିକୁ ବ୍ୟବସାୟିକ ଦୃଷ୍ଟିକୋଣରୁ ଅଧିକ ଲାଭ ପାଇବା ପାଇଁ ଯେକୌଣସି ବ୍ୟକ୍ତିକୁ ଏହି ସାର୍ଟିଫିକେଟ ଦେବାରେ ଲାଗିଲେ।

ପଶ୍ଚିମବଙ୍ଗରେ ମେଟ୍ରିକ ପଢିଥିବା ଯେକୌଣସି ବ୍ୟକ୍ତି ଯଦି ଚାକିରୀ ପାଇବା ଅସମ୍ଭବ ବୋଲି ଜାଣୁଥିଲା ସେ ସେହିପ୍ରକାରର କୌଣସି ଶିକ୍ଷାନୁଷ୍ଠାନକୁ ଯାଇ ମାତ୍ର କେଇଶହ ଟଙ୍କା ବିନିମୟରେ ଆରଏମପି ସାର୍ଟିଫିକେଟ ଗୋଟିଏ ପାଇଯାଉଥିଲା ଏବଂ ସେଠାରୁ ସେ ମୁହାଁଉଥିଲା ସିଧା ଓଡିଶା। ଆଜି ଯଦି ଆପଣ ଓଡିଶାର କୌଣସି ବି ବଡ ବା ସାନ ସହର, ଏପରିକି ଗାଁକୁ ଯାଆନ୍ତି ତେବେ


http://www.imcrew.com/?r=30698

ସେଠାରେ ଆଉ କିଛି ଦେଖନ୍ତୁ ବା ନ ଦେଖନ୍ତୁ କିନ୍ତୁ ଜଣେ ବଙ୍ଗାଳୀ ଡାକ୍ତର ଦେଖିବେ ନିଶ୍ଚୟ।

ଏହି ବଙ୍ଗାଳୀ ଡାକ୍ତରଙ୍କ କାର୍ଯ୍ୟ କରିବା ଶୈଳୀ ଅତ୍ୟନ୍ତ ପ୍ରଭାବକାରୀ। ପ୍ରଥମତଃ ସେମାନେ କୌଣସି ଗ୍ରାମକୁ ଯାଇ ଘର ଭଡା ନେଇ ରହିବେ ଆଉ ଏକ ଛୋଟ କାଟିଆ କ୍ଲିନିକର ସ୍ଥାପନ କରିବେ। ପ୍ରଥମ କେଇ ମାସ ନିରବଛିନ୍ନ ଭାବରେ ଗ୍ରାମର ପ୍ରତ୍ୟେକ ଘରକୁ ଯାଇ ମାଗଣାରେ ଚିକିତ୍ସା ଯୋଗାଇଦେବେ। ଧିରେ ଧିରେ ଲୋକମାନେ ଆଉ ବାହାରକୁ ଯାଇ ଚିକିତ୍ସା କରିବା ପରିବର୍ତ୍ତେ ଏହିମାନଙ୍କ ଆନୁଗତ୍ୟ ହୋଇଯିବେ। ବାସ ବ୍ୟବସାୟ ଜମିଲା। କେଉଁ ରୋଗକୁ କେଉଁ ଚିକିତ୍ସା ତାହା ଏମାନେ ଊଣା ଅଧିକେ ଜାଣି ଥାଆନ୍ତି, ଏଥି ପାଇଁ ଅନେକ ବଡ ବଡ ଡାକ୍ତରଙ୍କ କ୍ଲିନିକରେ ବିନା ଦରମାରେ ସହାୟକ ହୋଇ ରହି କେମିତି ଚିକିତ୍ସା କରାଯାଏ
ଶିଖନ୍ତି।

ସାଡେ ପାଞ୍ଚ ବର୍ଷର ନିଗାଡ ଅଧ୍ୟବସାୟ ଓ ପ୍ରଚେଷ୍ଟା ପରେ ସରକାରୀ ସ୍ତରରେ ଚାକିରୀ ଖଣ୍ଡେ କରିଥିବା ଡାକ୍ତର ଜଣକ ମାସ ଶେଷକୁ କୋଡିଏରୁ ପଚିଶି ହଜାର ଟଙ୍କା ଦରମା ପାଉଥିବା ବେଳେ ଏହି ବଙ୍ଗାଳୀ ଡାକ୍ତରମାନେ ସ୍ଥଳ ବିଶେଷରେ ଦୈନିକ ଏକ ହଜାରରୁ ଅଧିକ ଟଙ୍କା ପାଉଥିବା ଦେଖାଯାଇଛି। ସରକାରୀ ଚାକିରୀ କରି ଉପରୁ ତଳ ପର୍ଯ୍ୟନ୍ତ ହାକିମ ଓ ବଡ ଅଧିକାରୀଙ୍କ ରୋଷର ଶିକାର ହେଉଥିବା ବେଳେ ଏହି ବଙ୍ଗାଳୀ ଡାକ୍ତର ମାନେ ବିନା କୌଣସି ସେମିତିକା ଅସୁବିଧାରେ ଜୀବିକାନିର୍ବାହ କରୁଥିବା ଜଣାଯାଇଛି।

ଅବଶ୍ୟ ଏହିମାନଙ୍କ ଯୋଗୁଁ ରାଜ୍ୟର ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ଆସିଛି। ଆଗ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଶହେ ରୋଗୀ ଆସୁଥିବା ବେଳେ ଆଜିକାଲି କୋଡିଏ ପଚିଶିରୁ ଅଧିକ ରୋଗୀ ଆସିବାର ଦେଖାଯାଉନାହିଁ। ଆମ ସରକାର ଲୋକ ଗରୀବ ଗରୀବ ବୋଲି ଚିଲ୍ଲାଉଥିବା ବେଳେ କିଛି ବଙ୍ଗାଳୀ ଡାକ୍ତର ମ୍ୟାଲେରିଆ ପରି ଜ୍ୱର କ୍ଷେତ୍ରରେ ରୋଗୀଠାରୁ ହଜାର ହଜାର ଟଙ୍କା ନେଉଥିବାର ପ୍ରମାଣ ବି ମିଳିଛି। ବଙ୍ଗାଳୀ ଡାକ୍ତର ତ ମାତ୍ର ଏକ ନାଁ, ଆଜିକାଲି ଫାର୍ମାସୀ ଶିକ୍ଷା ସମାପ୍ତ କରିଥିବା କୌଣସି ବ୍ୟକ୍ତି ନିଜ ଗାଁରେ ଦୋକାନଟିଏ କରିଦେଇ ମାତ୍ର କେଇ ବର୍ଷରେ ନିଜକୁ ଅଞ୍ଚଳର ବିଖ୍ୟାତ ଚିକିତ୍ସକ ବୋଲି ପ୍ରମାଣିତ କରିବାରେ ଲାଗିଯାଉଛି।

ଏହି ପ୍ରକାରର ନକଲି ଡାକ୍ତରଙ୍କ ପ୍ରାଦୁର୍ଭାବ କେତେ ତାହା ଜଣେ ଡାକ୍ତର ହିଁ କହିପାରିବ। ନିକଟ ଅତୀତରେ ରାଜ୍ୟର ଏକ ବଡ ମେଡିକାଲରେ ଏହିପ୍ରକାରର ଏକ ରୋଗୀ ଆସି ପହଞ୍ଚିଥିଲା।


http://www.imcrew.com/?r=30698

ତା' ଅବସ୍ଥା ଦେଖି ଡାକ୍ତର ନାସ୍ତିବାଣୀ ଶୁଣାଇଥିଲେ। କହିଥିଲେ କିଛି କରିହେବନି। ଏଥିରେ ଉତ୍ୟକ୍ତ ରୋଗୀର ସଂପର୍କୀୟମାନେ ଡାକ୍ତରଙ୍କୁ ଉତ୍ତମ ମଧ୍ୟମ ଦେବାକୁ ପଛାଇନଥିଲେ। ଅବଶ୍ୟ ଏହି ରୋଗୀ ଜଣକ ବିଗତ କେଇ ମାସରୁ ଏହି ରୋଗରେ ପଡିଥିଲା ଏବଂ ନିଜ ଗାଁରେ ଜନୈକ ସ୍ୱଳ୍ପଶିକ୍ଷିତ ଡାକ୍ତରଙ୍କ ଦ୍ୱାରା ଚିକିତ୍ସିତ ହେଇ ଆସୁଥିଲା ବୋଲି ତା' ସ-ର୍କୀୟ ମାନେ କହିଥିଲେ। ଜନମାନସରେ ଏହି ନକଲି ଡାକ୍ତର ବା କ୍ୱାକ୍ ମାନେ ଏମିତି ଘର କରିଛନ୍ତି ଯେ ଲୋକମାନେ ସେମାନଙ୍କ ନିକଟକୁ ଯାଉଛନ୍ତି ଏବଂ ଠକାମୀରେ ପଡୁଥିଲେ ସୁଦ୍ଧା ଯେହେତୁ ସେମାନେ ହାତ ପାହାନ୍ତାରେ ରହୁଛନ୍ତି ସେମାନଙ୍କୁ କିଛି କହୁନାହାନ୍ତି।

ସରକାର ଏହି ପ୍ରକାରର ନକଲୀ ଡାକ୍ତରମାନଙ୍କ ପାଇଁ କଣ କରୁଛନ୍ତି, ତାହା ଜାଣିବାର ଅଧିକାର କାହାର ଥାଉ ବା ନଥାଉ ଅନ୍ତତ: ଜଣେ ଡାକ୍ତର ହିସାବରେ ମୋର ଅଛି। ଯଦି ସରକାରୀ କଲେଜରେ ପାଠ ପଢିବା ପରେ ମଧ୍ୟ ମୋତେ ଅଣପଢୁଆ ଡାକ୍ତର ମାନଙ୍କ ସହ ପ୍ରତିଯୋଗୀତା କରିବାକୁ ପଡୁଛି ତେବେ ଏହାର ଦୋଷୀ କିଏ ? ସରକାର କାହିଁକି ଆଖି କାନ ବନ୍ଦ କରି ବସିଛନ୍ତି। ଓଡିଶା ପାଇଁ ଆବଶ୍ୟକ ବାର ହଜାରରୁ ଉର୍ଦ୍ଧ୍ୱ ଡାକ୍ତର, କିନ୍ତୁ ଅଛନ୍ତି ମାତ୍ର ସାଢେ ଦୁଇ ହଜାରରୁ ସାମାନ୍ୟ ଅଧିକ, ଏଥିପାଇଁ ସରକାର କରିଛନ୍ତି କଣ। କରିବାର ପ୍ରଚେଷ୍ଟା କରିନାହାନ୍ତି। ଆମ ରାଜ୍ୟର ଡାକ୍ତର ମାନେ ବାହାର ରାଜ୍ୟକୁ ଯାଇ ଅଧିକ ଦରମା ଓ ସୁଖ ସୁବିଧାରେ ଚାକିରୀ କରୁଛନ୍ତି।

ବର୍ତ୍ତମାନ ଲୋକମାନେ ଚିନ୍ତା କରିବା କଥା ଅସଲି କିଏ ଆଉ ନକଲି କିଏ। ଯିଏ ଅସଲି ଡାକ୍ତର ସେ ପାଠ ଜାଣିଛି ଏବଂ ରୋଗର ପ୍ରକୃତ ଲକ୍ଷଣକୁ ନିରୀକ୍ଷଣ କରି ଚିକିତ୍ସା କରିବାର ଅନୁଭୂତି ରଖିଛି। କିନ୍ତୁ ନକଲି ଡାକ୍ତର କେବଳ ଔଷଧର ନାଁ ଜାଣି ଚିକିତ୍ସା କରୁଛି। ଦେଖାଯାଉ କେତେ ଦିନ ଏମିତି ଚାଲୁଛି।

ଆପଣଙ୍କ ଘରର ପାଇପଟାଏ ଫାଟିଗଲେ ଆପଣ ସେଥିରେ କନାଗୁଡାଇ, ସ୍ଥାନେ ସ୍ଥାନେ ଅଠାଲଗାଇ କିମ୍ବା ଜରି ବାନ୍ଧିଦେଇ ପାଣିବହିବାଟା ବନ୍ଦ କରିଦିଅନ୍ତି। କିନ୍ତୁ ପାଇପ ତିଆରି କରିବା ମିସ୍ତ୍ରୀ ଠିକ ଜାଣିଛି କେମିତି କଲେ ଆଉ ଜମା ପାଣି ବହିବନି। ତେଣୁ ଆମେ ନିଜେ ଯଦି ମିସ୍ତ୍ରୀ ହେଇଯିବା ତେବେ ଦିନେ ନା ଦିନେ ଅଧିକ ଅସୁବିଧାରେ ପଡିବା ତାହା ନିଶ୍ଚିତ। ସେଇପରି ଯଦି ଆମେ ସ୍ୱାସ୍ଥ୍ୟ ଅବହେଳାରେ ନିଜେ ଡାକ୍ତର ହୋଇଯିବା ଅବା ଏହି ଅଳ୍ପ ପଢୁଆ କ୍ୱାକ୍ ଡାକ୍ତରଙ୍କୁ


http://www.imcrew.com/?r=30698

ସର୍ବସ୍ୱ କରିବା ତେବେ ଦିନେ ନା ଦିନେ ଏହାର କୁଫଳ ଅବଶ୍ୟ ଭୋଗିବା। ଆସ ଚିନ୍ତା କରି ଦେଖିବା।

ଅବଶ୍ୟ କିଛି ଲୋକ କହିବେ ଯେ ଡାକ୍ତର ହୋଇ ପେଶାକୁ ସର୍ବସ୍ୱ କଲେ କେମିତି ହେବ। କୁହନ୍ତୁ ତ ଦେଖି ଆପଣ କଣ ଚାହାନ୍ତି ନାହିଁ ଯେ ଆପଣଙ୍କ ପିଲାମାନେ ଭଲ ସ୍କୁଲରେ ପାଠ ପଢନ୍ତୁ, ଅବସର ସମୟରେ ଆପଣ କିଛି ମନୋରଞ୍ଜନ ପାଆନ୍ତୁ ବୋଲି। ଯଦି ଗ୍ରାମାଞ୍ଚଳରେ ଚାକିରୀ କରିବାକୁ ପଡେ ତେବେ କେଉଁ ଡାକ୍ତରଙ୍କ ପିଲାଏ ଭଲ ସ୍କୁଲରେ ପଢିପାରିବେ ? ଗ୍ରାମାଞ୍ଚଳରେ ଥିବା ସରକାରୀ ସ୍କୁଲରେ କେମିତି ପାଠ ପଢାହୁଏ ତାହା ନ କହିବା ଭଲ। ଆଜିକାଲି ସମସ୍ତେ ପ୍ରତିଯୋଗୀତାରେ ସମଭାଗୀ ହେଇ ପିଲାଙ୍କୁ ଇଂରେଜୀ ମାଧ୍ୟମ ସ୍କୁଲରେ ପଢାଉଥିବା ବେଳେ ବିଚରା ଡାକ୍ତରଙ୍କ ପିଲାଏ ଗାଁ ସ୍କୁଲରେ ପାଠ ପଢିବେ ନା ପିତୃମାତୃ ସ୍ନେହରୁ ଦୂରରେ ରହି ଅନ୍ୟତ୍ର ପାଠ ପଢିବେ ?

ଖାଲି ଯେ ଡାକ୍ତର ହେଇଗଲେ ଜଣେ ସମାଜର ଅଧିକୃତ ବ୍ୟକ୍ତି ହୋଇଯାଏ ତାହା ନୁହେଁ, ଜଣେ ଡାକ୍ତର ଜଣେ ମନୁଷ୍ୟ। ତାହାର ବି ନିଜସ୍ୱ ଇଛା ରହିଛି। ପାଠ ପଢିଛି ବୋଲି ଯେ ଖାଲି ସେବା ମନୋଭାବ ନେବ ତାହା କଣ ସବୁ କ୍ଷେତ୍ରରେ ସମ୍ଭବ। ନିଜର ଉନ୍ନତି ଓ ସର୍ବୋପରି ନିଜ ପରିବାର ପାଇଁ କିଛି କରିବାପାଇଁ ମନୋବୃତ୍ତି କଣ ଖରାପ। ମୋ ପିଲାଏ ଭଲ ସ୍କୁଲରେ ପାଠପଢନ୍ତୁ ଏହା କଣ ଭୁଲ ?

ସେ ଯା'ହେଉ ଡାକ୍ତର ପେଶା ଦିନେ ସବୁଠୁ ଅଧିକ ଆଗ୍ରହ୍ୟ ବିଷୟ ଥିଲା ଏବେ ବି ରହିଛି। କିଛି ପିଲା ଘରୋଇ ଶିକ୍ଷାନୁଷ୍ଠାନରେ ପଚାଶ ଲକ୍ଷ ପର୍ଯ୍ୟନ୍ତ ଟଙ୍କା ଦେଇ ଡାକ୍ତରୀ ଶିକ୍ଷା କରୁଥିବା ଜଣାଯାଇଛି। ଯେଉଁ ପିଲା ଓଡିଶାରେ କୋଡିଏ ଲକ୍ଷ ଟଙ୍କା ଖର୍ଚ କରି ଡାକ୍ତରୀ ପଢିଥିବ, ତାହାର ପ୍ରଥମ ଆଭିମୁଖ୍ୟ ସେବା ହେବ ନାହିଁ ବରଂ ସେ ଖର୍ଚ୍ଚ କରିଥିବା କୋଡିଏ ଲକ୍ଷଟଙ୍କା କେମିତି ଶୀଘ୍ର ଫେରିପାଇବ। ତେଣୁ ଡାକ୍ତର ମାନେ ମଧ୍ୟ ଅନ୍ୟ ସମସ୍ତ ପ୍ରକାରର ଚାକିରୀ ସେବାକରୁଥିବା ଲୋକଙ୍କ ସହ ସମାନ ବୋଲି ଭାବିବାକୁ ପଡିବ। ଯଦି ଦାବୀ ପୁରଣ ପାଇଁ ଶିକ୍ଷକମାନେ ସଂଘ କରିପାରୁଛନ୍ତି, ଅଧ୍ୟାପକ ମାନେ ସରକାରୀ କଳକୁ ଧମକାଇ ପାରୁଛନ୍ତି ତେବେ ଡାକ୍ତର ମାନେ କରିବା କଣ ପାପ ?

ଛାଡନ୍ତୁ, ଏହି ସବୁ ବିଷୟରେ ଚର୍ଚ୍ଚା କରି କିଛି ଲାଭ ନାହିଁ। ଆଜି ଓଡିଶାରେ ସାଢେ


http://www.imcrew.com/?r=30698

ଦୁଇହଜାର ଡାକ୍ତର ଅଛନ୍ତି, ଦିନ ଆସିବ ସାତେ ଦୁଇଶହ ଡାକ୍ତର ହିଁ ରହିବେ। ସରକାର ଯେତେ କଠିନ ନିୟମ କଲେ ବି ତାକୁ ଭାଙ୍ଗିବାକୁ ଆହୁରି ଅଧିକ ନିୟମ ବାହାରିବ। ଇଞ୍ଜିନ୍ୟରିଂ ପରି ଡାକ୍ତରି ବି ଏକ ପ୍ରଫେସନାଲ ବିଷୟ। ଯଦି ଇଞ୍ଜିନିୟରିଂ କରିବାପରେ ଜଣେ ଛାତ୍ର କ୍ୟାଂପସ ସିଲେକ୍ସନ ହେଇ ସୁଦୂର ବାଙ୍ଗାଲୋର, ମୈସୁର, କିମ୍ବା ପୁନେ ରେ ଚାକିରୀ କରିପାରୁଛି, ସେହି କ୍ଷେତ୍ରରେ ଜଣେ ଡାକ୍ତରୀ ଛାତ୍ରକୁ ଓଡିଶାରେ ରହିବାପାଇଁ ବାଧ୍ୟ କରାଯିବା ଯୁକ୍ତି ଯୁକ୍ତ କି ? ଇଞ୍ଜିନିୟରିଂ ଛାତ୍ର ଛାତ୍ରୀ ଏସି ରୁମରେ ବସି ଦୈନିକ ଆଠଘଣ୍ଟା ଓ ସପ୍ତାହରେ ପାଞ୍ଚ ଦିନ ପରିଶ୍ରମ କରି ମାସକୁ ତିରିଶି ହଜାର ଟଙ୍କା କମଉଥିବା ବେଳେ, ଡାକ୍ତରୀ ଛାତ୍ରମାନେ ସୁଦୂର ପ୍ରାନ୍ତରେ ବିଦ୍ୟୁତ ଓ ଅନ୍ୟାନ୍ୟ ସୁବିଧାର ଅଭାବରେ ରହି ସୁଦ୍ଧା ଦୈନିକ ଚବିଶି ଘଣ୍ଟା ପରିଶ୍ରମ କରିସୁଦ୍ଧା ମାସକୁ ତା'ଠୁ ଢେର କମ ଦରମା ପାଇବା କେତେ ଯୁକ୍ତିଯୁକ୍ତ। ଅନ୍ୟ କୌଣସି ବିଷୟରେ ପାଠ ପଢିବାପରେ ଚାକିରୀ କରିବାପାଇଁ ସରକାର ବାଧ୍ୟ କରୁନଥିବା ବେଳେ ଡାକ୍ତର ମାନଙ୍କ କ୍ଷେତ୍ରରେ ଏଇ ପ୍ରକାରର ପ୍ରତାରଣା କାହିଁକି ?

ବର୍ତ୍ତମାନ ଚିନ୍ତା କରିବାର ସମୟ ଆସିଛି। ଭାବି ଦେଖନ୍ତୁ ତ।

ଯଦି କୌଣସି ପାଠକ ମୋର ଏହି ଚିନ୍ତାଧାରାର ବିପରୀତ କୌଣସି ମତ ପ୍ରଦାନ କରିବାପାଇଁ ଆଗେଇ ଆସନ୍ତି, ତେବେ ତାହା ସ୍ୱାଗତଯୋଗ୍ୟ ହେବ ଏବଂ ମୋର ଏହି ଲେଖା ସାର୍ଥକ ହେଲା ବୋଲି ଧରାଯିବ।



http://www.imcrew.com/?r=30698

# ଓଡିଆ ସାହିତ୍ୟ

ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ସାହିତ୍ୟ କାହିଁ ? ଆମେ କାହିଁକି ମୃତ ? ଓଡିଆ ସାହିତ୍ୟର ଅବନ୍ନତି କାହିଁକି ? ଏହି ପ୍ରଶ୍ନର ଉତ୍ତର ଖୋଜିବାର କ୍ଷମତା ବୋଧହୁଏ ନିଶ୍ଚିତ ରୂପରେ ମୋ'ଠାରେ ନାହିଁ। କାରଣ ମୁଁ ସାହିତ୍ୟିକ ନୁହେଁ, ଲେଖିକା ନୁହେଁ, ସାହିତ୍ୟର ଆଲୋଚିକା ବି ନୁହେଁ, ଏବଂ କୌଣସି ସାହିତ୍ୟ ସମାଜ ସହ ସଂଶ୍ଲିଷ୍ଟ ନୁହେଁ।

କାହିଁ କେତେ ଦଶନ୍ଧିରୁ ଶୁଣି ଆସୁଛି, ପଢି ଆସୁଛି ଓ ଦେଖି ଆସୁଛି, ପ୍ରହେଳିକା ସମ ପ୍ରହସନ ମାନ ଯଥା ଲେଖକର ଦୁରାବସ୍ଥା, ଲେଖନୀରୁ ନିସୃତ ସୃଷ୍ଟିର ଅନାଦରତା, କେବଳ ସରକାରୀ ସ୍ତରରେ ସାହିତ୍ୟକୁ ସାହାରା ଦେବା ଯେପରି କି ରାଷ୍ଟ୍ରୀୟ କୃତିରାଜିକୁ ସରକାରୀ ରକ୍ଷଣାବେକ୍ଷଣର ଆବଶ୍ୟକତା ରହିଛି, ସେହିପରି ଆଜିର ଉତ୍ତ୍ର ସାହିତ୍ୟ ଏକ ବିଶିଷ୍ଟ ରାଷ୍ଟ୍ରୀୟ କୃତିରାଜିମାତ୍ର। ସେଥିରେ ବି ନିଜ ପଦବୀ ଓ ନାମକୁ ଅଳଂକୃତ କରିବା ପାଇଁ ସାହିତ୍ୟିକ ପୁରସ୍କାରର ମାରାଥନ ଦୌଡ ଓ ଲେଖକ ଏବଂ ପ୍ରକାଶକଙ୍କ ମଧ୍ୟରେ ଛକାପଞ୍ଝା, ଏଭଳି ଅନେକ ସମ୍ବାଦ ପଢିବାକୁ ଓ ଶୁଣିବାକୁ ମିଳିଥାଏ।

କିନ୍ତୁ ମୁଁ ତ ଭାବେ ଯଦି ଶିଶୁଟିଏ ଜନ୍ମହେବା ପରେ ଯେଉଁ ଭାଷାରେ ସେ ନିଜର ଅସ୍ତିତ୍ୱକୁ ବୁଝିଥାଏ ଯଦି ସିଏ ସେଇ ମାତୃଭୂମିର ମାତୃଭାଷାକୁ ଭଲ ପାଇବାଟି ବଜାୟ ରଖି ନ ପାରେ, ତେବେ ତା ପାଇଁ ସାହିତ୍ୟ ଏକ ଅବୁଝା ପ୍ରଶ୍ନ।

ପୁଣି କେବଳ ସମାଲୋଚନା, ଆଲୋଚନା ଚକ୍ର ମଧ୍ୟରେ ଯଦି କୌଣସି ଲେଖକର କୃତି ସୀମିତ ହୁଏ ତ ତାହା ଗୋଟିଏ ଛୋଟ ପୋଚକା ପୋଖରୀ, ଯେଉଁ ସାହିତ୍ୟ ସମୟାନୁବର୍ତ୍ତୀ ନୁହେଁ, ସରଳ ନୁହେଁ। ଯେଉଁ ସାହିତ୍ୟ ସାଧାରଣ ବ୍ୟକ୍ତିତ୍ୱର ଅପହଂଚ ଦୂରତାରେ ସେହି ସାହିତ୍ୟ କିପରି ପ୍ଲାବିତ ତଟିନୀ ପରି ବିଶାଳ ସାଗରର ସନ୍ଧାନ ପାଇବ ?

ଚଷାଟିଏ ଜମି ଚାଷକଲା ବେଳେ ଗାଉଥିବା ଗୀତ, ଚଉପଦି, ଛାନ୍ଦର ଯେଉଁ ଦୁଇ ମୁଖ୍ଡା



http://www.imcrew.com/?r=30698

ଗାଉଥାଏ, ସେ ବ୍ୟାକରଣରେ ପାରଙ୍ଗମ ନଥିବା ସତ୍ତ୍ୱେ, ପୋଥି ବହି ବସ୍ତାନୀ ନ ଧରିଥିବା ସତ୍ତ୍ୱେ ତାହା ଶ୍ରୁତି ମଧୁର ହୋଇଥାଏ। ଯେଉଁ ନୂତନ ଦାୟାଦମାନେ ଓଡ଼ିଆ ସମାନରେ ନିଜ ମାତୃଭାଷାକୁ ଜାଣନ୍ତି ନାହିଁ କିମ୍ବା ଭାଷା ସହ ଅବଗତ ନଥାନ୍ତି, ସେମାନେ ଓଡ଼ିଆ ସାହିତ୍ୟକୁ ବୁଝିବେ ବା କେମିତି। ଯଦି ମୁଁ ନିଜେ ଓଡ଼ିଆଭାଷା ସାହିତ୍ୟ ସହ ଅନଭିଜ୍ଞ, ମୁଁ ବା କେମିତି ଆଗାମୀ ଦାୟାଦଙ୍କୁ ଓଡ଼ିଆ ସାହିତ୍ୟ ବୁଝାଇବି?

ସାଧାରଣ ଓ ସରଳ ସାହିତ୍ୟ ସର୍ବଦା ପରିବର୍ତ୍ତନଶୀଳ କିନ୍ତୁ ଅସ୍ତିତ୍ୱହରା ନୁହେଁ। ଏହାର ପ୍ରକୃତ ଉଦାହରଣ, ଇଂରେଜୀ ସାହିତ୍ୟ, ବଙ୍ଗ ସାହିତ୍ୟ, ହିନ୍ଦୀ ସାହିତ୍ୟ ଓ ଦାକ୍ଷିଣାତ୍ୟର ସାହିତ୍ୟରେ ସୁସ୍ପଷ୍ଟ।

'ରାମ ହେ ଲଇକ୍ଷଣ ଯେ ଗଲେ ମୃଗମାରି', ଚାଷକ୍ଷେତରୁ ଶୁଣାଯାଉଥିବା ଏହି ଗୀତ, ପିଲାଦିନେ ଘରେ ଶୁଣିଥିବା ଗୀତ, 'କଳା ମାଣିକରେ, ମଙ୍ଗଳେ ଅଇଲା ଉଷା', ରଜ ପର୍ବରେ ଦୋଳିରେ ବସି ସାଙ୍ଗସାଥୀଙ୍କ ସହ 'ବନସ୍ତେ ଡାକିଲା ଗଜ', କାର୍ତ୍ତିକ ପୂର୍ଣ୍ଣିମା ରାତ୍ରୀରେ ବୋଇତ ବନ୍ଦାଣ କଲାବେଳେ 'ଆ କା ମା ଭୈ' ଆଦି ଗୀତ ମୋ ପାଇଁ ସାହିତ୍ୟ। ବୋଧହୁଏ ଏହା ଥିଲା ମୋ ପାଇଁ ଓଡ଼ିଆ ସାହିତ୍ୟକୁ ଜାଣିବାର ଅୟମାରମ୍ଭ। କିନ୍ତୁ ସ୍କୁଲରେ ପଢିଲାବେଳେ ଶ୍ରେଣୀ ଗୃହରେ ମାତୃଭାଷା ସହ ଖୁବ ପରିଚୟ ହୋଇଥିଲା, ବୋଧହୁଏ ସେଇଥି ପାଇଁ ଆଜି କିଛି ଲେଖିବାର ଚେଷ୍ଟା କରିପାରୁଛି।

ସଂପ୍ରତି ଓଡ଼ିଆ ସାହିତ୍ୟର ଅଧୋଗତିର ମୁଖ୍ୟ କାରଣ ମୋ ଦୃଷ୍ଟିକୋଣରେ ମାତୃଭାଷା ଓ ମାତୃଭୂମି ବନ୍ଦନାରେ ନୂତନ ପୀଢିର ଅରୁଚି। ମାତୃଭାଷାଠାରୁ ଦୂରତ୍ୱ ଓ ମନ ଜିଣିନେଉଥିବା ପରି କିଛିଟା ରଚନାର ଅଭାବ। ଯଦି ମୋ ଚିନ୍ତାଧାରା କୌଣସିଟି ବି କ୍ଷେତ୍ରରୁ କୌଣସି ବ୍ୟକ୍ତିଙ୍କ ମନୋଭାବକୁ କ୍ଷୁର୍ଣ୍ଣ କରୁଛି ତ ମତେ କ୍ଷମା ଦେବେ।

*ଉଠରେ ଉଠରେ ଉତ୍କଳ ସନ୍ତାନ, ଉଠିବୁ ତୁ କେବେ ଦିନେ ?*
*ପୁରୁବ ଗୌରବ ପୁରୁବ ମହିମା, ପଡୁ ନାହିଁକିରେ ମନେ ???*


http://www.imcrew.com/?r=30698

ନିଜ ଭାଷା, ନିଜ ସଂସ୍କୃତି, ପର୍ବପର୍ବାଣୀ, ନିଜ ମାତୃଭୂମି ପ୍ରତି ଭବିଷ୍ୟତର ଉତ୍ତ୍ର ସନ୍ତାନ ମାନଙ୍କର ରୁଚି ଆଣିବା ହେଉଛି ଆମ ସମସ୍ତଙ୍କ କର୍ତ୍ତବ୍ୟ। ଏକ ସୂତ୍ରରେ ସଗର୍ବେ କୁହ ମୁଁ ଓଡିଆ ଓ ମୁଁ ଓଡିଶାକୁ ଭଲପାଏ। ଭାଷା ସ୍ୱୟଂ ହିଁ ଆହୁଲା ମାରି ଆମ ସାହିତ୍ୟକୁ ଭବିଷ୍ୟତକୁ ଭସାଇନେବ।

ବନ୍ଦେ ଉତ୍କଳ ଜନନୀ



http://www.imcrew.com/?r=30698

# ସମ୍ୟକ୍ ସୂଚନା





http://www.imcrew.com/?r=30698

# ଜେଲ ଏବେ ସଂସ୍କାରଗୃହ

## ଜେଲ ପରିଦର୍ଶନ କଥା

କାରାଗାରରେ କଏଦୀମାନଙ୍କୁ ସାମାଜିକ ସଂସ୍କାରଦ୍ୱାରା ସମାଜରେ ପ୍ରତିଷ୍ଠିତ କରାଇବା ଲକ୍ଷ୍ୟରେ ସରକାର ବ୍ୟାପକ କାର୍ଯ୍ୟାନୁଷ୍ଠାନ କରିଛନ୍ତି । ଆଗ ଜେଲରେ ଦଣ୍ଡ ଦିଆଯାଇ ଅପରାଧୀମାନଙ୍କୁ ସାବାଡ କରାଯାଉଥିବା କଥା ଆମେ ସମସ୍ତେ ଊଣା ଅଧିକେ ଜାଣିଛେ, ହେଲେ ବର୍ତ୍ତମାନ କାରାଗାରମାନଙ୍କ ରୂପରେଖ ବଦଳିଲାଣି। ବର୍ତ୍ତମାନ କାରାଗାରକୁ ଅପରାଧୀ ସୁଧାର ଗୃହ ବୋଲି ମଧ୍ୟ କୁହାଯାଉଛି।

ବିଗତ ଶତାବ୍ଦୀର ଶେଷ ଦଶନ୍ଧିରେ ଜେଲ ସୁଧାର କାର୍ଯ୍ୟକ୍ରମରେ ବହୁତ ପରିବର୍ତ୍ତନ ଦେଖାଯାଇଛି। ୧୯୯୨ ମସିହା ଏବଂ ତା'ପରେ ପରେ ଦିଲ୍ଲୀର ପ୍ରସିଦ୍ଧ ତିହାର ଜେଲରେ ତତ୍‌କାଳୀନ ଜେଲର୍ କିରଣ ବେଦୀଙ୍କ ଦ୍ୱାରା ସଂସ୍କାର ମୂଳକ କାର୍ଯ୍ୟକ୍ରମମାନ କରାଯାଇ ଅପରାଧୀମାନଙ୍କୁ ସମାଜର ସମାନ୍ତରାଳ ସ୍ରୋତକୁ ଆଣିବା ଆରମ୍ଭ ହେବାପରେ ସରକାର ଏହି କାର୍ଯ୍ୟକ୍ରମର ସଫଳତାକୁ ଦୋହରାଇବା ପାଇଁ, ଦେଶର ସମସ୍ତ ଜେଲରେ ଏହି ପ୍ରୟାସ ଆରମ୍ଭ କରିଛନ୍ତି।

କିରଣ ବେଦୀ ଜେଲ ମଧ୍ୟରେ କଏଦୀମାନଙ୍କ ସହ ମିଶି ପ୍ରବଚନ କିର୍ତ୍ତନ ଆଦି କରୁଥିବାର ଦୃଶ୍ୟ ଦେଖିବାପରେ ଦେଶ ତଥା ଦେଶ ବାହାରୁ ତାଙ୍କର ପ୍ରଶଂସାରେ ଅନେକ ଶତମୁଖ ହୋଇପଡିଲେ। ପରବର୍ତ୍ତୀ ସମୟରେ ସରକାର ଏହି ପ୍ରକାରର ଜେଲ ସଂସ୍କାର କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦେବା ଆରମ୍ଭ କଲେ।



ଚଳିତ ବର୍ଷ ରଜ ସଂକ୍ରାନ୍ତିରେ ଆମକୁ ଆମନ୍ତ୍ରଣ କରିଥିଲେ ଗଞ୍ଜାମଜିଲ୍ଲା ଦିଗପହଣ୍ଡି ନିକଟରେ ନୂତନଭାବେ ନିର୍ମାଣ ହୋଇଥିବା ସାହାସପୁର ଉପକାରାଗାରର ଚିକିତ୍ସା ବିଭାଗ



http://www.imcrew.com/?r=30698

ମୁଖ୍ୟ ଡା ରାଜୁ। ରାଜୁ ବାବୁଙ୍କ ଆମନ୍ତ୍ରଣ ପାଇ ଆମେ ଏକ ଚାରିଜଣିଆ ଦଳହୋଇ ଦିଗପହଣ୍ଡି ଉପକାରାଗାର ପରିଦର୍ଶନରେ ଯାଇଥିଲୁ। ଏହି ଦଳରେ ବ୍ରହ୍ମପୁର ସିଲ୍କସିଟି ରୋଟାରୀ କ୍ଲବର ସଭାପତି ରୋଟାରିଆନ ସୂର୍ଯ୍ୟନାରାୟଣ ସାହୁ, ରୋଟାରିଆନ ପ୍ରଦୀପ କୁମାର ସାହୁ ଓ ରୋଟାରିଆନ ଡା ତ୍ରିଲୋଚନ ସାହୁ ପ୍ରମୁଖ ସମେତ ମୁଁ (ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ) ଯାଇଥିଲୁ। ଅପରାହ୍ନ ଚାରିଟା ପରେ ବ୍ରହ୍ମପୁର ଛାଡି ଦିଗପହଣ୍ଡି ଯିବା ବାଟରେ ଠାଏଁ ଠାଏଁ ରଜ ଦୋଳି ବନ୍ଧାଯାଇ ଯୁବତୀ ଓ ଯୁବକମାନେ ଦୋଳି ଖେଳୁଥିବାର ଦେଖିଥିଲୁ।



ରଜ ଦୋଳି ଦେଖି ଗାଁ କଥା ମନେ ପଡିଯାଇଥିଲା। ଆମ ଗାଁ ବାଡି କଇଁଆଗଛରେ ବାଉଁଶରେ ନିର୍ମିତ ଦୋଳି ବନ୍ଧା ହେଉଥିଲା। ସାଇକେଲ ଟାୟାରରେ ଉପରକୁ ଟାଣ କରି ବନ୍ଧାଯାଇଥିବା ବେଳେ ସେଥିରେ ବସି ପିଲାମାନେ କଇଁଆ ଗଛର ଡାଳରେ ଚକ୍କର କାଟୁଥିବା ଦେଖି ଛାତିରେ ଛନକା ପଶିଯାଉଥିଲା ସେ ସମୟରେ, ଅବଶ୍ୟ ଏତେ ସାହାସ ମୁଁ କେବେ କରି ପାରିନଥିଲି। ଘରେ ବାପା ବାନ୍ଧୁଥିବା ଦଉଡି ଦୋଳିରେ ଦି ଚାରି ଥର ବସିଗଲେ ରଜ ହେଇଯାଉଥିଲା। ଅବଶ୍ୟ ଘର ସମ୍ମୁଖରେ ପ୍ରତିବର୍ଷ ରଜକୁ ଚବିଶି ପ୍ରହର ନାମଯଜ୍ଞ ହେଉଥିଲା। ପିଉସା, ମଉସାଙ୍କ ପରିବାର ସବୁ ଏକାଠି ହେଉଥିଲେ। ଘରେ ଏକ ରକମର ଯାତ୍ରା ମେଳନ ହେଉଥିଲା। ସେ ଯା'ହେଉ ଗାଁ ଏବେ ଆଉ ଗାଁ ହେଇ ରହିନି, ଆଉ ସାଥିରେ ଖେଳିବାପାଇଁ ମଧ୍ୟ କେହି ନାହାନ୍ତି, ସମସ୍ତେ ଚାକିରୀବାକିରୀ କରି କିଏ କେଉଁଆଡେ ଗଲେଣି।

ଅପରାହ୍ନ ପାଞ୍ଚଟାରେ ଦିଗପହଣ୍ଡି କାରାଗାର ସମ୍ମୁଖରୁ ଆମକୁ ସାଦର ପାଛୋଟି ନେଇଥିଲେ ଡା ରାଜୁ। ଜେଲର ଅଧୀକ୍ଷକ ଶ୍ରୀଯୁକ୍ତ ପଣ୍ଡା ଆମ ସହ ଜେଲ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଜେଲ ଭିତରର ବାତାବରଣ ବିଷୟରେ ସଂପୂର୍ଣ୍ଣ ଅନଭିଜ୍ଞ ଆମେ ସମସ୍ତେ ଅପେକ୍ଷା କରିଥିଲୁ କେତେବେଳେ ଜେଲ ଭିତରକୁ ଯାଇ ଦେଖିବୁ କଏଦୀମାନେ କେମିତି ଅଛନ୍ତି। ଘୋରଣାରେ ବସି କଣ ପେଷୁଚନ୍ତି ଇତ୍ୟାଦି ଇତ୍ୟାଦି।


http://www.imcrew.com/?r=30698



ରଜ ସଂକ୍ରାନ୍ତି ଉପଲକ୍ଷେ ଜେଲରେ ସ୍ୱତନ୍ତ୍ର ଖାଦ୍ୟପେୟର ବ୍ୟବସ୍ଥା ହୋଇଥିଲା । ଜେଲ ମଧ୍ୟରେ ଥିବା ରୋଷେଇ ଘର ଓ ତତ୍‌ସଂଲଗ୍ନ ଡାଇନିଂ ହଲରେ ଉଭୟ କଏଦୀ ଓ ଜେଲର କର୍ମଚାରୀ ଏକାଠି ବସି ଭୋଜନ କରୁଥିବାର ଦୃଶ୍ୟ ଅବିଶ୍ୱସନୀୟ ଥିଲା । ଅବଶ୍ୟ ଭାରୀ ସୁଶ୍ୱାଦୁକର ଖାଦ୍ୟ ରୋଷେଇ ହୋଇଥିଲା । ଅଧୀକ୍ଷକ ଆମକୁ ଜଣାଇଥିଲେ ଯେ ଜେଲ ମଧ୍ୟରେ ଏକାଠି ଖାଇବା ଦ୍ୱାରା ଅନେକ ଅପରାଧୀଙ୍କ ମାନସିକ ପରିବର୍ତ୍ତନ ହୁଏ, ଏବଂ ଅନେକ ନିଜକୁ ଆଗାମୀ ଦିନରେ ଜଣେ ସୁମଣିଷ କରିବାପାଇଁ ମାନସିକ ଭାବେ ପ୍ରସ୍ତୁତ ହୋଇଥାଆନ୍ତି ।

ଅଧୀକ୍ଷକ ଆମକୁ ଜେଲର ବିଭିନ୍ନ କୋଠରି ସବୁ ବୁଲାଇ ଦେଖାଇଥିଲେ । ଅତ୍ୟନ୍ତ ଆଚମ୍ବିତ ଥିଲା ଯେତେବେଳେ ଆମେ ଦେଖିବାକୁ ପାଇଥିଲୁ ଜେଲର କୋଠରୀରେ କଲର ଟିଭି ସହିତ ସାଟେଲାଇଟ ଆଣ୍ଟେନାର ବ୍ୟବହାର । ଆଗରୁ ଜେଲ ଭିତରକୁ ଖବର କାଗଜ ସୁଦ୍ଧା ଆସିବାର କଟକଣା ଥିବାବେଳେ ସଂପ୍ରତି ସେ ସବୁ ନିୟମରେ ବଦଳି ଗଲାଣି, ବର୍ତ୍ତମାନ କଏଦୀମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଫେରାଇ ଆଣିବାପାଇଁ ଏହି ସବୁ ପ୍ରକାରର ସୁବିଧା ଦିଆଯାଉଥିବା କଥା ଅଧୀକ୍ଷକ ଆମକୁ ଜଣାଇଥିଲେ ।

 କଏଦୀ ମାନଙ୍କ ଚିତ୍ତବିନୋଦନ ନିମିତ୍ତ ନିର୍ମିତ କୋଠରୀରେ ଆବଶ୍ୟକ ପୁସ୍ତିକା ଓ ବାଦ୍ୟ



ଉପକରଣ ଆଦି ଅଭାବଥିବା କଥା ଅନେକ କଏଦୀ ଜଣାଇବାପରେ ଆମେ ନିଷ୍ପତ୍ତି ନେଇଥିଲୁ ଯେ ଆଗାମୀ ଦିନରେ ଜେଲକୁ ଏହି ସବୁ ଉପକରଣ କିଣି ଆଣିଦେବୁ । ଜେଲଟି ପଥୁରିଆ ଜମି ଉପରେ ହୋଇଥିବାରୁ ଏଠାରେ କଏଦୀମାନେ କୌଣସି ପ୍ରକାରର ଚାଷବାସ କାମ କରି ପାରୁନାହାନ୍ତି ବୋଲି ଜଣାଇଥିଲେ । ଅବଶ୍ୟ


http://www.imcrew.com/?r=30698

ଦୁଇତିନୋଟି ପଟାଳୀରେ ସେମାନେ ପୋଇଶାଗ, ଭେଣ୍ଡି ଆଦି ଲଗାଇଥିବା ଆମେ ଦେଖିଥିଲୁ।

ଜେଲରେ ଦୈନିକ ରୋଷେଇକାର୍ଯ୍ୟରେ ନିଯୁକ୍ତ କଏଦୀମାନେ ହିଁ ଥିଲେ। ସେମାନେ ନିଜ ଖାଇବାପିଇବା କଥା ନିଜେ ନିଷ୍ପତ୍ତି ନେଉଥିଲେ ବୋଲି ଅଧୀକ୍ଷକ କହିଛନ୍ତି। ଜେଲ ମଧ୍ୟରେ ମହିଳା କଏଦୀମାନଙ୍କ ପାଇଁ ଅଲଗା ବ୍ୟବସ୍ଥା ଥିବାସତ୍ତ୍ୱେ ସେଠାରେ ମହିଳା କଏଦୀ କେହିନଥିଲେ।

ଜେଲ ନିର୍ମାଣ ହେବାର ଦୁଇବର୍ଷ ବିତିଯାଇଥିଲେ ସୁଦ୍ଧା ଏଠାରେ କର୍ମନିଯୁକ୍ତିର କୌଣସି ସୁବିଧା ନଥିବା ଯୋଗୁଁ ଅଧିକାଂଶ କଏଦୀ ଦିନସାରା କିଛି ନ କରି ଖାଲିରେ ବସିରହୁଥିବା କଥା



କହିଥିଲେ। ଏଥିପାଇଁ ଆମେ ସେମାନଙ୍କୁ ଖାଲି ସମୟରେ ଧୂପକାଠି ବଳିବା ପାଇଁ ବ୍ୟବସ୍ଥା କରାଇବାପାଇଁ ପ୍ରତିଶ୍ରୁତି ଦେଇ ଆସିଥିଲୁ। ଜେଲ ଭିତରର ପରିବେଶ ବେଶ ଶାନ୍ତଥିଲା। ସମସ୍ତ କଏଦୀ ଆମସହିତ ଭଲ ବ୍ୟବହାର କରିଥିଲେ। କୌଣସି କଏଦୀ ଆମକୁ ଅସଭ୍ୟ ବ୍ୟବହାର କରିନଥିଲେ।


http://www.imcrew.com/?r=30698

ଅଧୀକ୍ଷକ କହିଥିଲେ ଯେ ଅଧିକାଂଶ କଏଦୀ ପରିସ୍ଥିତିରେ ପଡି ଅପରାଧ କରିଥାଆନ୍ତି, ଏବଂ ତେଣୁ ସେମାନେ ପେଶାଦାର ଅପରାଧୀ ନୁହନ୍ତି। ଆଜୀବନ ଦଣ୍ଡ ଭୋଗୁଥିବା ଅନେକ କଏଦୀ ଏହି ଜେଲରେ ଥିବା କଥା ସେ କହିଥିଲେ। ଜେଲରେ ଚାଲୁଥିବା ସଂସ୍କାରମୂଳକ କାର୍ଯ୍ୟକ୍ରମରେ ଭଲ ପ୍ରଦର୍ଶନ କରୁଥିବା କଏଦୀଙ୍କୁ ଦଣ୍ଡବ୍ୟଧାନ କମ କରାଯାଇ ଘରକୁ ଛାଡି ଦିଆଯିବାର ବ୍ୟବସ୍ଥା ମଧ୍ୟ ରହିଛି ବୋଲି ସେ କହିଥିଲେ।

ଜେଲ ପରିସରରେ କଏଦୀମାନଙ୍କ ଖେଳାଖେଳି କରିବାପାଇଁ ଭଲିବଲ ପଡିଆଟିଏ ରହିଛି। ଏଥିନିମନ୍ତେ ଆବଶ୍ୟକ ସରଞ୍ଜାମ କୌଣସି ଏକ ସଂସ୍ଥା ତରଫରୁ ମିଳିଛି ବୋଲି ସେ କହିଥିଲେ। ନବନିର୍ମିତ ଏହି ଜେଲରେ ଉନ୍ନତି ପାଇଁ ସେମାନେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ମାନଙ୍କୁ ସହାୟତା ମାଗନ୍ତି ଏବଂ ଅନେକ ସମୟରେ ବିଭିନ୍ନ ସଂସ୍ଥାମାନେ ଜେଲକୁ ଆସି କଏଦୀମାନଙ୍କ ସହ ମିଳାମିଶା କରନ୍ତି ଓ ସେମାନଙ୍କୁ ସମାଜର ମୁଖ୍ୟ ଧାରାରେ ସାମିଲ କରାଇବା ପ୍ରୟାସ କରନ୍ତି। ବିଭିନ୍ନ ସମୟରେ ସଂସ୍ଥାମାନେ ଆସି କଏଦୀମାନଙ୍କୁ ଯୋଗ ଶିକ୍ଷା, ସ୍ୱାସ୍ଥ୍ୟ ପରୀକ୍ଷା ଆଦି କରାଇଥାନ୍ତି ବୋଲି ଆମେ ଜାଣିବାକୁ ପାଇଥିଲୁ।

ସନ୍ଧ୍ୟା ଢଳିଯାଉଥିଲା। ଜେଲ ପରିସରରେ ଫୋଟ ଉଠାଇବା ମନା ବୋଲି ଆମେ ଅନେକ ଦୃଶ୍ୟର ଚିତ୍ର ଉତ୍ତୋଳନ କରି ପାରିନଥିଲୁ। କିନ୍ତୁ ଯାହା ସବୁ ଦେଖିଲୁ ତାହା ଆମ ମାନସ ଚିତ୍ରପଟରେ ଆଙ୍କି ହୋଇ ରହିଗଲା। ବାସ୍ତବିକ ପରିସ୍ଥିତିରେ ପଡି ଅପରାଧ କରିଥିବା ବ୍ୟକ୍ତିଟିଏକୁ ଅପରାଧୀର ଉପାଧୀ ଦେଇଦେବା ସହଜ କିନ୍ତୁ ଅପରାଧ କରୁଥିବା ଜଣେ ବ୍ୟକ୍ତିକୁ ସମାଜର ମୁଖ୍ୟ ଧାରାରେ ସାମିଲ କରାଇବା ଏକ କଷ୍ଟକର ବ୍ୟାପାର। ଆଉ ଦିଗପହଣ୍ଡି ଜେଲରେ ଥିବା ସମସ୍ତ କର୍ମଚାରୀ, ଅଧୀକ୍ଷକ ଓ ଚିକିତ୍ସକ ଏହି କାର୍ଯ୍ୟରେ ସଂପୂର୍ଣ୍ଣ ମନୋନିବେଶ କରିଥିବା ଦେଖିବାକୁ ପାଇଥିଲୁ।

ଜେଲ ପରିଦର୍ଶନ କାଳରେ କଏଦୀଙ୍କ ଦ୍ୱାରା ରୋଷେଇ ହୋଇଥିବା ଖୀରି ଖାଇଥିଲୁ, ଏବଂ ଅଧୀକ୍ଷକଙ୍କ ଦ୍ୱାରା ଦିଆଯାଇଥିଲା ସନ୍ଧ୍ୟାସମୟ ପାଇଁ କିଛି ସ୍ନାକସ ଆଉ ଚା'।

ଫେରିବାବାଟରେ ଜେଲର ଫାଟକ ଡେଇଁ ଆସୁଥିବା ସମୟରେ ଅଧୀକ୍ଷକ ଆମକୁ ଦେଖାଇଥିଲେ ସେହି କୋଠରୀ ଯେଉଁଠି କଏଦୀମାନେ ନିଜ ଆତ୍ମୀୟ ପରିଜନଙ୍କୁ ସାକ୍ଷାତ କରୁଥିଲେ।


http://www.imcrew.com/?r=30698

ଅବଶ୍ୟ ଆଜିକାଲି ସେମାନଙ୍କୁ ପାଖାପାଖି ବସି କଥା ହେବାର ସୁଯୋଗ ଦିଆଯାଉଛି ବୋଲି ସେ ଜଣାଇଥିଲେ। ଆଜୀବନ କାରାଦଣ୍ଡ ଭୋଗୁଥିବା କଏଦୀମାନେ ବାର୍ଷିକ କିଛି ଦିନପାଇଁ ପାରୋଲରେ ନିଜ ଘରକୁ ଯାଇ ପୁଣିଥରେ ଜେଲକ ଫେରି ଆସିବା ବ୍ୟବସ୍ଥା ବିଷୟରେ ସେ କହିଥିଲେ। ଶୁଣାଯାଉଛି, ଆଗରୁ ଦୁଇବର୍ଷରେ ଥରେ ଘରକୁ ଯିବାପାଇଁ ଅନୁମତି ମିଳୁଥିଲାବେଳେ ବର୍ତ୍ତମାନ ବାର୍ଷିକ ଦୁଇଥର ଯିବାକୁ ଅନୁମତି ଦିଆଯାଇପାରେ। ସେ ଯା'ହେଉ ଜେଲ ଯେ ଆଉ ଏକ ଦଣ୍ଡର କୋଠରୀ ହୋଇ ରହିନାହିଁ ତାହା ଆମେ ସ୍ଥିର ନିଶ୍ଚିତ ହୋଇସାରିଥିଲୁ। ଜେଲ ଏକ ସଂସ୍କାର ଗୃହ ଯେଉଁଠାରେ ଅପରାଧୀମାନଙ୍କୁ ସୁଧାରିଦିଆଯାଉଛି।

ପୁଣିଥରେ ସେହି ଜେଲକୁ ଯାଇ କଏଦୀମାନଙ୍କୁ କିଛି ଉପହାର ଦେବାର ଯୋଜନା ବର୍ତ୍ତମାନ ଚାଲିଛି। ସମ୍ଭବତଃ ପୁଣିଥରେ ନିକଟ ଭବିଷ୍ୟତରେ ଆମେ ଯାଇପାରୁ। ସେତେବେଳର ଘଟଣା ପୁଣିଥରେ ଲେଖିବି।

# ଆହ୍ୱାନ ଦ୍ୱାରା ଅନୁଷ୍ଠିତ
# ମାଗଣା ଶିଶୁ ସ୍ୱାସ୍ଥ୍ୟ ପରାମର୍ଶ ଶିବିର

ଚଳିତ ବର୍ଷ ଆହ୍ୱାନର ପୁନର୍ଜନ୍ମ ହେଲା, ଏବଂ ଏହି ଉପଲକ୍ଷେ ଆହ୍ୱାନ ଦ୍ୱାରା ପୁଣିଥରେ ସମସ୍ତ ପ୍ରକାରର ସାମାଜିକ ଉନ୍ନତି ମୂଳକ କାର୍ଯ୍ୟମାନ ହାତକୁ ନିଆଯିବ ବୋଲି ଲକ୍ଷ୍ୟଧାର୍ଯ୍ୟ କରାଗଲା। ଏହି ପରିପ୍ରେକ୍ଷୀରେ ଜୁନ ମାସ ୧୯ ତାରିଖ ଦିନ ବ୍ରହ୍ମପୁର ଉପକଣ୍ଠରେ ଥିବା ବଡକୁଶସ୍ଥଳୀ ଗ୍ରାମରେ ଏକ ମାଗଣା ଶିଶୁ ସ୍ୱାସ୍ଥ୍ୟ ପରାମର୍ଶ ଶିବିରର ଆୟୋଜନ କରାଯାଇଥିଲା। ଆହ୍ୱାନର ପ୍ରତିଷ୍ଠାତା ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଉଦ୍ୟମରେ ବ୍ରହ୍ମପୁର ସିଲ୍କସିଟି ଇନ୍ନରହ୍ୱିଲ କ୍ଲବର ସହାୟତାରେ ଏହି ଶିବିର ଆୟୋଜିତ ହୋଇଥିଲା। ଏଥିରେ ରୋଟାରୀ କ୍ଲବର ସଦସ୍ୟ ରୋଟାରିଆନ ଡା ଟି ପ୍ରସନ୍ନ କୁମାର ପାତ୍ର, ଏବଂ ରୋଟାରିଆନ ଡା ତ୍ରିଲୋଚନ ସାହୁ ସମେତ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ





http://www.imcrew.com/?r=30698

ଉପସ୍ଥିତ ରହି ରୋଗୀମାନଙ୍କ ଚିକିତ୍ସା ଏବଂ ପରାମର୍ଶ ପ୍ରଦାନ କରିଥିଲେ।

ଜୁନମାସ ୧୬ ତାରିଖ ଦିନ ବ୍ରହ୍ମପୁର ସିଲ୍କସିଟି ରୋଟାରୀକ୍ଲବର ରଜ ଆସରରେ ଉପସ୍ଥିତ ଇନ୍ନରହ୍ୱିଲ କ୍ଲବର ସଦସ୍ୟାମାନେ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଉ ବୋଲି ମନ୍ତବ୍ୟ ଦେଇଥିଲେ, ଏବଂ ଏହି ସଭାରେ ଉପସ୍ଥିତ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ ତୁରନ୍ତ ଏହାକୁ କାର୍ଯ୍ୟକାରୀ କରିବେ ବୋଲି ପ୍ରତିଶୃତି ଦେଇଥିଲେ। ଏବଂ ମାତ୍ର ଦୁଇଦିନ ମଧ୍ୟରେ ଏହି ଶିବିର ଆୟୋଜିତ ହୋଇପାରିଥିଲା।



ଶନିବାର ସକାଳ ନ'ଟା ସମୟରେ ଶିବିର ଆୟୋଜନ ପାଇଁ ଯିବାପାଇଁ ପ୍ରସ୍ତୁତ ହେଲାବେଳ ସାମାନ୍ୟ ଝିପି ଝିପି ବର୍ଷା ଆମ ସଂଗଠନ ପାଇଁ ଭଗବାନଙ୍କ ଦ୍ୱାରା ପୁଷ୍ପବୃଷ୍ଟି ବୋଲି ମତବ୍ୟକ୍ତ ହୋଇଥିଲା। ସେ ଯା'ହେଉ ନିଷ୍ପତ୍ତି ନିଆଯାଇଥିବା ସମୟରୁ ସାମାନ୍ୟ ବିଳମ୍ବରେ ଆମେ ବଡ କୁଶସ୍ଥଳୀରେ ପହଞ୍ଚିଥିଲୁ। ଏବଂ ଆମପାଇଁ ଅପେକ୍ଷା କରିଥିଲେ ଗାଁର କିଛି ଉତ୍ସାହୀ ଯୁବକ। ଯେଉଁମାନଙ୍କ ମଧ୍ୟରୁ ଅମର ବାବୁଙ୍କୁ ଆମେ ଅଶେଷ ଧନ୍ୟବାଦ ଦେବାକୁ ଚାହୁଁଛୁ। ସେ ଏକା ଏକା ଆମ ଶିବିର ପାଇଁ ସବୁ ପ୍ରକାରର ଆୟୋଜନ କରିଦେଇଥିଲେ। ଏହି ଗାଁର ଜନୈକ ବିଶିଷ୍ଟ ବ୍ୟକ୍ତି ତଥା ସାମ୍ବାଦିକ ବିଘ୍ନେଶ୍ୱର ସାହୁ ଆମକୁ ମୌଖୀକ ଭାବେ ଅନେକ ପ୍ରୋତ୍ସାହନ ଦେଇଥିଲେ।



ଶିବିର ଆରମ୍ଭ ହେବାବେଳକୁ ଗାଁ ଦାଣ୍ଡ ଶୂନଶାନ ଦେଖାଯାଉଥିଲା। ଗାଁରେ ଥିବା ଦୁଇଟି ବିଦ୍ୟାଳୟରେ ଆମେ ସୂଚନା ଦେଇଥିବା ଫଳରେ ଶିବିର ଆୟୋଜନ ହେବାପରେ ପରେ ଶିବିରରେ ଭିଡ ପରିଲକ୍ଷିତ ହୋଇଥିଲା। ମାତ୍ର ପଚାଶ ଜଣ ଶିଶୁଙ୍କୁ ଚିକିତ୍ସା ସୁବିଧା ଯୋଗାଇଦେବାର ବ୍ୟବସ୍ଥା କରିଥିବା ସତ୍ତ୍ୱେ ଆମେ ଶତାଧିକ ରୋଗୀ ଯେଉଁଥିରେ ଶିଶୁ, ଯୁବକ ଓ ପ୍ରୌଢ ରୋଗୀ ବି ସାମିଲ


http://www.imcrew.com/?r=30698



ଥିଲେ ଦେଖିଥିଲୁ । ଅଧିକାଂଶ ରୋଗୀଙ୍କୁ ମାଗଣାରେ ଔଷଧାଦି ମଧ୍ୟ ପ୍ରଦାନ କରିଥିଲୁ। ମହିଳା ରୋଗୀ ତଥା ପ୍ରୌଢ ରୋଗୀମାନଙ୍କୁ ଇଞ୍ଜେକ୍ସନ ଦେବାପାଇଁ ଉପସ୍ଥିତା ବିଶାଖା ସାହୁ ସହାୟତା କରିଥିଲେ। ଅନ୍ୟ ସଦସ୍ୟମାନେ ରୋଗୀ ପଞ୍ଜୀକରଣ, ଔଷଧ ବଣ୍ଟନ ଆଦି କାର୍ଯ୍ୟରେ ନିଜକୁ ନିଯୁକ୍ତି କରିଥିଲେ।



ଶିବିର ଚାଲୁଥିବା ସମୟରେ ସ୍ଥାନୀୟ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀମାନଙ୍କୁ ନେଇ ଆମ ସଂସ୍ଥାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର, ସାଧାରଣ ଜ୍ଞାନ ପ୍ରତିଯୋଗିତା କରିଥିଲେ । ଏଥିରେ କୃତକାର୍ଯ୍ୟ ବିଦ୍ୟାର୍ଥୀମାନଙ୍କୁ ବିସ୍କୁଟ ଓ ଚକୋଲେଟ ଆଦି ଦିଆଯାଇଥିଲା।

ମାତ୍ର ତିନିଘଣ୍ଟାରେ ଆମେ ଶହେରୁ ଅଧିକ ରୋଗୀ ଦେଖିସାରିଥିଲୁ ଏବଂ ପାଞ୍ଚହଜାରରୁ ଊର୍ଦ୍ଧ୍ୱ ଟଙ୍କାର ଔଷଧ ବାଣ୍ଟି ସାରିଥିଲୁ। ରୋଟାରୀ କ୍ଲବର ସଦସ୍ୟମାନଙ୍କ ସହାୟତାରେ ଏହି ଔଷଧ ଆମେ ସଂଗ୍ରହ କରିଥିଲୁ। ଅପରାହ୍ନ ସାଡେ ଗୋଟାଏ ବେଳକୁ ଆମେ ଶିବିର ସମାପ୍ତ କରି ସେହି ଗାଁରୁ ଫେରିଲୁ। ଫେରିବା ବାଟରେ ବ୍ରହ୍ମପୁର ଛତ୍ରପୁର ଜାତୀୟ ରାଜପଥ ପାଞ୍ଚ କଡରେ ଥିବା ମାଣ୍ଡିଆପଲ୍ଲୀର ପ୍ରସିଦ୍ଧ ହନୁମାନ ମନ୍ଦିର ଭ୍ରମଣରେ ଗଲୁ। ସେଠାରେ କିଛି ସମୟ ବିତାଇବାପରେ ମନ୍ଦିରରେ ପ୍ରସ୍ତୁତ ପ୍ରସାଦ ସେବନ କରି ନିଜ ନିଜ ଘରକୁ ଫେରିଥିଲୁ।

ଦୀର୍ଘ ଦୁଇବର୍ଷର ବ୍ୟବଧାନ ପରେ ଆହ୍ୱାନ ଇନ୍‌ଫୋଟେକ ଓଡିଶା ଆନୁକୂଲ୍ୟରେ ଗୋଟିଏ ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ କରିପାରିଥିବାରୁ ବହୁତ ଆନନ୍ଦ ଅନୁଭବ ହେଇଥିଲା। ଆଗାମୀ ଦିନରେ ପୁଣି ଏକ ସ୍ୱାସ୍ଥ୍ୟ ସେବା ଶିବିରର ଆୟୋଜନ କରାଯିବ ବୋଲି ଯୋଜନା କରାଯାଉଛି। ଆଶାକରୁଛି ସେହି ଶିବିର ମଧ୍ୟ ଏହି ଶିବିର ପରି ସଂପୂର୍ଣ୍ଣ ସଫଳ ହେବ।


http://www.imcrew.com/?r=30698

# ଅନୁରୋଧ




http://www.imcrew.com/?r=30698

# ବିଶେଷ ସୂଚନା

ଯଦି ଆପଣ ଆମର ଏହି ପତ୍ରିକାରେ ନିଜସ୍ୱ ଲେଖା ପ୍ରକାଶିତ କରିବାକୁ ଚାହାନ୍ତି, ତେବେ ନିଜସ୍ୱ କୃତୀକୁ ଆପଣ ଆମ ଠିକଣାରେ ପଠାଇ ପାରିବେ । ହାତଲେଖା କୃତୀ ସବୁ ଧଳାକାଗଜରେ ଗୋଟିଏ ପାର୍ଶ୍ୱରେ ନିର୍ମଳ ହସ୍ତାକ୍ଷରରେ ଲେଖା ହୋଇଥିବା ଆବଶ୍ୟକ । ଆପଣଙ୍କ ଲେଖା ଆମ ଠିକଣାରେ ପଠାନ୍ତୁ - ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ, ବୀମା ନଗର, ଆମ୍ବପୁଆ ମୁଖ୍ୟ ରାସ୍ତା, ବ୍ରହ୍ମପୁର, ୭୬୦୦୧୦, ଓଡିଶା, ଫୋନ - ୯୮୬୧୯୬୨୧୬୦, ୯୦୪୦୯୮୫୪୬୩, ୦୬୮୦-୨୪୦୪୧୭୦ । ପ୍ରତ୍ୟେକ ମାସର ତୃତୀୟ ସପ୍ତାହ ସୁଦ୍ଧା ପହଂଚିଥିବା ସମସ୍ତ ଲେଖା ଆସନ୍ତା ମାସର ଆହ୍ୱାନରେ ପ୍ରକାଶିତ ହେବ । ଲେଖା ପଠାଇବା ପୂର୍ବରୁ ଏକାର ଏକକିତା ନକଲ (ଜେରକ୍ସ କପି) ନିଜ ପାଖରେ ରଖନ୍ତୁ । ଅଣପ୍ରକାଶିତ ଲେଖା ଫେରାଇବାର ବ୍ୟବସ୍ଥା ଆମ ପାଖରେ ନାହିଁ ।

ଯଦି ଆପଣ ଚାହୁଁଥାନ୍ତି ତେବେ ନିଜ ଲେଖା କୃତୀକୁ ସ୍କାନ୍ କରାଇ ଇ-ମେଲ୍ ଦ୍ୱାରା ଆପଣ ଆମ ନିକଟକୁ ପଠାଇ ପାରିବେ । ସ୍କାନ୍ କରିବାପରେ ଫୋଟର ଆକାର ସାନ କରିବା ପାଇଁ ସ୍କାନ୍ ହୋଇଥିବା ଫୋଟକୁ ପେଂଟବ୍ରସ୍ ରେ ଖୋଲି ସେଭ୍ ଏଜ୍ କରନ୍ତୁ । ସ୍କାନ୍ ହୋଇଥିବା ଫୋଟକୁ ଆଟାଚମେଂଟ କରି ଆମନିକଟକୁ (aahwaan@gmail.com) ପଠାନ୍ତୁ

ଆପଣଙ୍କ ଲିଖିତ କୃତୀ ଯୋଗ୍ୟ ବିବେଚିତ ହେଲେ ପ୍ରକାଶିତ ହେବ ।

---

# ସଂପର୍କ ସୂତ୍ର

**ଡ ଜ୍ୟୋତି ପ୍ରସାଦ ପଟ୍ଟନାୟକ,**

ଏମ୍ ବି ବି ଏସ୍, ଡି ଏମ୍ ସି ଏଚ୍, ପି ଜି ଡି ଏଚ୍ ଏମ୍

ପ୍ରତିଷ୍ଠାତା, ସଂପାଦକ, ଆହ୍ୱାନ୍

ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡିଶା

ମୋବାଇଲ୍: ୦୯୮୬୧୯୬୨୧୬୦



http://www.imcrew.com/?r=30698

# ବିଜ୍ଞାପନ ସୂଚନା




http://www.imcrew.com/?r=30698

# ବିଜ୍ଞାପନ ମୂଲ୍ୟସୂଚୀ

ଏହି ପତ୍ରିକାରେ ବିଜ୍ଞାପନ ଦେବାପାଇଁ ଆମ ସହିତ ଯୋଗାଯୋଗ କରନ୍ତୁ

୧. ପୁରା ପୃଷ୍ଠା - ୧୦୦୦୦ ଟଙ୍କା
୨. ଅଧା ପୃଷ୍ଠା - ୫୦୦୦ ଟଙ୍କା
୩. ଚଉଥ ପୃଷ୍ଠା - ୨୫୦୦ ଟଙ୍କା
୪. ଉପର ବ୍ୟାନର୍ - ୨୦୦୦ ଟଙ୍କା
୫. ତଳ ବ୍ୟାନର୍ - ୧୫୦୦ ଟଙ୍କା

ବିଜ୍ଞାପନଦାତା ମାନେ ନିଜସ୍ୱ ବିଜ୍ଞାପନ ନିଜେ କରି ଦେଇ ପାରିବେ କିମ୍ୱା ଆମର ଡିଜାଇନ୍ ବିଭାଗ ସହ ଯୋଗାଯୋଗ କରିପାରିବେ । ବିଜ୍ଞାପନ ପାଇଁ ଦେୟ ବିଜ୍ଞାପନ ପ୍ରକାଶହେବା ପୂର୍ବରୁ ଦେବାକୁ ହେବ ।

ବିଜ୍ଞାପନ ଦେବାପାଇଁ ଯୋଗାଯୋଗ କରନ୍ତୁ ।

**advt@aahwaan.com**

Also you can post advertisement on our website www.aahwaan.com. We also undertake advertising campaigns for your business by placing your advertisements on different websites as per your requirements.

For advertisement related queries and requests please send us a mail at advt@aahwaan.com and or aahwaan@gmail.com

For round the clock support you may make a call to 90409 85463 / 97783 44614. Our executives will guide you to make your advertisements.

**Sponsor Link : -**

**http://www.imcrew.com/?r=30698**

**10 $ for Joining Now and 2 $ for referring someone.**



http://www.imcrew.com/?r=30698